ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ବଡ଼ପୁଅ ପ୍ରକାଶ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକ ଖବର ପାଇ ଯାଜପୁର ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ବିଜୟ ଶତପଥୀ, ସମାଜିକ କର୍ମୀ ମିନତି ସାହୁ, ମାଧୁରୀ ଶତପଥୀ, ଧର୍ମଶାଳା ପ୍ରେସକ୍ଲବ ସଭାପତି ରମାକାନ୍ତ ଜେନା, ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ଖବରଦାତା ଅଖିଳ ସ୍ୱାଇଁ, ମାନସ ରଞ୍ଜନ ଜେନା, ସୁବ୍ରତ ଜେନା, ସୁବାସ ଚନ୍ଦ୍ର ରାଉତ, ରୋଟାରି କ୍ଲବ ସଭାପତି ରାଜେନ୍ଦ୍ର ପଲେଇ, କଳାକାର ମହାନ୍ତି, ନିରଞ୍ଜନ ପାଣିଗ୍ରାହୀ, ପ୍ରମୋଦ ସାମଲ, ଇଂ. ସୁକାନ୍ତ କୁମାର ସ୍ୱାଇଁ, ଦୀପକ ଜେନା, ଇନ୍ଦୁପ୍ରଭା ସାମଲ, ପ୍ରଶାନ୍ତ ପୃଷ୍ଟି, ଅନିରୁଦ୍ଧ ରାଉତ, ପ୍ରଫୁଲ୍ଲ ସାହାଣୀ, ଅସିତ ଜେନା, ଅର୍ଜୁନି ଚରଣ ସାହୁ, ଅଧ୍ୟାପକ ଧନେଶ୍ୱର ମହାନ୍ତି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା କେନ୍ଦ୍ର ଲୋକାର୍ପିତ



ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା କେନ୍ଦ୍ର ଲୋକାର୍ପଣ କାର୍ଯ୍ୟକ୍ରମକୁ ଅତିଥି ଉନ୍ମୋଚନ କରୁଛନ୍ତି ।

**ଚଣ୍ଡିଖୋଲ,୩।୬(ପ୍ରଦୀପ୍ତ କୁମାର ପୃଷ୍ଟି):**

ରାଜ୍ୟ ସଡ଼କ ପରିବହନ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଚଣ୍ଡିଖୋଲ ଆରଟିଓ ଅଧୀନ ମହାବିନାୟକ ମନ୍ଦିର ନିକଟ ଭୂଷଣ୍ଡପୁର ମୋଟର ଯାନଚାଳକ ପରୀକ୍ଷଣ କେନ୍ଦ୍ରଠାରେ ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା କେନ୍ଦ୍ର ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାର୍ପଣ କରିଛନ୍ତି। ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ପିତ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁ ଓଡ଼ିଶା ଆଜି ପ୍ରଗତି ପଥରେ ଆଗେଇ ଚାଲିଛି ବୋଲି କହିଥିଲେ। ଏଥିସହିତ ଦୁର୍ଘଟଣା ମୁକ୍ତ ଗାଡ଼ି ଚାଳନା, ଦକ୍ଷଚାଳକ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇ ସଡ଼କ ସୁରକ୍ଷା ଜନିତ ସମସ୍ତ ନିୟମ ମାନିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ପରିବହନ ଯୁଗ୍ମ କମିଶନର ସମରେନ୍ଦ୍ର ପଟ୍ଟନାୟକ, ବଡ଼ଚଣା ବିଡିଓ ରବୀନ୍ଦ୍ର ପ୍ରଧାନ, ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା, ଟ୍ରାଫିକ ଇନ୍ସପେକ୍ଟର ଯୁଗଳ ଟିରିଆ, ଭାଜପା ଜିଲା ସଭାପତି ଦେବଯାନୀ ପ୍ରଧାନଙ୍କ ସମେତ ଚଣ୍ଡିଖୋଲ ଘରୋଇ ବସ ମାଲିକ ସଙ୍ଘ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ କମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରଇପୁରର ଡାକ୍ତରୀ ଛାତ୍ରୀ ମନସ୍ୱିନୀ ସାହୁ ନିଜର ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷାରେ କୃତିତ୍ୱର ସହ ସଫଳ ହୋଇଥିଲେ। ସେ ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଭାସୀ ମାଧ୍ୟମରେ କଥା ହୋଇଥିଲ। ପରେ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ବିଭିନ୍ନ ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା।

## ପ୍ରଧାନଶିକ୍ଷକଙ୍କ ଅକାଳ ବିୟୋଗ

**କାଳିଆପାଣି,୩।୬(ଅସିତ ମହାନ୍ତ):**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ବାଘବାହାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଲେନ ବାନେରା(୫୦)ଙ୍କ ଗତ ୧ତାରିଖରେ ଅକାଳ ବିୟୋଗ ହୋଇଯାଇଛି। ସେ ଜଣେ କର୍ମଠ, ମିଷ୍ଟଭାଷୀ, ଛାତ୍ରବତ୍ସଳ ଓ ମେଳାପୀ ଶିକ୍ଷକ ଥିଲେ। ଦୀର୍ଘ ଦିନ ହେବ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ମରଶରୀର ତାଙ୍କ ଗ୍ରାମ ଗୋବରଘଟି ପଞ୍ଚାୟତର ବେଲହରି ଗ୍ରାମକୁ ଆଣାଯାଇଥିଲା। ସେଠାରେ ତାଙ୍କ ଆତ୍ମୀୟ ସ୍ୱଜନ, ପୁରାତନ ଛାତ୍ର ଓ ସହ କର୍ମୀମାନେ ଅନ୍ତିମ ଦର୍ଶନ କରିଥିଲେ। ସୁକିନ୍ଦା ବିଇଓ ନାରାୟଣ ଦାସ, ଏବିଇଓ ଗୋବର୍ଦ୍ଧନ ପ୍ରଧାନ ଓ ୧୧କ୍ଲଷ୍ଟରର ସିଆରସି ତାଙ୍କ ବାସଭବନରେ ପହଞ୍ଚି ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନ୍ତେଷ୍ଟିକ୍ରିୟା ପାଇଁ ତାଙ୍କ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟର ସଫଳତା

**ପାଣିକୋଇଲି,୩।୬(ବିକାଶ ମଲ୍ଲିକ):**

ପାଣିକୋଇଲିସ୍ଥିତ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ରସାୟନ ବିଜ୍ଞାନର ଛାତ୍ର ଆଲୋକ ରଞ୍ଜନ ମହାପାତ୍ର କଲେଜ ଟପ୍ପର ହେବା ସହ ବିଜ୍ଞାନ ବିଭାଗ ଟପ୍ପର ହୋଇଛନ୍ତି। କଳା ବିଭାଗରେ ଓଡ଼ିଆ ଅନର୍ସ ଛାତ୍ରୀ ଦିପ୍ତୀପ୍ରଭା ସ୍ୱାଇଁ ଟପ୍ପର ହୋଇଥିବାବେଳେ ବାଣିଜ୍ୟ ବିଭାଗରେ ପୁଣ୍ୟବ୍ରତ ପଣ୍ଡା ଟପ୍ପର ହୋଇ କଲେଜକୁ ଗୌରାବାନ୍ୱିତ କରିଛନ୍ତି। ସେହିପରି ସଂସ୍କୃତ ସମ୍ମାନରେ ପ୍ରିୟଙ୍କା ପ୍ରଧାନ, ଇଂଲିଶରେ ବିଶ୍ୱମିତ ନାୟକ, ଓଡ଼ିଆରେ ଦିପ୍ତୀପ୍ରଭା ସ୍ୱାଇଁ, ରାଜନୀତି ବିଜ୍ଞାନରେ ବିଦ୍ୟୁତ୍ସ୍ମିତା ବାରିକ, ଇତିହାସରେ ଶ୍ରୀମତୀ ସାହୁ, ବାଣିଜ୍ୟରେ ପୁଣ୍ୟବ୍ରତ ପଣ୍ଡା, ରସାୟନ ବିଜ୍ଞାନରେ ଆଲୋକ ରଞ୍ଜନ ମହାପାତ୍ର, ଉଦ୍ଭିଦ ବିଜ୍ଞାନରେ ଖୁସନୁମା ତବସୁମ, ଗଣିତରେ ଟିଙ୍କିଲି ସ୍ୱାଇଁ, ପଦାର୍ଥ ବିଜ୍ଞାନରେ ସାଗର କୁମାର ସ୍ୱାଇଁ, ଜୀବ ବିଜ୍ଞାନରେ ପ୍ରିୟଙ୍କା ପ୍ରୀୟଦର୍ଶିନୀ ବାରିକ ପ୍ରମୁଖ ବିଭାଗୀୟ ଟପ୍ପର ହୋଇଛନ୍ତି।

# ଆଧ୍ୟାତ୍ମିକ ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ରସୁଲପୁର,୩।୬(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ଡିହକୁରାଂଶସ୍ଥିତ ଚନ୍ଦନେଶ୍ୱରଙ୍କ ପୀଠରେ ଶୀତଳଷଷ୍ଠୀ ଅବସରରେ ଶିବ ପାର୍ବତୀ ବିବାହ ଉତ୍ସବ ଉପରେ ଆଧାରିତ ଏକ ଆଧ୍ୟାତ୍ମିକ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏନେଇ ଆୟୋଜିତ ଏକ ଉତ୍ସବରେ ଚନ୍ଦନେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି କୈଳାସ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଜିତେନ୍ଦ୍ର କୁମାର କର, ସମ୍ମାନିତ ଅତିଥି ଭାବରେ କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଶିକ୍ଷାବିତ୍ ପ୍ରଭାକର ସାହୁ, ଅଜୟ କୁମାର ମଲ୍ଲିକ, ଦୈତାରୀ ଜେନା, କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଶିବପାର୍ବତୀଙ୍କ ବିବାହ ଉତ୍ସବର ମାହାତ୍ମ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଏଠାରେ ଉନ୍ମୋଚିତ ହୋଇଥିବା ପୁସ୍ତକରେ ଏ ସମ୍ପର୍କରେ ବିଶଦ ଭାବରେ ଉଲ୍ଲେଖ କରାଯାଇଛି ବୋଲି କହିଥିଲେ। ପୁସ୍ତକର ଲେଖକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଖୁଣ୍ଟିଆଙ୍କ ଲେଖା ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିବା ମଞ୍ଚରେ ଅତିଥି କହିବା ସହ ତାଙ୍କୁ ପ୍ରଶଂସା କରିଥିଲେ।

# ମା'ପୁଅଙ୍କୁ ମରଣାନ୍ତକ ଆକ୍ରମଣ

**ପାଣିକୋଇଲି, ୩।୬(ବିକାଶ ମଲ୍ଲିକ):**

ଜଣେ ବ୍ୟକ୍ତି ନିଶାସକ୍ତ ହୋଇ ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପାଣିକୋଇଲି ଥାନା ଅମୃତିଆ ଗ୍ରାମର ପ୍ରଭାକର ରଣାଙ୍କ ସ୍ତ୍ରୀ ଜୟନ୍ତୀ ରଣାଙ୍କ ଅଭିଯୋଗ ମୁତାବକ, ତାଙ୍କର ୧୫ ବର୍ଷ ତଳେ ପ୍ରେମ ବିବାହ ହୋଇଥିଲା। ତାଙ୍କ ଝିଅ (୧୫) ଓ ପୁଅ ୧୦ ବର୍ଷର ଅଛନ୍ତି। ଅନେକ ସମୟରେ ପ୍ରଭାକର ନିଶାସକ୍ତ ହୋଇ ଆସି ତାଙ୍କୁ ମାରପିଟ କରନ୍ତି। କିନ୍ତୁ ପିଲାଙ୍କ ମୁହଁକୁ ଚାହିଁ ଜୟନ୍ତୀ ସବୁ ଭୁଲି ଘରେ ରୁହନ୍ତି। ମାତ୍ର ଦିନକୁ ଦିନ ପ୍ରଭାକରଙ୍କ ଅତ୍ୟାଚାର ବଢି ଚାଲିଲା। ଗତ ୩୧ ତାରିଖରେ ପ୍ରଭାକର ନିଶାସକ୍ତ ଅବସ୍ଥାରେ ଘରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳି ଆରମ୍ଭ କରିଥିଲେ। ପରେ ଜୟନ୍ତୀଙ୍କୁ ଏକ ପ୍ଲାଷ୍ଟିକ ପାଇପରେ ବାଡ଼େଇ କ୍ଷତାକ୍ତ କରିଥିଲେ। ଏଥି ସହିତ ପୁଅ ତଣ୍ଟି ଚିପି ଦେଇଥିଲେ। ଫଳରେ ଆହତ ହୋଇ ଜୟନ୍ତୀ ନିଜ ପିଲାଙ୍କ ଜୀବନ ପ୍ରତି ବିପଦ ଦର୍ଶାଇ ଥାନାର ଆଶ୍ରୟ ନେଇଥିଲେ।

# ନକଲି ଉପାଧି, ପୁରସ୍କାରକୁ ବିରୋଧ

**ଯାଜପୁର,୩।୬(ହର୍ଷବର୍ଦ୍ଧନ ବେହେରା) :**

ରାଜ୍ୟରେ ବିଭିନ୍ନ ସରକାରୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ନକଲି ପ୍ରମାଣ ପତ୍ର ଦେଇ କେତେଜଣ ଯୁବକ ଚାକିରି କରୁଥିବା ପୂର୍ବରୁ ବହୁ ଅଭିଯୋଗ ହୋଇଛି। ପୁଣି ଏଥିରେ ଯୋଡି ହୋଇଛି ନକଲି ଡକ୍ଟରେଟ ଉପାଧି, ଏକ୍ସେଲେନ୍ସି, ପୁରସ୍କାର ଇତ୍ୟାଦି। ଶ୍ରଦ୍ଧା, ସାଧନା ଓ ଯୋଗ୍ୟତା ନ ଥାଇ ଚଞ୍ଚକତା କରି ଏଭଳି ପ୍ରମାଣପତ୍ର ଯୋଗାଡ଼ କରୁଥିବା ନେଇ ଅଖିଳ ଚକ୍ର ପକ୍ଷରୁ ଅଭିଯୋଗ ହୋଇଛି।

ଆଭାସୀ ଜରିଆରେ ମଙ୍ଗଳବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ବିତର୍କରେ ଅଂଶ ଗ୍ରହଣ କରି ବିଶିଷ୍ଟ ଗବେଷକ ପଣ୍ଡିତ ମହେଶ୍ୱର ନନ୍ଦ କହିଛନ୍ତି, ସାମାଜିକ ସ୍ରୋତକୁ ବାରମ୍ବାର ବ୍ୟାଘାତ କରୁଥିବା ବ୍ୟକ୍ତିମାନଙ୍କୁ ସରକାର ଚିହ୍ନଟ କରି ଅପରେଶନ କମ୍ବଳ ମାଧ୍ୟମରେ ପର୍ଦ୍ଦାଫାସ କରିବା ଉଚିତ। ସଂସ୍କୃତି ଗବେଷକ ଜ୍ଞାନରଞ୍ଜନ ପତି କହିଛନ୍ତି, ଅସଫଳ ବ୍ୟକ୍ତି ନିଜ ଯୋଗ୍ୟତାକୁ ଜ୍ଞାନ ମାର୍ଗରେ ପ୍ରତିପାଦନ ନ କରି ଧନ ଦ୍ୱାରା ନିରର୍ଥକ ଉପାଧିକୁ ନିଜ ନାମ ସହ ଯୋଡିବା ଏକ ଅପପ୍ରୟାସ । ଗବେଷକ ହରିଶ୍ଚନ୍ଦ୍ର ମହାରଣା କହିଛନ୍ତି, ଯୋଗ୍ୟତା ନ ଥିବା ପୁରସ୍କୃତ ବ୍ୟକ୍ତିଙ୍କୁ ଆମେ ବାରମ୍ବାର ପ୍ରଶ୍ନ ପଚାରିଲେ ସେମାନଙ୍କ ଅଭ୍ୟାସକୁ ବଦଳାଇ ଦିଆଯାଆନ୍ତା। କବି ଧନେଶ୍ୱର ରାଉତ କହିଲେ, ଉପାଧି, ପୁରସ୍କାର ପ୍ରଦାନ କରୁଥିବା ସଂସ୍ଥା ବା ପ୍ରତିଷ୍ଠାନ ବୌଦ୍ଧିକ ଭ୍ରଷ୍ଟାଚାର ପାଇଁ ଦାୟୀ । ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀହରି ଧଳ କହିଛନ୍ତି, ପୁରସ୍କାର, ସମ୍ମାନର ମର୍ଯ୍ୟାଦା ଆଜି ଯଦି କ୍ଷୁର୍ଣ୍ଣ ହୋଇଥାଏ ତେବେ ସେଥିପାଇଁ ଲେଖକମାନେ ଦାୟୀ। ଏହା ବ୍ୟତୀତ ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନାରେ କହିଲେ ଯେ ଯେଉଁ ବିଦେଶୀ ସଂସ୍ଥା ଓ ସାଂସ୍କୃତିକ ସଙ୍ଗଠକ ବୌଦ୍ଧିକ ସମ୍ପତ୍ତିକୁ ନେଇ ବ୍ୟବସାୟୀକରଣ କରିଛନ୍ତି ସେମାନଙ୍କୁ ସାମାଜିକ ଅପରାଧି ବୋଲି ବିବେଚନା କରି ସରକାରଙ୍କ ପକ୍ଷରୁ ଦଣ୍ଡ ଆଇନ ପ୍ରଣୟନ କରାଯିବା ଆବଶ୍ୟକ କରୁଛି।

ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ କବି ଶରତକୁମାର ନାୟକ, ଅକ୍ଷୟ କୁମାର ସେଠୀ, ରଶ୍ମୀରେଖା ମିଶ୍ର, ମଞ୍ଜୁଳା କର, ମୀନାକ୍ଷୀ ଦ୍ୱିବେଦୀ, ଖରସ୍ରୋତା ପୁସ୍ତକମେଳାର ସଭାପତି ପଦ୍ମାକର ଗୁରୁ, ବିଭୂତି ରଂଜନ ସାହୁ, କବି ଦୂର୍ଗା ପ୍ରସାଦ ଷଡ଼ଙ୍ଗୀ, କବୟିତ୍ରୀ ବ୍ରଜେଶ୍ୱରୀ ସିଂହ, ଚନ୍ଦ୍ର ଶେଖର ବେହେରା, କବି ସନ୍ତୋଷ ବେଉରିଆ, ଜୟନ୍ତୀ ଜେନା, କବି ବନମାଳୀ ସେନାପତି, ନିରୂପମା ପଣ୍ଡା, ଜୀତେନ୍ଦ୍ର କୁମାର ବେହେରା, ଖବରଦାତା ଅଜୟ କୁମାର ଦାସ, ସାମାଜିକ କର୍ମୀ ସତ୍ୟ କର, ଅଟଳବିହାରୀ ନାୟକ, ଅମିତାଭ ଜେନା, ଗୌରାଙ୍ଗ ସ୍ୱାଇଁ, ରବୀନ୍ଦ୍ର କୁମାର ପରିଡା, ଶାନ୍ତନୁ କୁମାର ଧଳ ପ୍ରମୁଖ ସୁଚିନ୍ତିତ ମତାମତ ଦେଇ ଏହା ବିପକ୍ଷରେ ସ୍ୱର ଉଠାଇଛନ୍ତି।

# ସରକାରୀ ଜବରଦଖଲକାରୀଙ୍କୁ ନୋଟିସ

**ରସୁଲପୁର,୩।୬(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଁଥ ପଞ୍ଚାୟତର ମଧୁବନ ହାଟ ଅଞ୍ଚଳରେ ଥିବା ସରକାରୀ ଜମି ଜବରଦଖଲ ହେଉଛି। ଏନେଇ ରସୁଲପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ ହେବା ପରେ ତହସିଲଦାର ସିର୍ଦ୍ଧାର୍ଥ କୁମାର ବେହେରା ତଦନ୍ତକରି ଜବରଦଖଲକାରୀଙ୍କୁ ନୋଟିସ ଜାରି କରିଛନ୍ତି। ମଧୁବନ ଆର୍‌ଆଇ ଲକ୍ଷ୍ମୀପ୍ରିୟା ପାତ୍ର ହାଟ ଅଞ୍ଚଳରେ ଜବରଦଖଲ କରି ଗୃହ ନିର୍ମାଣ କରୁଥିବା ୬ଜଣଙ୍କୁ ନୋଟିସ ଦେଇଛନ୍ତି। ଏଥିସହ ବେଆଇନ ନିର୍ମାଣ ହେଉଥିବା ସ୍ଥାନରେ ନୋଟିସ ଝୁଲାଇଛନ୍ତି। ଜବରଦଖଲକାରୀ ନିର୍ମାଣ କାର୍ଯ୍ୟ ବନ୍ଦ ନକଲେ ସେମାନଙ୍କ ବିରୋଧରେ ତହସିଲ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ବେହେରା ସୂଚନା ଦେଇଛନ୍ତି।

ପ୍ରକାଶଥାଉ କି, ମଧୁବନ ହାଟ ଅଞ୍ଚଳରେ ବହୁ ସରକାରୀ ଜମି ଯଥା, ବଗାୟତ, ଜଙ୍ଗଲଜମି, ଗୋଚର, ସ୍ମଶାନ ଆଦି କିସମର ଜିମିକୁ ସ୍ଥାନୀୟ ଅଞ୍ଚଳର ପ୍ରଭାବଶାଳୀ ବ୍ୟକ୍ତିମାନେ ଜବରଦଖଲ କରିଆସୁଛନ୍ତି। ଜବରଦଖଲକାରୀ ସରକାରୀ ଜମିରେ ସ୍ଥାୟୀ ବାସଗୃହ, ଦୋକାନଘର ଆଦି ନିର୍ମାଣ କରି ବସବାସ କରିବା ସହ ବ୍ୟବସାୟ କରୁଥିବା ଦେଖାଯାଉଛି। ଏନେଇ ଏପ୍ରିଲମାସରେ ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ତହସିଲଦାର ୧୭ ମେ,୨୦୨୫ରେ ତହସିଲଦାର ତଦନ୍ତ ପାଇଁ କ୍ଷେତ୍ର ପରିଦର୍ଶନ କରିଥିଲେ। ତଦନ୍ତବେଳେ ସରକାରୀ ଜମି ଜବରଦଖଲ ହେଉଥିବା ଜଣାପଡ଼ିଥିଲା। ଜବରଦଖଲକାରୀ ସରକାରୀ ଜମିରେ ପକ୍କାଘର ନିର୍ମାଣ କରୁଥିବା ତହସିଲଦାର ବେହେରା ଦେଖିବାକୁ ପାଇଥିଲେ। ଉକ୍ତ ବେଆଇନ ନିର୍ମାଣକୁ ତୁରନ୍ତ ବନ୍ଦ କରିବା ପାଇଁ ତହସିଲଦାର ଜବରଦଖଲକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ତହସିଲଦାର ଓ ଜବରଦଖଲକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ତହସିଲଦାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ଜବରଦଖଲକାରୀ ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ।



ଆର୍‌ଆଇ ଏକ ଘରେ ନୋଟିସ ଲଗାଉଛନ୍ତି ।

# ପୁରୁଣା ନକ୍ସାରେ ବ୍ରାହ୍ମଣୀ ଧାର, ଏବେ ଘରବାରି

ପଟ୍ଟାମୁଣ୍ଡାଇ, ୩।୬ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଦେଇ ପ୍ରବାହିତ ଗୋବରୀ ନଦୀ ପ୍ରଶାସନର ଅବହେଳାରୁ କ୍ରମଶଃ ପୋତି ହୋଇ ଜବରଦଖଲକୁ ଚାଲି ଯାଇଛି। ଜବରଦଖଲକାରୀ ତହସିଲରେ ବେଆଇନ ଭାବେ ନଦୀ କିସମକୁ ବଦଳାଇ ଜମି ଏବଂ ରଖିତ କିସମରେ ପରିବର୍ତ୍ତନ କରି ଏବେ କୋଠାବାଡ଼ି କରି ବିକ୍ରି କରିଚାଲିଛନ୍ତି। ଫଳରେ ଗୋବରୀ ନଦୀ ଉପରେ ନିର୍ଭର କରୁଥିବା ଉଭୟପାର୍ଶ୍ୱର ବହୁ ହଜାର ଏକର ଉର୍ବର ଚାଷଜମି ପାଣି ବିନା ପଡିଆ ପଡୁଛି। ଏ ନେଇ ଗତ ଫେବୃଆରୀ ୧୪ରେ ଧରିତ୍ରୀ ଉପକୂଳ ସଂସ୍କରଣରେ ଖବର ପ୍ରକାଶ ପାଇବା ପରେ ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରା ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ ଦାଖଲ କରିଥିଲେ। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଅଭିଯୋଗକୁ ଏଡ଼ାଇବାକୁ ଯାଇ ଗୋବରୀ ନଦୀର କେତେକାଂଶର ପଠା ଜବରଦଖଲ ହୋଇଥିବା ଦର୍ଶାଇଛନ୍ତି, ଯାହାକୁ ନେଇ ଉତ୍କଳମଣି ଯୁବକ ସଂଘ ସଭାପତି ବେହେରା, ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ କ୍ଷୋଭ ପ୍ରକାଶ କରିବା ସହ ପ୍ରଶାସନର ଏପରି ଭାବାବେଗକୁ ତୀବ୍ର ନିନ୍ଦା କରିଛନ୍ତି।

ସୂଚନାଯୋଗ୍ୟ, ୧୮୬୦ ମସିହା ବ୍ରିଟିଶ ଅମଳରେ ଚିରସ୍ରୋତା ବ୍ରାହ୍ମଣୀ ନଦୀ ସହିତ ଗୋବରୀ ନଦୀ ସଂଯୋଗ ଥିଲା। ୧୮୬୮ ନଅଙ୍କ ଦୁର୍ଭିକ୍ଷ ପରେ ବ୍ରିଟିଶ ସରକାର ଉପକୂଳ ଅଞ୍ଚଳକୁ ବନ୍ୟା ଦାଉରୁ ରକ୍ଷା କରାଇବାକୁ ଦଶହଜାରୀ ବନ୍ଧ ସହିତ ଚାଷଜମିକୁ ଜଳସେଚନ ପାଇଁ ପଟ୍ଟାମୁଣ୍ଡାଇ କେନାଲ ନିର୍ମାଣ କରିଥିଲେ। ସେତେବେଳେ ବ୍ରାହ୍ମଣୀ–ଗୋବରୀ ସଂଯୋଗ ପଥରେ ଏକ ସାଇଫନ ନିର୍ମାଣ କରି ଗୋବରୀ ଦେଇ ନୌବାଣିଜ୍ୟ ଓ ଚାଷଜମିକୁ ଜଳସେଚନ କରାଯାଉଥିଲା। ସାଇଫନ ଉପରି ଭାଗ କେନାଲ ଥିବାବେଳେ ନିମ୍ନଭାଗରେ ବ୍ରାହ୍ମଣୀ–ଗୋବରୀ ସଂଯୋଗ ପଥ ଥିଲା। ୧୯୬୦ ପୂର୍ବରୁ ଚିରସ୍ରୋତା ଗୋବରୀ ନଦୀରେ ମଧ୍ୟ ନୌବାଣିଜ୍ୟ ହେଉଥିଲା। ମାତ୍ର ୭୦ ଦଶକ ବେଳକୁ ପ୍ରଶାସନ ଅବହେଳା କାରଣରୁ ସାଇଫନ ପୋତି ହୋଇ ନଷ୍ଟ ହୋଇଗଲା। ପର୍ଯ୍ୟାୟକ୍ରମେ ଗୋବରୀ ନଦୀ କ୍ରମଶଃ ପୋତି ହୋଇ ଜବରଦଖଲକୁ ଚାଲିଗଲା। ହେଲେ ୮୦ ଦଶନ୍ଧି ପରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କୁ ହାତ କରି ବିନା ସରକାରୀ ନିର୍ଦ୍ଦେଶରେ ନଦୀ କିସମକୁ ପରିବର୍ତ୍ତନ କରି ନିଜ ନାମକୁ କବଲା କରି ନେଇଗଲେ। ଘଟଣା ପଦାକୁ ଆସିବା ପରେ ତତ୍କାଳୀନ କଟକ ଜିଲାପାଳ ତଦନ୍ତ କରି ରିପୋର୍ଟ ଦେବାକୁ ସେତେବେଳର କେନ୍ଦ୍ରାପଡ଼ା ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେତେବେଳର ଉପଜିଲାପାଳ ଏହାର ତଦନ୍ତ କଲେ ନାହିଁ କି ରିପୋର୍ଟ ମଧ୍ୟ ଦେଲେନାହିଁ। ହେଲେ ଜମି ରେଜେଷ୍ଟ୍ରି ବନ୍ଦ କରାଇବା ପାଇଁ ସବ୍‌ରେଜିଷ୍ଟ୍ରାରଙ୍କ ପାଖକୁ ଯିବାକୁ ଥିବା ଚିଠିକୁ ମଧ୍ୟ ଚାପି ଦେଇଥିଲେ। ଫଳରେ କେତେଜଣ ପ୍ରଭାବଶାଳୀ ଲୋକ ନଦୀ ଜମିକୁ ନିଜ ନାମକୁ କରିନେବାରେ ସକ୍ଷମ ହେଲେ। ଯାହା ଏବେ ଭୂ-ନକ୍ସାରେ ରଖିତ, ଘରବାରି ହୋଇଥିବାବେଳେ ପୁରୁଣା ନକ୍ସାରେ ବ୍ରାହ୍ମଣୀ ଧାର ରହିଛି ବୋଲି କେତେଜଣ ପୁରୁଖା ବୁଦ୍ଧିଜୀବୀ ନିଜ ନାମ ଗୋପନ ରଖି କହିଛନ୍ତି।

ଉତ୍କଳମଣି ଯୁବକ ସଂଘ ସଭାପତି ବେହେରା କହିଛନ୍ତି, ରାଜ୍ୟର ଦ୍ୱିତୀୟ ବୃହତ୍ତମ ଜଳପଥ ଭାବେ କେନ୍ଦ୍ରାପଡ଼ା ଜିଲା ପରିଚିତି ଲାଭ କରିଛି। ଜଳପଥଗୁଡ଼ିକର ସର୍ବେକ୍ଷଣ ଲାଗି ୨୦୦୮ରେ ଜାତୀୟ ଜଳପଥ ଯୋଜନା-୫ ଘୋଷଣା କରାଯାଇଥିଲା। ମାତ୍ର ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଜାତୀୟ ଜଳପଥ ଯୋଜନା ଅନୁଯାୟୀ, ବ୍ରାହ୍ମଣୀ ନଦୀକୁ ଗୋବରୀ ସହ ସଂଯୋଗ କରାଇବା ପାଇଁ ଡିଏଲ୍‌ସି ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଯଦି ତାହା କାର୍ଯ୍ୟକାରୀ ହୁଏ ତେବେ ଗୋବରୀ–ବ୍ରାହ୍ମଣୀ ସଂଯୋଗ ପଥରେ ଇନ୍‌ଡୋର ଷ୍ଟାଡିୟମ ସହିତ ଦୂରସଞ୍ଚାର କାର୍ଯ୍ୟାଳୟ ସମେତ ବ୍ଲକ, ଆର୍‌ଡି, ସମେତ ବହୁ ସରକାରୀ, ବେସରକାରୀ ଜବରଦଖଲ କୋଠା ନଷ୍ଟ ହୋଇଯିବ। ହେଲେ ଜଳପଥ କର୍ଯ୍ୟକାରୀ ହେଲେ ବହୁ ଚାଷୀ ଉପକୃତ ହେବା ସହ ଭୂତଳ ଜଳସ୍ତର ବଢିବ। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ସ୍ଥାନୀୟ ପ୍ରଶାସନର ଦୂରଦୃଷ୍ଟି ଅଭାବ ଓ ସରକାରୀ କାର୍ଯ୍ୟରେ ଅବହେଳାରୁ ଗୋବରୀ ନଦୀରେ କଂକ୍ରିଟ ଜଙ୍ଗଲ ଗଢ଼ି ଉଠୁଥିବା ବେଳେ ଚାଷ ଜମି ପଡ଼ିଆ ପଡୁଛି। ମାତ୍ର ବାରମ୍ବାର ପୁନରୁଦ୍ଧାର ନାମରେ ବହୁ କୋଟି ଟଙ୍କା ବ୍ୟୟ କରାଯାଇ ଲୋକଦେଖାଣିଆ କାର୍ଯ୍ୟ କରାଯାଇଛି; ଯାହା ଜନମଙ୍ଗଳରେ ନ ଲାଗି ଅମଙ୍ଗଳ ହେଉଛି। ଏ ନେଇ ଡ୍ରେନେଜ ବିଭାଗ ଏସ୍‌ଡିଓ ଧୀରେନ୍ଦ୍ର କୁମାର ଜେଠୀଙ୍କୁ ପଚାରିବାରେ ଆସନ୍ତା ଡିସେମ୍ବର ବେଳକୁ ପୁରୁଣା ଗୋବରୀ ଖୋଦେଇ ହେବ। ଚଳିତ ମାସରେ ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ନିବେଦନ କରିଛୁ।


ଗୋବରୀ ନଦୀ ଭିତରେ ଘର।


E-mail-tahasil_pattamundai@yahoo.co.in
At/Po/Ps. – Pattamundai, Dist. – Kendrapara, Pin – 754215.
OFFICE OF THE TAHASILDAR, PATTAMUNDAI.
Letter No. 3128 /Dt. 16.05.25.
To
The Collector & District Magistrate,
Kendrapara
Sub:- Submission of Grievance Petition filed by Utkalmani Yubak Sangha of Pattamundai,Dist-Kendrapara,Odisha
Sir
In inviting a reference to the letter on the subject cited above, I am to submit herewith the action taken report on the grievance petition filed by Utkalmani Yubak Sangha of Pattamundai,Dist-Kendrapara,Odisha. I am to say that the petitioner has stated in his petition that the kisam of Gobari Nadi river embankment has been changed from Nadi kisam to Gharabari kisam under Pattamundai Tahasil. I am to inform you that there is no provision or rule to change Gobari Nadi kisam to Gharabari Kisam under Revenue Deptt. So,there is no conversation happened under this Tahasil regarding this. Yes,on the spot visit it is seen that some people encroached the Gobari Nadi river bank and illegally living there. The eviction notice has been sent to the encroachers. The encroached land will be vacated soon.Hence the case is disposed off.
This is for favour of kind information and necessary action.
Yours faithfully
Tahasildar,Pattamundai
Tahasildar
ମୁଖ୍ୟମନ୍ତ୍ରୀଙ୍କ ଇ-ଅଭିଯୋଗ ଶୁଣାଣିର ଉତ୍ତର ରଖିଛନ୍ତି ତହସିଲଦାର।

**ଗୋବରୀ ନଦୀ କିସମ ପରିବର୍ତ୍ତନ କରି ବିକ୍ରି**

- ଉତ୍କଳମଣି ଯୁବକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ
- ଅଭିଯୋଗକୁ ଏଡ଼ାଇଲା ଜିଲା ପ୍ରଶାସନ

# ସମୁଦ୍ରକୁ ଯିବା ପୂର୍ବରୁ ମତ୍ସ୍ୟଜୀବୀଙ୍କ ମା' ଗଙ୍ଗାଦେବୀଙ୍କୁ ପୂଜା


ପେଟଛେଲାରେ ମା' ଗଙ୍ଗାଦେବୀଙ୍କ ପୀଠରେ ପୂଜାର୍ଚ୍ଚନା।

ମହାକାଳପଡ଼ା, ୩।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ପାରମ୍ପରିକ ମତ୍ସ୍ୟଜୀବୀ କଟକଣା ହଟିବା ପରେ ଜୁନ୍ ୧୫ରେ ସମୁଦ୍ରକୁ ମାଛ ଧରିବାକୁ ଯିବେ। ଏହା ପୂର୍ବରୁ ସେମାନେ ମା' ଗଙ୍ଗା ଦେବୀଙ୍କୁ ଆରାଧନା କରିଛନ୍ତି। କାରଣ ସମୁଦ୍ରର ରକ୍ଷାକର୍ତ୍ତା ମା' ଗଙ୍ଗା ଦେବୀ। ବିପଦଆପଦ ବେଳେ ମା' ସେମାନଙ୍କୁ ରକ୍ଷା କରନ୍ତି ବୋଲି ବିଶ୍ୱାସ ରହିଛି। ରଜପର୍ବ ପରେ ନିଜ ନିଜର ଡଙ୍ଗା, ବୋଟ୍ ନେଇ ମତ୍ସ୍ୟଜୀବୀ ସମୁଦ୍ରରେ ସପ୍ତାହରୁ ୨ ସପ୍ତାହ ପର୍ଯ୍ୟନ୍ତ ରହି ଜାଲ ବସାଇ ମାଛ ଧରିଥାନ୍ତି। ଗଭୀର ସମୁଦ୍ରରେ କୌଣସି ବିପଦ ସୃଷ୍ଟି ହେଲେ ମା' ଗଙ୍ଗା ଦେବୀ ଡଙ୍ଗା ମଙ୍ଗରେ ରହି ଆମକୁ ରକ୍ଷାକରନ୍ତି ବୋଲି ପେଟଛେଲା, ଜମ୍ବୁ, ବଟିଘର, ରାମନଗର, ବଉଳକଣି, ସୁନୀତି, ତନ୍ତିଆପାଳ, ଶାସନ, କଣ୍ଡରାପାଟିଆ, କଜଳପାଟିଆ ଅଞ୍ଚଳର ମତ୍ସ୍ୟଜୀବୀ ନିଜର ଅନେକ ବିପଦ ସମୟର ଅନୁଭୂତି ବଖାଣି କହିଛନ୍ତି। ଏହି ଅବସରରେ ବ୍ଲକ ଅଧୀନ ପେଟଛେଲାଠାରେ ଦ୍ୱାଦଶ ବାର୍ଷିକ ମା' ଦରିଆରାଣୀ ଗଙ୍ଗା ଦେବୀଙ୍କ ପୂଜା କମିଟି ପକ୍ଷରୁ ମଙ୍ଗଳବାର ଜ୍ୟେଷ୍ଠ ଶୁକ୍ଳପକ୍ଷରେ ମା' ଗଙ୍ଗା ଦେବୀଙ୍କ ମୃଣ୍ମୟୀ ପ୍ରତିମା କେଉଁ ଆବାହମାନ କାଳରୁ ବାପା ଜେଜେବାପା ପୂଜା କରି ଆସୁଛନ୍ତି ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି। ମା'ଙ୍କ ପୀଠରେ ଯଜ୍ଞ ଆହୁତି ପ୍ରଦାନ କରାଯାଇ ଫଳ, ଫୁଲୁରି, ଅନ୍ନ ପ୍ରସାଦ ନୈବେଦ୍ୟ ଅର୍ପଣ କରାଯାଇଥାଏ। ପୂଜା କାର୍ଯ୍ୟରେ କମିଟି ସଭାପତି ସତ୍ୟ ନାରାୟଣ ମହାକୁଡ଼, ଚିରନ୍ତନ ଗିରି, ଶକ୍ତିପଦ ଭୂୟାଁ, ରଞ୍ଜିତ ପାତ୍ର, ବାଦଲ ଜେନା, ଯୁଗଳ ଜେନା, ତପନ ମଣ୍ଡଳ, ମହେନ୍ଦ୍ର ମଣ୍ଡଳ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଛନ୍ତି। ସନ୍ଧ୍ୟାରେ ମା'ଙ୍କ ପୀଠରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହେଉଛି। ମା'ଙ୍କ ପୀଠରେ ମାନସିକଧାରୀ ଶ୍ରଦ୍ଧାଳୁ ଜଗତର ମଙ୍ଗଳ ଓ ପରିବାର କଲ୍ୟାଣ ପାଇଁ ମା'ଙ୍କ ନିକଟରେ ଆଶିଷ ଭିକ୍ଷା କରିଥାନ୍ତି। ପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଭସାଣି ପର୍ବ ପାଳନ ପରେ ନଦୀରେ ବିସର୍ଜନ କରାଯାଏ ବୋଲି ସେମାନେ କହିଛନ୍ତି।

# ନିଖୋଜ ନାବାଳିକା ମହାରାଷ୍ଟ୍ରରୁ ଉଦ୍ଧାର

ରାଜକନିକା,୩।୬ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ଥାନା କଣ୍ଡିଆ ଗାଁର ୧୪ ବର୍ଷ ନାବାଳିକା ଏକ ଇଂରାଜି ମିଡିୟମ ସ୍କୁଲରେ ପଢୁଥିବାବେଳେ ସେଇ ସ୍କୁଲ ଗାଡିର ଡ୍ରାଇଭର ଏପ୍ରିଲ ୨୦ରେ ଅପହରଣ କରି ନେଇଯାଇଥିବା ବାପା ଲିଖିତ ଅଭିଯୋଗ କରିଥିଲେ। ଦୀର୍ଘ ଦେଢମାସ ପରେ ପୋଲିସ ନାବାଳିକାଙ୍କୁ ମହାରାଷ୍ଟ୍ରରୁ ଉଦ୍ଧାର କରି ଯୁବକଙ୍କୁ ଗିରଫ କରି ନଂ. ୨୪୮/୨୫ରେ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ଆଳି ବ୍ଲକର ମୋହନପୁର ଗାଁର ସୁଶାନ୍ତ କୁମାର ଜେନା (୨୫) ଇଂରାଜି ମିଡିୟମ ସ୍କୁଲରେ ଗାଡ଼ି ଡ୍ରାଇଭର ଭାବେ କାମ କରୁଥିଲେ। ସେହି ସ୍କୁଲର ନାବାଳିକାଙ୍କୁ ସେ ଶିଖାଇ ସଫଳ ନ ହେବାରୁ ନିରୋଳା ସମୟ ଦେଖି ଅପହରଣ କରି ନେଇଥିବା ନାବାଳିକାଙ୍କ ବାପା ନିଜ ଏତଲାରେ ଦର୍ଶାଇଥିଲେ। ଉଭୟଙ୍କୁ ପୋଲିସ ମହାରାଷ୍ଟ୍ରରୁ ଧରି ରାଜକନିକା ଫେରିଥିଲେ। ସୂଚନାଯୋଗ୍ୟ, ସୁଶାନ୍ତଙ୍କ ନାମରେ ରାଜକନିକା ଥାନାରେ ପୂର୍ବରୁ ୪ଟି ମାମଲା ଥିବା ସହ ୨୦୧୭ରେ ସେମିତି ଜଣେ ନାବାଳିକାଙ୍କୁ ଅପହରଣ କରି ଜେଲ ଯାଇଥିବା ପୋଲିସ ସୂଚନା ଦେଇଛି।

# ଡେରାବିଶ ରଜାଙ୍ଗ ଗାଁରେ ହେବ ସୁପର ସ୍ପେଶିଆଲିଷ୍ଟ ହସ୍ପିଟାଲ



ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଗ୍ରାମବାସୀ ଏବଂ ଅନ୍ୟମାନେ।

ଡେରାବିଶ, ୩।୬(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ରଜାଙ୍ଗ ଗାଁଠାରେ ସୁପର ସ୍ପେଶିଆଲିଷ୍ଟ ହସ୍ପିଟାଲ ନିର୍ମାଣ ହେବ। ଏହି ଚିକିତ୍ସାଳୟରେ ଦେୟମୁକ୍ତ ଚିକିତ୍ସା ମିଳିବା ସହ ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ନିରୋଗ ରହିବାକୁ ଭ୍ରାମ୍ୟମାଣ ଚିକିତ୍ସା ସେବା ଓ ପରାମର୍ଶ କେନ୍ଦ୍ର ମଧ୍ୟ ଉପଲବ୍ଧ ହେବ। ଏହି ଅବସରରେ ପ୍ରାରମ୍ଭିକ ପର୍ଯ୍ୟାୟ ପ୍ରସ୍ତୁତି ଚାଲିଛି। ମଙ୍ଗଳବାର ସ୍ଥାନୀୟ ଦାନପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ପ୍ରକଳ୍ପର ମୁଖ୍ୟ ସଂଯୋଜକ ସଞ୍ଜୟ ଲକାନ୍ଦ୍ରୀ ସଂଯୋଜନା କରିଥିଲେ। ସ୍ଥାନୀୟ ପ୍ରସାଶନ ପକ୍ଷରୁ ବିଡିଓ ନମିତା ବାରିକ, କେନ୍ଦ୍ରାପଡ଼ା ସାଂସଦଙ୍କ କ୍ଷେତ୍ରାଧିକାରୀ ମହିମା ସ୍ୱାଇଁ, ରାଜସ୍ୱ ନିରୀକ୍ଷିକା ବିଜୟଲକ୍ଷ୍ମୀ ପଲେଇ, ଇଣ୍ଡିଆନ ବ୍ୟାଙ୍କ ଦାନପୁର ଶାଖା ପରିଚାଳକ ଡେଲଟନ ନାୟକ, ଦାନପୁର ପଞ୍ଚାୟତ ସମିତି ସଭ୍ୟା ପ୍ରିୟତମା ଦାଶ ଓ ଦାନପୁର ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ରହି ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଶାନ୍ତି ବାଲ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଉପସ୍ଥିତ ଥିବା ପ୍ରକଳ୍ପ ପରିଚାଳକ କ୍ରିଷ୍ଣା ମୋହନ, ପି.ଭି,ଟ୍ରଷ୍ଟି ଅମ୍ରିତା ରାୟ ମୁଖାର୍ଜୀ ଓ ନିର୍ଦ୍ଦେଶକ ଶୁଭଜିତ ରାୟ ମୁଖାର୍ଜୀ ଏହି ଚିକିତ୍ସାଳୟ ସମ୍ପର୍କରେ ମତ ରଖିଥିଲେ। କିପରି ଅଞ୍ଚଳବାସୀଙ୍କୁ ଦେୟମୁକ୍ତ ଚିକିତ୍ସା ଉପଲବ୍ଧ ହେବ ଓ ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଯିବ ଅନୁଷ୍ଠାନର ଲକ୍ଷ୍ୟ ବୋଲି କହିଥିଲେ। ରଜାଙ୍ଗ ରାଜସ୍ୱ ଗ୍ରାମରେ ଥିବା ୨୫ ଏକର ସରକାରୀ ଜାଗାରୁ ପ୍ରାଥମିକ ପର୍ଯ୍ୟାୟରେ ପ୍ରଶାସନ ୫ ଏକର ଯୋଗାଇ ଦେବା ପରେ ଖୁବ୍‌ଶୀଘ୍ର ଏହି ପ୍ରକଳ୍ପର ଶିଳାନ୍ୟାସ କରାଯିବ ବୋଲି ସୂଚନା ଦିଆଯାଇଥିଲା। ପ୍ରଶାନ୍ତି ବାଲ ମନ୍ଦିର ଟ୍ରଷ୍ଟ ସହଯୋଗ, ଶ୍ରୀସତ୍ୟସାଇ ଆରୋଗ୍ୟ ବାହିନୀ ଦ୍ୱାରା ଏହା ପରିଚାଳିତ ହେବ। ପ୍ରାଥମିକ ପର୍ଯ୍ୟାୟରେ ୫୦ ଶଯ୍ୟା ବିଶିଷ୍ଟ ଏହି ଚିକିତ୍ସାଳୟ ହେବାକୁ ସ୍ଥିରିକୃତ ହୋଇଛି। ଏହି ଅବସରରେ ଅପରାହ୍ନରେ ଶ୍ରୀ ସତ୍ୟସାଇ ଆରୋଗ୍ୟ ବାହିନୀ ପକ୍ଷରୁ ଦାନପୁର ଓ ମୁକୁନ୍ଦପୁର ପଞ୍ଚାୟତର ଆଶା, ଅଙ୍ଗନୱାଡ଼ି କର୍ମୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ନେଇ ଗ୍ରାମାଞ୍ଚଳ ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶ୍ରୀ ସତ୍ୟସାଇ ଆରୋଗ୍ୟ ବାହିନୀ ଭ୍ରାମ୍ୟମାଣ ଚିକିତ୍ସା ସେବା ପ୍ରାଥମିକ ପର୍ଯ୍ୟାୟରେ କିପରି ବିଭିନ୍ନ ରୋଗ ଚିହ୍ନଟ କରାଯିବ ଓ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ପୋଷଣ କାର୍ଯ୍ୟକ୍ରମ ହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଟିମ୍ ଗଠନ କରାଯାଇଥିଲା। ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଚେଷ୍ଟା ତଥା ପ୍ରଶାନ୍ତି ବାଲ ମନ୍ଦିର ଟ୍ରଷ୍ଟ ସହଯୋଗରେ ଦାତବ୍ୟ ଚିକିତ୍ସାଳୟ ପ୍ରତିଷ୍ଠାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯିବା ସହିତ ଦୀର୍ଘଦିନର ସମସ୍ୟା ଦୂର ହେବ। ଏଥିପୂର୍ବରୁ ଆରୋଗ୍ୟ ବାହିନୀ ଟ୍ରଷ୍ଟ ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ୧୪ଟି ଚିକିତ୍ସାଳୟ ଖୋଲା ଯାଇଥିବା ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ଅକ୍ଷୟ କୁମାର ପଣ୍ଡା ଓ ରବୀନ୍ଦ୍ର ନାଥ ପଣ୍ଡା ସହଯୋଗ କରିଥିଲେ।

# ଯାନର ସ୍ୱୟଂକ୍ରିୟ ପରୀକ୍ଷଣ ବ୍ୟବସ୍ଥାର ଶିଳାନ୍ୟାସ



କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ସମେତ ଅନ୍ୟମାନେ।

କେନ୍ଦ୍ରାପଡ଼ା,୩।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ବିଭିନ୍ନ ଯାନର ସ୍ୱୟଂକ୍ରିୟ ପରୀକ୍ଷଣ ବ୍ୟବସ୍ଥା ଆରମ୍ଭ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିସି ମାଧ୍ୟମରେ ମଙ୍ଗଳବାର ଶିଳାନ୍ୟାସ କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନଶନ ସେଣ୍ଟରଠାରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ଜିଲା ଭିସି ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହିକ୍ରମରେ କେନ୍ଦ୍ରାପଡ଼ା ଜିଲା ମଧ୍ୟ ଭିସିରେ ଯୋଡ଼ି ହୋଇଥିଲା। ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଜିଲା କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଏଡିଏମ୍ ରବୀନ୍ଦ୍ର କୁମାର ମଲ୍ଲିକ, ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମାଝୀ କେନ୍ଦ୍ରାପଡ଼ା ସହିତ ୨୧ ସ୍ଥାନରେ ସ୍ୱୟଂକ୍ରିୟ ପରୀକ୍ଷଣ ବ୍ୟବସ୍ଥାର ଶିଳାନ୍ୟାସ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ମାଝୀ ସମସ୍ତଙ୍କୁ ସଡ଼କ ସୁରକ୍ଷା ସଂକ୍ରାନ୍ତରେ ଶପଥ ପାଠ କରାଇଥିଲେ।

# ଅସହାୟ ବିମଳି ବର୍ଦ୍ଧିତ ଭତ୍ତା, ବାସଗୃହରୁ ବଞ୍ଚିତ


ଭଙ୍ଗାଘର ବାରଣ୍ଡାରେ ଆଶ୍ରୟ ନେଇଛନ୍ତି ବିମଳି ଜେନା।

ଡେରାବିଶ, ୩।୬(ବେବର୍ତ୍ତା ଅଜୟ ଦାସ)

୮୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ବାର୍ଦ୍ଧକ୍ୟ ଭତ୍ତା ୩୫୦୦ ଟଙ୍କା ପ୍ରଦାନ ଲାଗି ମୋହନ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇ ପ୍ରଦାନ କରାଗଲାଣି। କିନ୍ତୁ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣ ପଞ୍ଚାୟତର ନୂଆହାଟ ଗ୍ରାମର ବିମଳି ଜେନା (୮୩ ) ବର୍ଦ୍ଧିତ ଭତ୍ତା ଓ ଆବାସ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି।

ନୂଆହାଟ ଗ୍ରାମର ଅସହାୟ ବୃଦ୍ଧା ବିମଳି ଏଯାଏ ୩୫୦୦ ଟଙ୍କା ଭତ୍ତା ପାଇ ନାହାନ୍ତି। ପୂର୍ବରୁ ସରକାରଙ୍କ ପକ୍ଷରୁ ବିମଳି ପାଇଥିବା ମାସିକ ହଜାର ଟଙ୍କା ଭତ୍ତାରେ ବହୁ କଷ୍ଟରେ ନିଜର ଜୀବନ ନିର୍ବାହ କରୁଛନ୍ତି। ପାଖରେ ରହୁଥିବା ଝିଅ ଦେବସ୍ମିତା ଜଣେ ଭିନ୍ନକ୍ଷମ ହୋଇଥିବାବେଳେ ଭଙ୍ଗା ଚାଳିଆ ଘରେ ଜୀବନ ବତାଉଛନ୍ତି। ଛପର ହୋଇ ନ ଥିବାରୁ ସେ ଭଙ୍ଗା ମାଟି ଘର ଚାଳ ଉପରେ ଏକ ପଲିଥିନ ପକାଇ ବର୍ଷା ଦାଉରୁ ନିଜକୁ ବଞ୍ଚାଇ ରଖିଛନ୍ତି। ଚାଲିବାର ଶକ୍ତି ହରାଇଥିବା ବିମଳି ଭଙ୍ଗା ଚଳିଆ ବାରଣ୍ଡାରେ ପଡି ରହିଛନ୍ତି। ସେହିପରି ଝିଅ ଦେବସ୍ମିତା ୬୦ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ତାଙ୍କୁ ଏ ପର୍ଯ୍ୟନ୍ତ ଭିନ୍ନକ୍ଷମ ଭତ୍ତା ମିଳିପାରିନାହିଁ। ବିମଳିଙ୍କୁ ଗୋଟିଏ ଆବାସ ଯୋଜନାରେ ବାସ ଗୃହ ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ ପ୍ରଶାସନିକସ୍ତରରେ ଉଦ୍ୟମ ହୋଇ ନ ଥିବା ଗ୍ରାମର ନଟବର ବେହେରା କହିଛନ୍ତି। ବିମଳିଙ୍କୁ ତୁରନ୍ତ ବାସଗୃହ ଯୋଜନାରେ ସାମିଲ କରାଯିବା ସହ ସରକାରଙ୍କ ବର୍ଦ୍ଧିତ ଭତ୍ତା ଏବଂ ଦେବସ୍ମିତାଙ୍କୁ ଭିନ୍ନକ୍ଷମ ଭତ୍ତା ଦେବାକୁ ନଟବରଙ୍କ ସମେତ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ବିଡିଓ ନମିତା ବାରିକଙ୍କୁ ପଚାରିବାରେ ବିମଳିଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ବାସଗୃହ ଯୋଗାଇଦେବାକୁ ପଦକ୍ଷେପ ନିଆଯାଉଛି। ଏଥିସହ ବର୍ଦ୍ଧିତ ଭତ୍ତା କିପରି ପାଇବେ ସେନେଇ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ତ୍ୱରାନ୍ୱିତକୁ ଗୁରୁତ୍ୱ

ରାଜକନିକା,୩।୬
(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)



ପଞ୍ଚାୟତ ସମିତି ବୈଠକରେ ବିଡିଓ କୈଳାସ ଚନ୍ଦ୍ର ମହାଳିକଙ୍କ ସମେତ ଅନ୍ୟମାନେ।

ରାଜକନିକା ପଞ୍ଚାୟତ ସମିତିର ୮ମ ସାଧାରଣ ଅଧିବେଶନ ବିଡିଓ କୈଳାସ ଚନ୍ଦ୍ର ମହାଳିକଙ୍କ ଅଧ୍ୟକ୍ଷତାରେ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ ଦେଇଥିଲେ। ଅଧିବେଶନ ପ୍ରାରମ୍ଭରୁ ଅଧ୍ୟକ୍ଷା ମିନତି ରାଉତ ପଞ୍ଚାୟତ ସମିତିର ୨୯ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ଅଧିବେଶନକୁ ସ୍ୱାଗତ କରିଥିଲେ। ସମସ୍ତ ସରପଞ୍ଚ ଓ ସମିତିସଭ୍ୟଙ୍କ ସହଯୋଗରେ ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ ରାଜକନିକାରେ ଥିବା ପ୍ରାୟ ସମସ୍ତ ଜଳ ନିଷ୍କାସନ ପଥ, ପାଣିନାଳଗୁଡ଼ିକୁ ପୁନରୁଦ୍ଧାର କରିବାକୁ ପ୍ରସ୍ତାବ ରଖିଥିଲେ। ସେ କହିଥିଲେ, ଜଳ ନିଷ୍କାସନ ପଥଗୁଡ଼ିକୁ ଜବରଦଖଲ କରାଯାଇଛି, ବର୍ଷାଦିନରେ ଜଳ ନିଷ୍କାସନ ହୋଇପାରୁନାହିଁ। ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲଦାର ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଭାରିଗଦା ସମିତି ସଭ୍ୟ ଶରତ ରାଉତ ଓ ବରୁଣାଡିହା ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ କହିଥିଲେ, ଏପର୍ଯ୍ୟନ୍ତ ସମସ୍ତ ପଞ୍ଚାୟତକୁ ଖେଳ ସାମଗ୍ରୀ ଯୋଗାଇ ଦିଆଯାଇନାହିଁ। ହାତ ଗଣତି କେତୋଟି ପଞ୍ଚାୟତକୁ ଦିଆଯାଇଥିବା ବେଳେ ଅବଶିଷ୍ଟକୁ ଦିଆଯାଇନାହିଁ, ତେଣୁ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଉତ୍ତର ରଖନ୍ତୁ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟ କରିଥିବା ପଞ୍ଚାୟତଗୁଡ଼ିକୁ ଖୁବ୍‌ଶୀଘ୍ର ଅର୍ଥ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ବରୁଣାଡିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି କୃଷିକ୍ଷେତକୁ ଜଳଯୋଗାଣ, ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ନ ଥିବାବେଳେ, ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ନ କରାଯିବାକୁ ପ୍ରସ୍ତାବ ରଖିଥିଲେ। ୮୦ ବର୍ଷ ହୋଇଥିବା ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇବାକୁ କହିଥିଲେ। ଖରସ୍ରୋତା ଆନ୍ଦୋଳନ ବେଳେ ଏବର ସାଂସଦ ପ୍ରତିଶ୍ରୁତି ଦେଇଥିଲେ, ଯଦି ସାଂସଦ ହେବେ ତେବେ ଖରସ୍ରୋତା ନଦୀରେ ବ୍ୟାରେଜ ନିର୍ମାଣ କରାଇ ଦେବେ। ପ୍ରତିଶ୍ରୁତି ରକ୍ଷା କରିବାକୁ ସାଂସଦଙ୍କୁ ମନେପକାଇବାକୁ ଉପସ୍ଥିତ ଥିବା ତାଙ୍କ ପ୍ରତିନିଧି ଶୁଭ୍ର ରଞ୍ଜନ ସାମଲଙ୍କୁ ଅନୁରୋଧ କରିଥିଲେ। କୋଇଲିପୁର ସରପଞ୍ଚ ଅରୁଣ ରାଉତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜରିଆର୍‌ଏସ୍‌ଙ୍କ ମନମୁଖି କାର୍ଯ୍ୟକଳାପ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏମାନେ ଜନପ୍ରତିନିଧିଙ୍କ ଅଗୋଚରରେ ପଞ୍ଚାୟତର ସମସ୍ତ ଉନ୍ନତିମୂଳକ କାର୍ଯ୍ୟ କରୁଥିବାରୁ ସେ ବିରୋଧ କରିଥିଲେ। ୬୦ ବର୍ଷରୁ କମ ଥିବା ବ୍ୟକ୍ତି ଭତ୍ତା ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରି ତଦନ୍ତ ପାଇଁ ଅନୁରୋଧ କରିଥିଲେ। ବଳରାମପୁର ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା ତାଙ୍କ ପଞ୍ଚାୟତର ଜଣେ କ୍ୟାନ୍‌ସର ରୋଗୀ ଭାଗବତ ପାତ୍ରଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ନିବେଦନ କରିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ମାଧ୍ୟମରେ କେବେ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ପ୍ରଶ୍ନ କରିଥିଲେ। ଜାଗୁଲାଇପଡ଼ା ସରପଞ୍ଚ ଲିଲିଭା ମଲ୍ଲିକ, ସମିତି ସଭ୍ୟ ପ୍ରକାଶ ସେନାପତି ପଞ୍ଚାୟତର ପାନୀୟ ଜଳ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଚରପଡା ସରପଞ୍ଚ ଧୀରେନ ଜେନା ସମବାୟ ପକ୍ଷରୁ ନିର୍ମାଣ ଅପେକ୍ଷାରେ ଥିବା ମଣ୍ଡି ଗୃହ ପାଇଁ ଜମି ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। କଣ୍ଡିଆ ମେଡିକାଲରେ ବିଭିନ୍ନ ବିଭାଗ ଡାକ୍ତର ଓ କର୍ମଚାରୀ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ନହୁଣୀ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ ପଞ୍ଚାୟତର ବୈତରଣୀ ନଦୀ ନିକଟବର୍ତ୍ତୀ ଗାଁ ପଙ୍କି-ଗୋପିଳପୁରରେ ପାନୀୟ ଜଳ ସମସ୍ୟା ସମାଧାନ ଲାଗି ନଳକୂପ ଖନନ କରିବାକୁ ଦାବି କରିଥିଲେ। ଅନ୍ୟ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହି ନିଜ ନିଜର ଦାବି ଉପସ୍ଥାପନା କରିଥିଲେ। ଏହି ଅଧିବେଶନରେ ବ୍ଲକର ଅଧିକାରୀ ଉପସ୍ଥିତ ଥିବାବେଳେ କେତେଜଣ ଅନୁପସ୍ଥିତ ଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ପ୍ରତାପ କୁମାର ବେହେରା ଉପସ୍ଥିତ ଥିଲେ। ତୁରନ୍ତ ସମସ୍ୟାଗୁଡ଼ିକର ସମାଧାନ କରିଯିବ ବୋଲି ବିଡିଓ ମହାଳିକ କହିଥିଲେ। ତହସିଲଦାର ଭାନୁମତୀ ମାଝୀ ସରକାରୀ କାର୍ଯ୍ୟ ପାଇଁ ଜମିଜମା ସମ୍ବନ୍ଧୀୟ ସମସ୍ତ କାମରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ପ୍ରକଳ୍ପ ସଂଯୋଜକ ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ ଆବାସ ଯୋଜନା କାର୍ଯ୍ୟଧାରା ଉପରେ ବକ୍ତବ୍ୟ ରଖିଥିଲାବେଳେ ବ୍ଲକ ସାମାଜିକ ସମୀକ୍ଷକ ସୁବ୍ରତ ରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଦିବ୍ୟଜୀବନ ସଂଘ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

ଜି. ଉଦୟଗିରି,୩।୬ (ଶିଶିର ପଟ୍ଟନାୟକ): ଜି. ଉଦୟଗିରି ଦିବ୍ୟ ଜୀବନ ସଂଘର ୨୫ ବର୍ଷ ପୂର୍ତ୍ତି ଅବସରରେ ୩ଦିନ ଧରି ଚାଲିଥିବା ରୌପ୍ୟ ଜୟନ୍ତୀ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଯୋଗ ଶିବିର, ଜପଧ୍ୟାନ, ଗୀତାପାଠ, ପ୍ରବଚନ, ଭଜନ କୀର୍ତ୍ତନରେ କାର୍ଯ୍ୟକ୍ରମ ସରିଛି। ଗୁରୁ ପ୍ରେମାନନ୍ଦ ସରସ୍ୱତୀ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ଅତିଥି ଭାବେ ଉପସ୍ଥିତ ଥିଲେ। ଶ୍ରୀଧର ଦାଶ ମଞ୍ଚ ପରିଚାଳନା କରିଥିଲେ। ସଂପାଦକ ଡ. ପ୍ରସନ୍ନ ତ୍ରିପାଠୀ ବିବରଣୀ ପାଠ କରିଥିଲେ। ପୂର୍ବତନ ସମ୍ପାଦକ କବିରାଜ ପଲେଇ, ଶ୍ୟାମଘନ ସାହୁ, ଲୋକନାଥ ନାୟକ ଦକ୍ଷିଣାଞ୍ଚଳ ସମନ୍ୱୟ ସମିତି ସଭାପତି ବିପ୍ର ଚରଣ ପାତ୍ର, ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ, ଉପ ସଭାପତି କୁଞ୍ଜ ବିହାରୀ ପାଢୀ ଯୋଗଦେଇ ନିଜ ଅନୁଭୂତି ପ୍ରକାଶ କରିଥିଲେ। ସଭାପତି ବୈକୁଣ୍ଠ ନାଥ ସାହୁ ଧନ୍ୟବାଦ ଦେଇଥିଲେ। ଉପ ସଭାପତି ବାସୁଦେବ ପ୍ରଧାନ ଓ ଅନ୍ୟମାନେ ସହଯୋଗ କରିଥିଲେ।

### ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା

ଗଞ୍ଜାମ,୩।୬(ବିଦ୍ୟାଧର ସାହୁ)- ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲଙ୍ଗ ଗ୍ରାମରେ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ କୃଷି ଅଧିକାରୀ ରଶ୍ମିତା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଏଡିଓ କୁଳମଣି ବାରିକ, କୃଷି ବିଶେଷଜ୍ଞ ଏସ. କେ ମିଶ୍ର, ଡ଼ ଶୈଳେଶ ସୌରଭ, ଡ଼. ସନ୍ଦୀପ ମହାନ୍ତି, ଡ଼. ଦେବାଶିଷ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷିଭିତ୍ତିକ ଯୋଜନା ଉପରେ ଆଲୋଚନା ହୋଇଥିଲା। ୨ଶହରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରତିଭା ଦେବୀ ଧନ୍ୟବାଦ ଦେଇଥିଲେ।

### ରକ୍ତଦାନ ଶିବିର

ଦିଗପହଣ୍ଡି,୩।୬ (ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ୍ ଭୀଷ୍ମଗିରି ଗ୍ରାମରେ ମା'ଶ୍ୟାମଲାଇ ଯାତ୍ରାର ବାର୍ଷିକ ଉତ୍ସବ ଉପଲକ୍ଷେ ସ୍ଥାନୀୟ ହାଇସ୍କୁଲ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ବ୍ରହ୍ମପୁର ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଦୂର କରିବା ପାଇଁ ଗ୍ରାମର ଶ୍ରୀଦଧିବାମନ କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ ଶିବିରକୁ ପ୍ରଧାନଶିକ୍ଷକ ମନୋଜ ନାୟକ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ୪୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସାମାଜିକ କର୍ମୀ ଶ୍ରୀନିବାସ ପଣ୍ଡାଙ୍କ ସଂଯୋଜନାରେ ବହୁ ଯୁବଗୋଷ୍ଠୀ ଉପସ୍ଥିତ ରହି ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ପୂର୍ବତନ ସରପଞ୍ଚ ପିତାମ୍ବର ଗୌଡ଼, ସାମାଜିକ କର୍ମୀ ସନ୍ତୋଷ ନାୟକ, ଶାନ୍ତନୁ ପଣ୍ଡା, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଅଚ୍ୟୁତାନନ୍ଦ ପଣ୍ଡାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ, କ୍ରିକେଟ କ୍ଲବ୍ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

### ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

ବେଲଗୁଣ୍ଠା,୩।୬(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠାରେ ସୋମବାର ଦାୟିତ୍ୱ ଗ୍ରହଣ କରିଥିବା ନୂତନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍ୱାଗତ କରାଯିବା ସହିତ ଅବସର ଗ୍ରହଣ କରିଥିବା ୨ ଶିକ୍ଷୟିତ୍ରୀ, ଜଣେ ଶିକ୍ଷକ ଏବଂ ଜଣେ କିରାଣୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୧ ମାସ ହେବ ବେଲଗୁଣ୍ଠାରେ ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀ ଖାଲି ପଡ଼ିଥିଲା। ଭଞ୍ଜନଗର ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ବେଲଗୁଣ୍ଠା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ନେତୃତ୍ୱରେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢୀ, ପ୍ରତିଭା ରଥ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସେଠୀ, ମନୋଜ ପଟ୍ଟନାୟକ, ସଂଗଠନ ସମ୍ପାଦକ ଆକୁଳ ସାହୁ, ଟୁକୁନା ବେହେରା, ଜିଲା ସଂଯୋଜକ ବିଦେଶୀ ବାଡତ୍ୟା ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହା ସହିତ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାଣିଗ୍ରାହୀ, କବିତା କୁମାରୀ ଦେବୀ, ଶିକ୍ଷକ ସନ୍ତୋଷ ସେଠୀ ଏବଂ ବରିଷ୍ଠ କିରାଣୀ ଶରତଚନ୍ଦ୍ର ରଥଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# ହମ୍ପସ୍ ନାହିଁ, ଦ୍ରୁତଗତି ନେଉଛି ଜୀବନ



ପାରଳାଖେମୁଣ୍ଡି,୩।୬ (ଗିରିଧାରୀ ପରିଚ୍ଛା) ଗଜପତି ଜିଲା କାଶୀନଗର ବ୍ଲକଠାରୁ ଗୁଣ୍ଡୁପୁର ସହର ପର୍ଯ୍ୟନ୍ତ ଯାଇଥିବା ରାଜ୍ୟ ରାଜପଥ ମୁଖ୍ୟରାସ୍ତା ମରଣଯନ୍ତା ପାଲଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ୩୩ କି.ମି. ବିଶିଷ୍ଟ ଏହି ରାସ୍ତାରେ ଆଦୌ ହମ୍ପସ୍ ନିର୍ମାଣ ହୋଇନାହିଁ। ଫଳରେ ଗାଡି ଚାଳକମାନେ ଦ୍ରୁତ ଗତିରେ ଆସି ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି।

କିଛି ଦିନ ତଳେ ପୂର୍ତ୍ତ ବିଭାଗ ପକ୍ଷରୁ କାଶୀନଗର-ଗୁଣ୍ଡୁପୁର ରାଜ୍ୟ ରାଜପଥର ମୁଖ୍ୟ ରାସ୍ତାକୁ ପୁନଃନିର୍ମାଣ କରାଯାଇଛି। ଦୂରଦୃଷ୍ଟି ଅଭାବରୁ ନିର୍ମାଣ ଦାୟିତ୍ୱ ନେଇଥିବା ସଂସ୍ଥା ରାସ୍ତାରେ ହମ୍ପସ ନିର୍ମାଣ କରିନାହିଁ। ରାସ୍ତାରେ କିଛି କିଛି ବ୍ୟବଧାନରେ ହମ୍ପସ ତିଆରି କରିବା ପାଇଁ ଲୋକେ ବିଭାଗୀୟ ଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ମଧ୍ୟ ସେ ଏହାକୁ ଗୁରୁତ୍ୱ ଦେଇନାହାନ୍ତି। ଫଳରେ ଉକ୍ତ ଅଞ୍ଚଳରେ ବାରମ୍ବାର ସଡ଼କ ଦୁର୍ଘଟଣା ଘଟି ଜୀବନହାନି ହେଉଛି। କାଶୀନଗର ଥାନା ଅନ୍ତର୍ଗତ ଶିଆଳି ଗ୍ରାମ ନିକଟସ୍ଥ ଏକ ବୁଲାଣିରେ ବହୁ ଦୁର୍ଘଟଣା ଘଟୁଛି। ଦ୍ରୁତଗତି ରୋକିବାକୁ ରାସ୍ତାରେ ହମ୍ପସ ହୋଇଥାଏ। ଏଥିସହ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ସାଇନବୋର୍ଡ ଲାଗିଥାଏ। ଏହା ଗାଡିଚାଳକମାନଙ୍କୁ ସତର୍କ କରିଥାଏ। ଶିଆଳି ଗ୍ରାମ ନିକଟସ୍ଥ ବୁଲାଣିରେ ହମ୍ପସ୍ ନାହିଁ କି ସତର୍କ ସୂଚନା ସ୍ୱରୂପ ସାଇନବୋର୍ଡ ନାହିଁ। ପୂର୍ବରୁ ଏହି ସ୍ଥାନରେ ହମ୍ପସ ଓ ସାଇନ ବୋର୍ଡ ଥିଲା। ଏବେ କାର୍ଯ୍ୟ କରିଥିବା ଠିକାଦାର ହମ୍ପସ ନିର୍ମାଣ କରିନାହାନ୍ତି। ବିଭାଗ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଇନି। ଫଳରେ ଦୁର୍ଘଟଣାଗ୍ରସ୍ତ ହୋଇ ଲୋକେ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହେଉଛି।ଗତ ତିନିମାସ ମଧ୍ୟରେ ଏହି ରାସ୍ତାରେ ଦୁର୍ଘଟଣା ଘଟି ୭/୮ଜଣଙ୍କ ମୃତ୍ୟୁ ହୋଇଥିବା ନଜିର ରହିଛି। ସେହିପରି କାଶୀନଗର ଅଞ୍ଚଳର କେତେକ ସ୍ଥାନରେ ରାସ୍ତା ଅଧପନ୍ତରିଆ ହୋଇ ନିର୍ମାଣ କାର୍ଯ୍ୟ ପଡିଛି। ଏଥିଯୋଗୁ ବହୁ ବାଇକ୍ ଚାଳକଙ୍କ ଚକା ସ୍ଲିପ କରି ପଡ଼ି ଗୁରୁତର ହେଉଛନ୍ତି। ଏନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଦିବାକର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କିଛି ସ୍ଥାନରୁ ହମ୍ପସ ଉଠାଇଦେବା ନେଇ ସେମାନଙ୍କୁ କୁହାଯାଇଥିଲା। ତେବେ ଅଭିଯୋଗ ହେଉଥିବାରୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ଦୁର୍ଘଟଣା ପ୍ରବଣ ସ୍ଥାନ ଗୁଡିକରେ ହମ୍ପସ ନିର୍ମାଣ କରାଯିବ। ପୂର୍ବରୁ ଥିବା ହମ୍ପସ୍ ଉଠାଇ ଦେବାକୁ ଠିକାଦାରଙ୍କୁ କହିଥିବା ଯନ୍ତ୍ରୀ ସ୍ୱୀକାର କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି।

# ବିଶ୍ୱ ସମ୍ମିଳନୀରେ ଯୋଗଦେଇ ଫେରିଲେ ଇଂ. ଲିଙ୍ଗରାଜ

## ଚୀନ୍‌ରେ ୨୮ତମ ଆଇକୋଲଡ କଂଗ୍ରେସ ସମ୍ମିଳନୀ



ସର୍ବୋଚ୍ଚ ଯନ୍ତ୍ରୀ ଲିଙ୍ଗରାଜ ଗୌଡ ଚୀନ ସମ୍ମିଳନୀରେ ଯୋଗ ଦେଇଛନ୍ତି।

ଭଞ୍ଜନଗର,୩।୬(ବାବୁଲା ପ୍ରଧାନ) ଚୀନର ଚେଙ୍ଗଡୁ ସହରରେ ଗତ ୧୬ ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୨୮ତମ ଇଣ୍ଟରନ୍ୟାଶନାଲ କମିଶନ ଅନଲାର୍ଜ ଡ୍ୟାମ (ଆଇକୋଲଡ) କଂଗ୍ରେସର ୯୩ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଛି। ଏଥିରେ 'କମନ୍ ଚ୍ୟାଲେଞ୍ଜସ୍ ସେୟାରଡ୍ ଫ୍ୟୁଚର ବେଟର ଡାମ୍'ଶୀର୍ଷକ ଆଲୋଚନାଚକ୍ରରେ ବିଶ୍ୱର ୮୫ଟି ଦେଶରୁ ୨ ହଜାରରୁ ଉର୍ଦ୍ଧ୍ୱ ଯନ୍ତ୍ରୀ ଯୋଗଦେଇଥିଲେ। ସେଥିରେ ଭାରତରୁ ୫ ଜଣ ଇଞ୍ଜିନିୟର ସାମିଲ ହୋଇଥିଲେ। ସେଥିରୁ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ପ୍ଲାନିଂ ଓ ଡିଜାଇନ) ତଥା ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଅନ୍ତର୍ଗତ ତିଳିସିଙ୍ଗି ଗ୍ରାମର ଇଂ. ଲିଙ୍ଗରାଜ ଗୌଡ ଅନ୍ୟତମ ଥିଲେ। ସେ ପ୍ରଥମ ଓଡିଆ ଭାବେ ଆଇକୋଲଡ କଂଗ୍ରେସର ସଦସ୍ୟ ହେବା ସହ ଚୀନ ସମ୍ମିଳନୀରେ ଯୋଗଦେଇ ଫେରିଛନ୍ତି। ନିଜ ଅଞ୍ଚଳ ଏବଂ ରାଜ୍ୟ ପାଇଁ ଗୌରବ ଆଣିଥିବା ଲିଙ୍ଗରାଜ ଏହି ସମ୍ମିଳନୀରେ ଯୋଗଦେଇ ହୀରାକୁଦ ଜଳଭଣ୍ଡାର ସହାୟତାରେ ତଳମୁଣ୍ଡର ବନ୍ୟା ନିୟନ୍ତ୍ରଣ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ଉଚ୍ଚ ପ୍ରଶଂସିତ ହୋଇପାରିଥିଲା। ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଜଳବାୟୁ ପରିବର୍ତ୍ତନ ମଧ୍ୟ ହେଉଛି। ଲୋକଙ୍କ ପାଇଁ ପିଇବା ପାଣି, ଚାଷ କାର୍ଯ୍ୟ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ମଧୁର ଜଳ ଆବଶ୍ୟକ ପଡୁଛି। କିନ୍ତୁ ମଧୁର ଜଳ କମୁଛି। ଯାହାକି ଚିନ୍ତାଜନକ ବିଷୟ। ତେଣୁ ଜଳଭଣ୍ଡାର ମାଧ୍ୟମରେ ଜଳର ସଂରକ୍ଷଣ କିଭଳି ହେବ, ସବୁଜ ଶକ୍ତି ଉତ୍ପାଦନ ବୃଦ୍ଧି ଉପରେ ସେ ସମ୍ମିଳନୀରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱର ଗରମ ତାପମାତ୍ରାକୁ ହ୍ରାସ ପାଇଁ ପାଇଁ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ, ସୋଲାର ପ୍ରକଳ୍ପ ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି, ପବନ ବାୟୁ ଶକ୍ତି ପ୍ରକଳ୍ପ ନିର୍ମାଣ କରି ଶକ୍ତି ଉତ୍ପାଦନ କରିବା, ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ରୋକିବା ପାଇଁ ଜଳଭଣ୍ଡାର ମାଧ୍ୟମରେ ଜଳ ସଂରକ୍ଷଣ ନିହାତି ଆବଶ୍ୟକ ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ୧୯୨୮ରେ ଇଣ୍ଟରନ୍ୟାଶନାଲ କମିଶନ ଅନ ଲାର୍ଜ ଡ୍ୟାମ ଗଠନ ହୋଇଥିଲା। ଏହାର ମୁଖ୍ୟ କାର୍ଯ୍ୟାଳୟ ପ୍ୟାରିସରେ ରହିଛି। ଏଥିରେ ଏବେ ୧୦୬ଟି ଦେଶର ୧୦ ହଜାରରୁ ଉର୍ଦ୍ଧ୍ୱ ଯନ୍ତ୍ରୀ ସଭ୍ୟା ସଭ୍ୟ ଅଛନ୍ତି। ସେଥିରେ ଲିଙ୍ଗରାଜ ପ୍ରଥମ ଓଡ଼ିଆ ଯନ୍ତ୍ରୀ ଭାବେ ସଦସ୍ୟ ହୋଇଛନ୍ତି।

# ପ୍ରମାଣପତ୍ରରେ ଭୁଲ, ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଦିବ୍ୟାଙ୍ଗ

ଛତ୍ରପୁର,୩।୬(ଦିଲୀପ ସାମଲ)

୮୦ ବର୍ଷ କିମ୍ବା ତା'ଠାରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଏବଂ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ହିତାଧିକାରୀମାନେ ମାସିକ ୩୫ ଶହ ଟଙ୍କା ଭତ୍ତା ପାଇବେ ବୋଲି ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଗଞ୍ଜାମ ଜିଲାରେ ଏବେ ବି ବହୁ ହିତାଧିକାରୀ ଅଛନ୍ତି ଯେଉଁମାନେ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହୋଇଥିଲେ ବି ମେଡିକାଲ ପକ୍ଷରୁ ଦିଆଯାଇଥିବା ପ୍ରମାଣପତ୍ରରେ ତାହା କମ ଦର୍ଶାଯାଇଥିବାରୁ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହେଉଛନ୍ତି। ପୁରୁଷୋତ୍ତମପୁର ବ୍ଲକ



ସୁକାନ୍ତ ସାସମଲ

ଖୋସଲାପଲ୍ଲୀର ସୁକାନ୍ତ ସାସମଲଙ୍କ ଗୋଟିଏ ଗୋଡ ନାହିଁ ଏବଂ ଗୋଟିଏ ହାତ ଅଚଳ। ମେଡିକାଲ ପ୍ରମାଣପତ୍ରରେ ତାଙ୍କର ୬୦ ପ୍ରତିଶତ ଭିନ୍ନକ୍ଷମ ଦେର୍ଶାଯାଇଛି। ଯାହାଫଳରେ ସେ ବର୍ଦ୍ଧିତ ଭତା ପାଇପାରୁ ନାହାନ୍ତି। ଏ ନେଇ ସେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲା ସାମାଜିକ ବିଭାଗ ଅଧିକାରୀଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳି ଅନେକ ହିତାଧିକାରୀ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଥିବାରୁ ତୁରନ୍ତ ଜିଲା ପ୍ରଶାସନ ପକ୍ଷରୁ ପ୍ରତି ବ୍ଲକରେ କ୍ୟାମ୍ପ କରି ଉପଯୁକ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବା ଜରୁରୀ ହୋଇପଡିଛି ।

### ଜୀବୀକା ମିଶନ କାର୍ଯ୍ୟାଳୟରେ ହୋହଲ୍ଲା

ଆସିକା,୩।୬(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ଦେବଭୂମି ପଞ୍ଚାୟତର ପଞ୍ଚାୟତସ୍ତରୀୟ ସଂଘର ଜଣେ କାର୍ଯ୍ୟକାରୀ ସଦସ୍ୟଙ୍କ ବୈଠକରେ ଉପସ୍ଥିତି ଓ ଗସ୍ତ ଖର୍ଚ୍ଚକୁ ନେଇ ବିବାଦ ଦେଖାଦେଇଛି । ଓଡିଶା ଜୀବୀକା ମିଶନ ଆସିକା ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଓ ଜିଲାସ୍ତରୀୟ ମିଶନ ଶକ୍ତି ମହିଳାଙ୍କ ଏକ ଦଳ ମଧ୍ୟରେ ମଙ୍ଗଳବାର ବ୍ଲକ ଓଡିଶା ଜୀବୀକା ମିଶନ କାର୍ଯ୍ୟାଳୟରେ ପାଟିତୁଣ୍ଡ ହୋଇଥିଲା। ଜିଲାସ୍ତରୀୟ ମହାସଂଘ କର୍ମକର୍ତ୍ତାଙ୍କୁ ବିପିଏମ ଦୁର୍ବ୍ୟବହାର କରିଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ସେହିଭଳି ଜୀବିକା ମିଶନର ବ୍ଲକ ପରିଚାଳିକା ଅନିତା ମହାରଣା କୌଣସି ପ୍ରାକ ସୂଚନା ନ ଥାଇ ଜିଲାସ୍ତରୀୟ ମହାସଂଘ କର୍ମକର୍ତ୍ତା କାର୍ଯ୍ୟାଳୟରେ ଆସି କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବିଡିଓ ଲିପିନା ଦାଶଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପଞ୍ଚାୟତରେ ମିଶନ ଶକ୍ତିର ଜଣେ ମହିଳାଙ୍କ ମୃତ୍ୟୁ ପରେ ବର୍ତ୍ତମାନ ଦାୟିତ୍ୱରେ ଥିବା ମହିଳାଙ୍କ ଜମାଖାତାକୁ ଆସିଥିବା ଟଙ୍କାକୁ ଉଠାଇ ପୁରୁଣା ସଦସ୍ୟଙ୍କ ପରିବାରକୁ ଦେବା ଲାଗି ପୂର୍ବରୁ ଆଲୋଚନା ହୋଇଥିଲା। ଏଥିରେ ଖିଲାପ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜୀବିକା ମିଶନର ବ୍ଲକ ପରିଚାଳିକା କହିଛନ୍ତି।

# ସିଆଙ୍ଗବାଲିରେ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ



ଖେଳାଳିମାନଙ୍କ ଗହଣରେ ଅତିଥି।

ଦାରିଙ୍ଗବାଡି,୩।୬ (ଅରୁଣ ସାହୁ) ଦାରିଙ୍ଗବାଡି ବ୍ଲକ ସିଆଙ୍ଗବାଲି କାର୍ଗିଲ ଖେଳପଡିଆ ଠାରେ ମଙ୍ଗଳବାର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ସିଆଙ୍ଗବାଲି ସରପଞ୍ଚ ଆନ୍ଦ୍ରୀୟ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପ୍ରଥମ ମ୍ୟାଚ ସିଆଙ୍ଗବାଲି ଓ ତରବାଡି ଟିମ୍ ମଧ୍ୟରେ ହୋଇଥିଲା। ୧୨ ଓଭର ଖେଳରେ ସିଆଙ୍ଗବାଲି ୮ ଉଇକେଟ ହରାଇ ୮୦ ରନ କରିଥିଲା। ତରବାଡି ଟିମ୍ ୪ ଟି ଉଇକେଟ ହରାଇ ୮ ଓଭରରେ ୮୧ ରନ କରି ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ ଶ୍ରୀପଙ୍କା ଓ କେରକେବାଡି ଟିମ୍ ମଧ୍ୟରେ ହୋଇଥିଲା। ଶ୍ରୀପଙ୍କା ଟିମ୍ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟରେ ୮୭ ରନ କରିଥିଲା। କେରକେବାଡି ୯ ଉଇକେଟ ହରାଇ ୮୮ ରନ କରି ବିଜୟୀ ହୋଇଛି। ଟୁର୍ନାମେଣ୍ଟକୁ ସିଆଙ୍ଗବାଲି କ୍ରିକେଟ ଟୁର୍ନାମେଣ୍ଟ ପକ୍ଷରୁ ସଭାପତି କହିନ ପ୍ରଧାନ, ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, ଉପସଭାପତି ହରିଶଙ୍କର ପ୍ରଧାନ, ସହ ସମ୍ପାଦକ ମନୋଜ ପ୍ରଧାନ, କୋଷାଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ, ପରାମର୍ଶଦାତା ଲେଙ୍କା ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ପୂରପୁ ପ୍ରଧାନ, ପ୍ରେମଲତା ପ୍ରଧାନ, ସୁଶୀଲ ପ୍ରଧାନ, ସଞ୍ଜୟ ନାୟକ, ବିରାଟ ନାୟକ, ପୀତବାସ ପ୍ରଧାନ, ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଭାଇଚାରା, ଶାନ୍ତି ସଦଭାବନାକୁ ନେଇ ଏକାଠି ହୋଇ ଏଭଳି ଟୁର୍ନାମେଣ୍ଟର ଆୟୋଜନ କରାଯାଇଥିବା କୁହାଯାଇଛି। ଆସନ୍ତା ୧୦ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି କମିଟିର ସମ୍ପାଦକ ପ୍ରିୟବ୍ରତ ପ୍ରଧାନ କହିଛନ୍ତି ।

### ଷ୍ଟ୍ରିଟ ଲାଇଟ ନାହିଁ, ବଢୁଛି ଚୋରି

ଚିକିଟି,୩।୬(ପ୍ରକାଶ ଚନ୍ଦ୍ର ସାହୁ) ଗଞ୍ଜାମ ଜିଲା ଚିକିଟି ବ୍ଲକ ନୂଆପଡ଼ା ଚରିଆପଡ଼ା ସାହିରେ ଷ୍ଟ୍ରିଟ ଲାଇଟ ନାହିଁ। ଏଥିଯୋଗୁ ଦିନକୁ ଦିନ ଗ୍ରାମରେ ଚୋରି ବଢ଼ିବାରେ ଲାଗିଛି। ଲୋକେ ନିଜକୁ ନିରାପଦ ମନେ କରୁନାହାନ୍ତି। ସନ୍ଧ୍ୟା ହେଲେ ସାହିରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଏଥିଯୋଗୁ ଲୋକେ ରାସ୍ତାରେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଏନେଇ ସାହିବାସିନ୍ଦା ଅନେକ ଥର ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଲିଖିତ ରୂପେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏଥିପ୍ରତି ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ପ୍ରହ୍ଲାଦ ନାଟକ କଳାକାର ସଂଘ ଗଠିତ



ବୈଠକରେ ଏକାଠି ହୋଇଥିବା କଳାକାରମାନେ।

ଖଜୁରୀପଡ଼ା, ୩।୬( ବିଦୁର ବେହେରା) ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଗୃହଠାରେ ପ୍ରହ୍ଲାଦ ନାଟକର କଳାକାରମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଭିନାଶ ସାହାଣୀ ଓ ଟୁନା ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ପ୍ରହ୍ଲାଦ ନାଟକର ମ୍ୟାନେଜର,କର୍ମକର୍ତ୍ତା ଓ କଳାକାରମାନେ ଯୋଗ ଦେଇଥିଲେ। କନ୍ଧମାଳ ଜିଲା ପ୍ରହ୍ଲାଦ ନାଟକ କଳାକାର ସଂଘ ଗଠନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। କଳାକାରମାନଙ୍କ ସମସ୍ୟା ଉପରେ ଆଲୋଚନା ହେବା ସହ ଏକ ଜିଲାସ୍ତରୀୟ କମିଟି ଗଠନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଜିଲାରେ ପ୍ରହ୍ଲାଦ ନାଟକ କଳାକାର ସଂଘ ନ ଥିବାରୁ କଳାକାରମାନେ ସରକାରୀ ସହାୟତା, କଳାକାର ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସୁଭାଷ ବେହେରା, ଶରତ ବେହେରା, କାହ୍ନୁ ବେହେରା କହିଥିଲେ। ଶେଷରେ ଆଲୋଚନାକ୍ରମେ ପ୍ରହ୍ଲାଦ ନାଟକ କଳାକାର ସଂଘ ଗଠିତ ହୋଇଥିଲା। ବୈଠକରେ ଦଳପଡା, ଟିଗ୍ରା ପଙ୍ଗା, ଡେଙ୍ଗିସାହି, ବଡ ଭୂଇଁ, ଘୋଡ଼ା ପଥର, ପାଣ୍ଡୁ ଗୁଡ଼ା, କେରେଡି, ଦଳପଡା ସାହି, ବଡଭୂଇଁ ଗାଁର କଳାକାରମାନେ ଉପସ୍ଥିତ ଥିଲେ। ଅନ୍ୟ ଗାଁରେ ଥିବା ପ୍ରହ୍ଲାଦ ନାଟକର କଳାକାରମାନେ ସଂଘ ସହ ଯୋଡ଼ ହେବାକୁ ସଂଘ ଆହ୍ୱାନ ଦେଇଛି। ଆଗାମୀ ଦିନରେ ସଂଘ କିପରି ମଜଭୂତ ହୋଇ କାର୍ଯ୍ୟ କରିବ ସେନେଇ ଅନ୍ୟ ଏକ ବୈଠକରେ ଆଲୋଚନା କରାଯିବ।

# ଶୀତଳ ଷଷ୍ଠୀ ଅବସରରେ ନାଟକ ମଞ୍ଚସ୍ଥ

ଧରାକୋଟ,୩।୬ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ପାରମ୍ପରିକ ରୀତିନୀତି ଅନୁସାରେ ମହାଆଡମ୍ବର ସହକାରେ ଧରାକୋଟ ଗଡରେ ଶୀତଳ ଷଷ୍ଠୀ ଯାତ୍ରା ପାଳିତ ହୋଇଯାଇଛି । ଏହି ଅବସରରେ ଗଜପତି ଜିଲା ଅଡବା ଗ୍ରାମର ପ୍ରସିଦ୍ଧ ରାମାୟଣ ନାଟକ 'ସୁନା ପୁଅ ପାଇଁ କାନ୍ଦେ ଅଯୋଧ୍ୟା' ନାଟକ ବଡଦାଣ୍ଡ ସାହି ରଥପଦାର ସଂଗ୍ରାମୀ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଥିଲା। ଶ୍ରୀଚନ୍ଦ୍ର ଶେଖରଙ୍କ ସହ ମା ପାର୍ବତୀଙ୍କ ବିବାହ ସମାପନ ପରେ ଚନ୍ଦ୍ରଶେଖର, ବିଶ୍ୱେଶ୍ୱର ଓ ମହାଲିଙ୍ଗେଶରଙ୍କ ବିମାନ ଗ୍ରାମର ସମସ୍ତ ସାହି ପରିକ୍ରମା କରି ରଥପଦାସ୍ଥିତ ଅସ୍ଥାୟୀ ମଣ୍ଡପରେ ବିଜେ କରିଥିଲେ। ସୋମବାର ପୂର୍ବାହ୍ନରେ ଠାକୁରମାନଙ୍କ ନିକଟରେ ନବରଙ୍ଗ ନାଟକ ପରିବେଷଣ କରାଯାଇଥିବା ବେଳେ ସନ୍ଧ୍ୟାରେ ପୌରଣିକ ନାଟକ ରାମାୟଣ ମଞ୍ଚସ୍ଥ ହୋଇଥିଲା। ଏହାକୁ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ଶତ୍ରୁଘ୍ନ ଗୌଡ଼, ପିସିସି ମିଡ଼ିଆସେଲର ମାନସ ଆଚାର୍ଯ୍ୟ, ସମାଜିକ କର୍ମୀ ସୁନିଲ ଚୌଧୁରୀ, ଶରତ ରାଜ, ବାବା ସ୍ୱପ୍ନେଶ୍ୱର ନାଟ୍ୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ପାଣିଗ୍ରାହୀ, ଉପ ସଭାପତି ଜ୍ୟୋତି ରଞ୍ଜନ ସ୍ୱାଇଁ, ସମ୍ପାଦକ ୟୁ.ପାପା ରାଓ, ସହ ସମ୍ପାଦକ ଘନଶ୍ୟାମ ମହାନ୍ତି, କୋଷାଧ୍ୟକ୍ଷ ରବୀନ୍ଦ୍ର ଘୋଷ ପ୍ରମୁଖ ଉପସ୍ଥିତ ରହି ଶୀତଳ ଷଷ୍ଠୀ ଯାତ୍ରାର ପରମ୍ପରା ଓ ତାତ୍ପର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ। ଚିତ୍ରସେନ ବାଡତ୍ୟା ସଂଯୋଜନା କରିଥିଲେ। ଉତ୍ସବକୁ ହିମାଂଶୁ ଶେଖର ସ୍ୱାଇଁ, ବବିନା ବେହେରା, କାହ୍ନୁ ଚରଣ ଗୌଡ଼, ଶିବରାମ ବାରିକ, ବିକାଶ ମହାନ୍ତି, ସମ୍ପିତ ସ୍ୱାଇଁଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

# ଠିକାଦାରଙ୍କ ଅବହେଳାରୁ ରାସ୍ତା ଅଧାପନ୍ତରିଆ

## ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ଗ୍ରାମବାସୀ

ପାତ୍ରପୁର,୩।୬(ଉମା ଚରଣ ନେପାକ) ପାତ୍ରପୁର ବ୍ଲକ ଗୁଣ୍ଡରା, ଆମ୍ବପୁର ଓ ଜରଡା ପଞ୍ଚାୟତର ୯ଟି ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣାଧୀନ ରାସ୍ତା ନିର୍ମାଣରେ ଅବହେଳାର ପ୍ରତିବାଦ କରି ସୁନାରେଡି ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅଭିଯୋଗ କରିଥିବା ଜଣାପଡ଼ିଛି। ୨୦୨୪ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗ ରାସ୍ତାଠାରୁ ସୀମାନ୍ତ ମାଣିକପୁର ଭାୟା ସୁନାରେଡି, ସୁନାଖଳା, ଜଗନ୍ନାଥପୁର, ସୋମନାଥପୁର, ଖଣ୍ଡଦେଉଳି, ମହାଦେଇପୁର ଓ ମଦନପୁର ଗ୍ରାମକୁ ନୂତନ ରାସ୍ତା ନିର୍ମାଣ ପାଇଁ ତତ୍କାଳୀନ ରାଜ୍ୟ ସରକାର ସୁନାରେଡିଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରବର୍ତ୍ତୀ



ପଦ୍ମତୋଳା ଶାଖା କେନାଲ ହିଡ କାଟି ଠିକାଦାର କରିଥିବା ରାସ୍ତା।

ସମୟରେ ଦାୟିତ୍ୱ ନେଇଥିବା ଠିକାଦାର ରାସ୍ତାକାମ ଆରମ୍ଭ କରିଥିଲେ। ଠିକାଦାର ସୁବର୍ଣ୍ଣପୁରଠାରୁ ସୁନାରେଡି ପର୍ଯ୍ୟନ୍ତ ପଦ୍ମତୋଳା ଶାଖା କେନାଲ ହିଡକୁ ଜେସିବି ଦ୍ୱାରା ମାଟି ଖୋଳି ଉଚ୍ଚରେ ଥିବା ହିଡକୁ କାଟି ମାଟି ବିଛାଇ ରାସ୍ତା ଓସାରିଆ କରି ଦେଇଛନ୍ତି । ଫଳରେ ବର୍ଷା ଋତୁରେ ପଦ୍ମତୋଳା କେନାଲ ପାଣି ଚାଷ ଜମିରେ ପଶି ପ୍ରାୟ ୫୦୦ ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ନଷ୍ଟ ହେବାର ସମ୍ଭାବନା ରହିଛି ବୋଲି ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ପାଣି ଚାଷ ଜମିରେ ପଶିଲେ, ଚଳିତ ବର୍ଷ ଧାନ ରୋଇବା ମଧ୍ୟ ସମ୍ଭବ ହେବନାହିଁ। ପ୍ରାୟ ୩ଶହ ଚାଷୀ ପରିବାର ପରିବାର ପ୍ରତିପୋଷଣରେ କ୍ଷତିଗ୍ରସ୍ତ ହେବେ। ଏଥିସହ ସୁନାଖଳା, ଜଗନ୍ନାଥପୁର, ସୋମନାଥପୁର, ଖଣ୍ଡଦେଉଳି, ମହାଦେଈପୁର, ବନମାଳିପୁର, ମାଣିକପୁର ଗ୍ରାମରେ ମୁଖ୍ୟ ରାସ୍ତାଗୁଡିକରେ ରାସ୍ତା ଓସାରିଆ ନ କରି ମାଟି ବିଛାଇ ତା' ଉପରେ ମେଟାଲ ବିଛେଇ ରାସ୍ତା କାମ ଅଧପନ୍ତରିଆ କରି ଠିକାଦାର ଛାଡି ଚାଲିଯାଇଛନ୍ତି। ମୁଖ୍ୟମନ୍ତ୍ରୀ ଏହାକୁ ଅନୁଧ୍ୟାନ କରି ଉପରୋକ୍ତ ୩ ପଞ୍ଚାୟତର ୯ଟି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରି ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେବା ଲାଗି ଗ୍ରାମବାସୀ ନିବେଦନ କରିଛନ୍ତି। ବିଭାଗୀୟ ମନ୍ତ୍ରୀ, ସଚିବ, ଚିକିଟି ବିଧାୟକ, ଦକ୍ଷିଣାଞ୍ଚଳ ରାଜସ୍ୱ ନୀରିକ୍ଷକ, ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପଠାଯାଇଛି।

# ସମାନୁପାତିକ ଶିକ୍ଷକ ବଦଳିକୁ ନେଇ ରାଜନୀତି ସରଗରମ

**ଜଗତ୍‌ସିଂହପୁର,୩।୬(ପ୍ରମୋଦ କୁମାର ନାୟକ)**

■ ବିଧାୟକ, ଏମ୍‌ପିଙ୍କ ପାଖରେ ଲମ୍ବାଧାଡ଼ି

■ ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କ ପାଇଁ ଚ୍ୟାଲେଞ୍ଜ

ରାଜ୍ୟ ସରକାର କିଛିବର୍ଷ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ସମାନୁପାତିକ ଭିତ୍ତିରେ ଶିକ୍ଷକ ବଦଳି କରୁଥିଲେ। କିନ୍ତୁ ତାହା ବନ୍ଦ କରାଯାଇ ପରବର୍ତ୍ତୀ ସମୟରେ ନୂଆ ବଦଳି ନିୟମ ଲାଗୁ କରାଯାଇଥିଲା। ଏଥିରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଖାଲି ପଦବୀ ପୂରଣ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସେମାନଙ୍କ ପସନ୍ଦର ବିଦ୍ୟାଳୟକୁ ବଦଳି ପାଇଁ ସୁଯୋଗ ଦିଆଯାଇଥିଲା। ଗୋଟିଏ ବିଦ୍ୟାଳୟରେ ସର୍ବନିମ୍ନ ୬ ବର୍ଷ ରହିଥିଲେ ଜିଲା ଭିତରେ ଓ ୧୫ ବର୍ଷ ହୋଇଥିଲେ ଜିଲା ବାହାରକୁ ବଦଳି କରାଯିବା ପାଇଁ ସ୍ଥିର ହୋଇଥିଲା। ଏଭଳି କିଛିବର୍ଷ ଚାଲିଲା ପରେ ହଠାତ୍ ବଦଳି ବନ୍ଦ ହୋଇଯାଇଥିଲା। ଚଳିତବର୍ଷ ରାଜ୍ୟ ସରକାର ସମାନୁପାତିକ ଶିକ୍ଷକ ବଦଳିରେ ନୂଆ ନିୟମ ଆଣିଛନ୍ତି। ଏଣିକି ବିଧାୟକ ଓ ଏମ୍‌ପିମାନେ ଜଣ ପିଛା ୧୫ ଜଣ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ୍ କରିପାରିବେ। ଏହି ଆଧାରରେ ଜଗତ୍‌ସିଂହପୁର ଜିଲାର ୪ ବିଧାୟକ ଓ ଏମ୍‌ପି ମିଶି ମୋଟ ଉପରେ ୭୫ ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ୍ କରିବାର ସୁଯୋଗ ସୃଷ୍ଟି ହୋଇଛି। ଏହାକୁ ନେଇ ସାରା ଜିଲାରେ ରାଜନୀତି ଜୋର୍ ଧରିଛି। ବଦଳି ପାଇଁ ଇଚ୍ଛୁକ ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିଧାୟକ ଓ ଏମ୍‌ପିଙ୍କ ପାଖରେ ଲମ୍ବାଧାଡ଼ି ଲଗାଇବା ଆରମ୍ଭ କରିଦେଇଛନ୍ତି। ଅନ୍ୟପଟେ ବିଧାୟକ ଓ ଏମ୍‌ପିମାନେ ମଧ୍ୟ ସେମାନଙ୍କୁ ରାଜନୈତିକ ଓ ଆର୍ଥିକ ସହାୟତା କରିପାରିଲା ଭଳି ଯୋଗ୍ୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଚୟନ ପାଇଁ ଉଦ୍ୟମ କରୁଥିବା ଚର୍ଚ୍ଚା ଚାଲିଛି। ଯେତେବେଳେ ସମାନୁପାତିକ ଶିକ୍ଷକ ବଦଳି ଆରମ୍ଭହେଲା ସେତେବେଳେ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିଲା। କାରଣ ଯେଉଁସବୁ ବିଦ୍ୟାଳୟରେ ଅନୁମୋଦନଠାରୁ ଅଧିକ ଶିକ୍ଷକ ଥିଲେ ସେମାନଙ୍କ ମଧ୍ୟରୁ ଯିଏ ସର୍ବାଧିକ ସମୟ କାର୍ଯ୍ୟରତ ଥିବେ ତାଙ୍କୁ ବଦଳି କରାଯିବା କଥା ସ୍ଥିର ହୋଇଥିଲା। କେତେଜଣ ଶିକ୍ଷକ ନିର୍ଦ୍ଦିଷ୍ଟ ଏକ ବିଦ୍ୟାଳୟରେ ଦୀର୍ଘବର୍ଷ ଧରି ଗାଦିମାଡ଼ି ବସିଥିବାରୁ ସେମାନେ ଚିନ୍ତିତ ହେବା ସହ ରାଜନୈତିକ ଓ ଅନ୍ୟ ପ୍ରଭାବଶାଳୀ ଲୋକଙ୍କ ମାଧ୍ୟମରେ ଚାପ ପକାଇ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିଲେ। ୬ ବର୍ଷ ତଳେ ଜଗତ୍‌ସିଂହପୁର ଜିଲାରେ ଶିକ୍ଷକ ବଦଳି ସମୟରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳେ ପସନ୍ଦର ବିଦ୍ୟାଳୟ ଯିବାକୁ ରାଜନେତାଙ୍କ ମାଧ୍ୟମରେ ଲବି କରିଥିଲେ। କିନ୍ତୁ ତତ୍କାଳୀନ ଜିଲା ଶିକ୍ଷା ଅଧିକାରୀ ନିୟମ କଡ଼ାକଡ଼ି ପାଳନ ନେଇ ଜୋର୍ ଦେବାରୁ ରାଜନେତାଙ୍କ ଚାପ କାମ କରି ନ ଥିଲା। ସେତେବେଳେ ଜିଲା ଭିତରେ ବଦଳି ଚାହୁଁଥିଲେ ଗୋଟିଏ ବିଦ୍ୟାଳୟରେ ସର୍ବନିମ୍ନ ୬ ବର୍ଷ ଓ ବାହାର ଜିଲାକୁ ଯିବାକୁ ଚାହିଁଲେ ସର୍ବନିମ୍ନ ଗୋଟିଏ ବିଦ୍ୟାଳୟରେ ୧୫ ବର୍ଷ କାମ କରିଥିବା ବାଧ୍ୟତାମୂଳକ ଥିଲା। ବୃତ୍ତିଭିତ୍ତିକ ଶିକ୍ଷକ ହୋଇଥିଲେ ଆପୋସ ବୁଝାମଣା ଭିତରେ ଓ ଶାରୀରିକ କ୍ଷତିଗ୍ରସ୍ତ(ସର୍ବ ରହିଛି)ଙ୍କ ପାଇଁ କୌଣସି କଟକଣା ନ ଥିଲା। ଓପେପା ପୋର୍ଟାଲରେ ଆବେଦନ ପରେ ଚୟନ କରାଯିବ ବୋଲି ଦର୍ଶାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବଦଳି ବନ୍ଦ କରିଦିଆଯାଇଥିଲା। କିନ୍ତୁ ଖାଲି ପଦବୀ ପୂରଣ ପାଇଁ ବିକଳ୍ପ ଭାବେ ପସନ୍ଦ ବାଛିବାକୁ ସୁଯୋଗ ଦିଆଯାଇଥିଲା। ଏହାଦ୍ୱାରା ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ନିଯୁକ୍ତି ପାଉଥିବା ଅନେକ ଶିକ୍ଷକ ଲାଭବାନ୍ ହୋଇଥିବା ବେଳେ ଅନେକେ ମଧ୍ୟ ନିରାଶ ହୋଇଥିଲେ। ସେହିପରି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ବଦଳି ପାଇଁ ଖସଡ଼ା ସ୍ଥିର ହୋଇଥିଲେ ସୁଦ୍ଧା ତାହା ମଧ୍ୟ ଅଟକି ଯାଇଥିଲା। ମୋଟାମୋଟି ଭାବେ ଦେଖିବାକୁ ଗଲେ ବିଗତ ବର୍ଷଗୁଡ଼ିକରେ ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରାଧିକରଣ(ଓପେପା) ପକ୍ଷରୁ ତାଲିକା ଆସିଲା ପରେ ଯାଇ ଜିଲା ଶିକ୍ଷା ବିଭାଗ ପ୍ରକ୍ରିୟା ଆରମ୍ଭ କରିବ ବୋଲି ନିୟମ ଥିଲା। ଏଥିସହ ବଦଳି ପାଇଁ ଗଠନ କରାଯାଉଥିବା କମିଟି ଚୂଡ଼ାନ୍ତ ନିଷ୍ପତ୍ତି ନେଉଥିଲା। କେଉଁ ବିଦ୍ୟାଳୟରେ ଖାଲି ଓ କେଉଁଠି ବଳକା ଶିକ୍ଷକ ଅଛନ୍ତି ତାହା ଅନୁଧ୍ୟାନ ହେଉଥିଲା। ଦୀର୍ଘଦିନ ଧରି ଗାଦିମାଡ଼ି ବସିଥିବା ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବା ଉପରେ ଧ୍ୟାନ ଦିଆଯିବା ନିୟମ ଥିଲା। ଏହି ଅନୁଯାୟୀ ଜଗତ୍‌ସିଂହପୁର ଶିକ୍ଷା ଜିଲାର ୮ ବ୍ଲକ ଓ ୨ଟି ପୌରାଞ୍ଚଳରେ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନଙ୍କ ମଧ୍ୟରୁ ବଳକା ଶିକ୍ଷକ ବଦଳି କରାଯିବା ନିୟମ ରହିଥିଲା। କିନ୍ତୁ ବାସ୍ତବ କ୍ଷେତ୍ରରେ ରାଜନୈତିକ ଚାପ ଯୋଗୁ ଅନେକ ସମୟରେ ଜିଲାପାଳମାନେ ନରମି ଯାଇଥିଲେ। ବର୍ତ୍ତମାନ ସରକାର ଏଥିରେ ନୂଆ ବ୍ୟବସ୍ଥା ଯୋଗିଛନ୍ତି। ବିଧାୟକ ଓ ଏମ୍‌ପିମାନଙ୍କୁ ବଦଳିରେ ସିଧାସଳଖ ସମ୍ପୃକ୍ତ କରିଛନ୍ତି। ଏହା ସମାନୁପାତିକ ଶିକ୍ଷକ ବଦଳରେ କେତେ ସ୍ୱଚ୍ଛତା ଆଣିପାରିବ ତାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇଯାଇଛି। କାରଣ ବର୍ତ୍ତମାନ ବିଧାୟକ ଓ ଏମ୍‌ପିମାନଙ୍କ ପସନ୍ଦର ୭୫ ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବଦଳି ଚୂଡ଼ାନ୍ତ କରିବା ବଦଳି କମିଟି ଅଧ୍ୟକ୍ଷ(ଜିଲାପାଳ) ଓ ଆବାହକ(ଜିଲା ଶିକ୍ଷା ଅଧିକାରୀ)ଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଯାଇଛି। ଜଣେ ବିଧାୟକ ତାଙ୍କ ନିର୍ବାଚନମଣ୍ଡଳୀ ଭିତରେ ବଦଳି ପାଇଁ ସୁପାରିସ କଲେ ଅସୁବିଧା ହୋଇ ନ ପାରେ। କିନ୍ତୁ ଜିଲାର ଅନ୍ୟ ନିର୍ବାଚନ ମଣ୍ଡଳୀକୁ ବଦଳି ପାଇଁ ଚାହିଁଲେ ସମସ୍ୟା ଆସିପାରେ। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ଅଭିଯୋଗ ହେଲା, ଅନେକ ଶିକ୍ଷକ ନିଜ ଗାଁ ଓ ସହରରେ ରହି ଶିକ୍ଷାଦାନ ଅପେକ୍ଷା ରାଜନୀତିରେ ଅଧିକ ସମୟ ଦେଉଛନ୍ତି। ସେମାନେ ଦଳୀୟ ନେତାଙ୍କ ବାହୁଛାୟା ତଳେ ରହି ଭୋଟବ୍ୟାଙ୍କ ବଢ଼ାଇବା ସହ ଘରେ ରହି ଚାଷ ଓ ବ୍ୟବସାୟ କରୁଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ, ଶିକ୍ଷକମାନେ ଜୁନ୍ ୬ରେ ଅନ୍‌ଲାଇନରେ ଆବେଦନ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଜୁନ୍ ୯ରୁ ୧୬ ତାରିଖ ଭିତରେ ବିଇଓ(ବ୍ଲକ ଶିକ୍ଷା ଅଧିକାରୀ)ମାନେ ସବୁଦିଗକୁ ଦେଖି କେଉଁମାନଙ୍କୁ ବଦଳି କରାଯିବା ଉଚିତ ସେମାନଙ୍କ ନାମ ଅନୁମୋଦନ କରିବେ। ଉକ୍ତ ତାଲିକା ତାଙ୍କ ପାଖକୁ ଆସିଲାପରେ କମିଟିରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ବ୍ୟବସ୍ଥା ଅଛି। କିନ୍ତୁ ସରକାର ଏହି ପ୍ରକ୍ରିୟା ସାରିବା ପାଇଁ ଆଉ କିଛିଦିନ ବଢ଼ାଇବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେବେ ବଦଳିରେ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ଚେଷ୍ଟା ହେବ। ଯେଉଁ ଶିକ୍ଷାନୁଷ୍ଠାନରେ ଅଧିକ ଶିକ୍ଷୟିତ୍ରୀ, ଶିକ୍ଷକ ଥିବେ ସେମାନଙ୍କୁ ଖାଲି ଥିବା ବିଦ୍ୟାଳୟକୁ ବଦଳି କରାଯିବ ବୋଲି କହିଛନ୍ତି।

# ୬ ବାଲି ବୋଝେଇ ହାଇୱା ଜବତ


ଜବତ ହୋଇଥିବା ହାଇୱା।

**ପାଣିକୋଇଲି,୩।୬(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁରରେ ବାଲି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମାଞ୍ଚଳଠାରୁ ରାଜପଥ ପ୍ରତ୍ୟେକ ରାସ୍ତାରେ ବେଆଇନ ଭାବେ ଭାରିଯାନରେ ବାଲିଚାଲାଣ କରାଯାଉଛି। ଏନେଇ ଅଭିଯୋଗ ହେବାପରେ ମଙ୍ଗଳବାର ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୬ ବାଲି ବୋଝେଇ ହାଇୱା ଜବତ କରାଯାଇଛି। ବିଭାଗ ପକ୍ଷରୁ ଷଠିପୁର ପାଣିକୋଇଲି ମଧ୍ୟରେ ଚଢ଼ାଉ କରାଯାଇଥିଲା। ଏହିସମୟରେ ବାଲିପରିବହନ ନେଇ ଚାଲାଣ ଟିପି ନ ଥିବା ଜଣାପଡ଼ିଥିଲା। ଜୁନିୟର ଖଣି ଅଧିକାରୀ ବିଶ୍ୱଜିତ ସ୍ୱାଇଁ, ଶେଖର କୁମାର ମଲ୍ଲିକଙ୍କ ସମେତ ପାଣିକୋଇଲି ପୋଲିସ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଜବତ ଗାଡ଼ିଗୁଡ଼ିକୁ ପାଣିକୋଇଲି ପୋଲିସକୁ ହସ୍ତାନ୍ତର କରାଯାଇଛି।

# ଆମ ସଂକଳ୍ପ ସଚେତନତା ରଥର ଶୁଭାରମ୍ଭ


ଜଗତ୍‌ସିଂହପୁର ଜିଲାପାଳ ଜେ. ସୋନାଲ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ଜଗତସିଂହପୁର, ୩।୬ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲା ଅବକାରୀ ବିଭାଗ ପକ୍ଷରୁ ଆମ ସଂକଳ୍ପ ସଚେତନତା ରଥକୁ ମଙ୍ଗଳବାର ଜଗତ୍‌ସିଂହପୁର ଜିଲାପାଳ ଜେ. ସୋନାଲ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜଗତ୍‌ସିଂହପୁର ଜିଲାର ପ୍ରତ୍ୟେକ ବ୍ଲକ ଏବଂ ପୌରାଞ୍ଚଳ ବୁଲି ନିଶାଦ୍ରବ୍ୟ ଓ ମାଦକ ଦ୍ରବ୍ୟ ବ୍ୟବହାର ବିରୋଧରେ ଲୋକଙ୍କୁ ସଚେତନ କରାଇବ। ଏହା ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ବୁଲିବ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ, ଡେପୁଟି ଅବକାରୀ ଅଧିକ୍ଷିକା ଆଦ୍ୟାଶା ସ୍ୱାଇଁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତିଙ୍କ ସମେତ ସମସ୍ତ ଅବକାରୀ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ଚାଲିଥିବା ବେଆଇନ ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଅବକାରୀ ବିଭାଗ ସଂକଳ୍ପବଦ୍ଧ ବୋଲି କୁହାଯାଇଛି।

# ମହିଳାଙ୍କୁ ମୃତ ଦର୍ଶାଇ ରାଶନ କାର୍ଡ କାଟିଦେଲେ

**ବରୀ,୩।୬(ମହେନ୍ଦ୍ର ସ୍ୱାଇଁ):**

ନୟାଗଡ଼,୩।୬(ଲୋକନାଥ ମିଶ୍ର): ନୟାଗଡ଼ ଜିଲା ଦଶପଲ୍ଲା ଥାନା ଡିହଗାଁ ପଞ୍ଚାୟତ ଦୁଆରିଗାଁର ଜଙ୍ଗଲ ଅଞ୍ଚଳରୁ ଏକ ଦେଶୀ ବନ୍ଧୁକ କାରଖାନା ପୋଲିସ ଠାବ କରିଛି। ସେହି ବନ୍ଧୁକ କାରଖାନାରୁ ଦୁଆରିଗାଁର ରାଜେଶ କୁମାର ପ୍ରଧାନ(୨୭), ମଧ୍ୟଖଣ୍ଡର ତପନ ପରିଡ଼ା(୨୫), ମଧଖଣ୍ଡ ଗଡଭିତରସାହିର ଗୋବର୍ଦ୍ଧନ ପରିଡ଼ା(୪୮)ଙ୍କୁ ଗିରଫ କରି ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ୩ଜଣଙ୍କୁ ଦଶପଲ୍ଲା ଜେଲକୁ ପଠାଇ ଦିଆଯାଇଛି । ବନ୍ଧୁକ କାରଖାନାରୁ ୨ଟି ଦେଶୀ ବନ୍ଧୁକ, ଗୋଟିଏ ଗୁଳି, ବହୁ ପ୍ରସ୍ତୁତ ଉପକରଣ ଜବତ ହୋଇଛି । ଅନ୍ୟପକ୍ଷେ ତପନ ପରିଡ଼ାଙ୍କ ଭାଇ ବିଭୂତି ପରିଡ଼ା(୨୭) ଫେରାର ହୋଇଯାଇଛନ୍ତି ବୋଲି ନୟାଗଡ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଏସ୍ ସୁଶ୍ରୀ ସୂଚନା ଦେଇଛନ୍ତି । ଏସ୍‌ପି କହିଛନ୍ତି, ଦୁଆରିଗାଁର ଜଙ୍ଗଲିଆ ଅଞ୍ଚଳରେ ବେଶୀ ବନ୍ଧୁକ ତିଆରି ହେଉଥିଲା । ଯେଉଁମାନଙ୍କ ଆବଶ୍ୟକତା ରହିଛି ସେମାନେ କିଣୁଥିଲେ । ତେବେ ଅପରାଧ କାମରେ ବନ୍ଧୁକ ବ୍ୟବହାର ହେଉଥିଲା ବୋଲି ଜଣାପଡ଼ିଛି । ମଙ୍ଗଳବାର ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଦଶପଲ୍ଲା ଥାନାର ଜେସିବି ଦଳେଇ ଓ ସହଯୋଗୀ ବନ୍ଧୁକ କାରଖାନା ଚାଲିଥିବା ଖବର ପାଇଥିଲେ । କାରଖାନା ଉପରେ ଚଢ଼ାଉ କରିବାକୁ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ସ୍କ୍ୱାଡ୍ ଗଠନ କରାଯାଇଥିଲା । ଏହି ସ୍କ୍ୱାଡ଼ରେ ଦଶପଲ୍ଲା ଥାନା ଆଇଆଇସି ଅନିତା ସାହୁଙ୍କ ସମେତ ଥାନା ପୋଲିସ ମିଳିତ ଭାବେ ସେଠାରେ ଚଢ଼ାଉ କରିଥିଲେ । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୨୦/୨୫) ରୁଜୁ ହୋଇଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି । ଉକ୍ତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ଓ ସନାତନ କାଲୋ, ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଦଶପଲ୍ଲା ଥାନା ଆଇଆଇସି ଅନିତା ସାହୁ ଉପସ୍ଥିତ ଥିଲେ ।

## ଅଘୋଷିତ ବିଦ୍ୟୁତକାଟକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୩।୬(ଅଜୟ କୁମାର ମହାରଣା): ଗତ ୫ଦିନ ଧରି ବର୍ଷା ନାହିଁ। ଅସହ୍ୟ ରୌଦ୍ରତାପ, ଗୁଳୁଗୁଳି ସାଙ୍ଗକୁ ଅଘୋଷିତ ବିଦ୍ୟୁତ କାଟର ପ୍ରଭାବରେ ଖଣ୍ଡପଡ଼ା ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି । ଦିନବେଳେ ତାପମାତ୍ରା ୩୫ ଡିଗ୍ରୀରୁ ଊର୍ଦ୍ଧ୍ୱରେ ରହୁଥିବା ଜଣାପଡ଼ିଛି । ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ତାତିରୁ ନିସ୍ତାର ନାହିଁ । ଗ୍ରୀଷ୍ମର ପ୍ରକୋପ ଜନ ଜୀବନକୁ ପ୍ରଭାବିତ କରୁଥିବା ବେଳେ ବିଶେଷ କରି ବୟସ୍କ ବ୍ୟକ୍ତିମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ରାତିରେ ଲୋ ଭୋଲଟେଜ ସମସ୍ୟା ସାଙ୍ଗକୁ ମଶାଙ୍କ ଦୌରାତ୍ମ୍ୟ ଯୋଗୁ ଖଣ୍ଡପଡ଼ା ଅଞ୍ଚଳବାସୀ ତ୍ରାହି ତ୍ରାହି ଡାକୁଛନ୍ତି। ଖଣ୍ଡପଡ଼ା ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟ ହେବା ଫଳରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସମୟରେ ଘରେ ରହି ହେଉଛି ନାଁ ବାହାରେ । କଣ୍ଟିଲୋ ଓ ଏହାର ଆଖପାଖ ଗୋପୀନାଥପୁର, ପଥରଚକଡା, ବଳରାମ ପ୍ରସାଦ, ବେଣାଗାଡିଆ, ଢୋଲମରା, କୁମ୍ଭାରପଡା, କଦମ୍ବମିରି ଆଦି ଗ୍ରାମାଞ୍ଚଳର ପୋଖରୀ, ଗାଡିଆ ଶୁଖିଯିବା ସହ ପାନୀୟ ଜଳ ବ୍ୟବସ୍ଥା ଅଚଳ ହୋଇପଡ଼ିଛି । ଗ୍ରାମବାସୀଙ୍କ ସହ ଗୃହ ପାଳିତ ପଶୁମାନେ ପାଣି ଟୋପେ ପାଇଁ ଡହଳ ବିକଳ ହେଉଛନ୍ତି । ଖରା ବଢ଼ିବାରୁ ଦୋକାନ ବଜାର ବନ୍ଦ ହୋଇ ପଡୁଛି । ଗତ ୬ଦିନ ତଳେ ଖଣ୍ଡପଡ଼ାରେ ସ୍ୱାଭାବିକ ଭାବେ ବର୍ଷା ହୋଇଥିଲା । ଫଳରେ ସାଧାରଣରେ ଥଣ୍ଡା ଅନୁଭୂତ ହେବା ସହ ଅଞ୍ଚଳବାସୀ ସାମାନ୍ୟ ଆଶ୍ୱସ୍ତି ଲାଭ କରିଥିଲେ । ମାତ୍ର ହଠାତ୍ ମୌସୁମୀ ଦୁର୍ବଳ ହେବା ଯୋଗୁ ବର୍ଷା ଉଭାନ ହେବା ସହ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଲା । ଏଭଳି ସ୍ଥିତିରେ ଅଘୋଷିତ ବିଦ୍ୟୁତ କାଟକୁ ନେଇ ଅଞ୍ଚଳବାସୀ ପ୍ରମାଦ ଗଣୁଛନ୍ତି। ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ଏଥିପ୍ରତି ବିଦ୍ୟୁତ ବିତରଣ କମ୍ପାନୀ ଟିପିସିଓଡିଏଲ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି ।

## ମାଟିରେ ପୋତି ହେଲାଣି ନଳକୂପ

ଖଣ୍ଡପଡ଼ା,୩।୬(ଅଜୟ କୁମାର ମହାରଣା): ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏକ ନଳକୂପ ଏବେ ମାଟିରେ ପୋତି ତାରିଖରେ ।ବସର ଗ୍ରହଣ କରିଛି । ହେବାକୁ ବସିଲାଣି ଏଥିପ୍ରତି ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ପ୍ରକାଶ ଥାଉକି ଖଣ୍ଡପଡ଼ା ଓ ଖଳିସାହି ମଧ୍ୟରେ ଅବସ୍ଥିତ ବାଇପାସ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଶେଷ ପରେ ରାସ୍ତା ପାର୍ଶ୍ୱରେ ଥିବା ନଳକୂପଟି ପୋତି ହୋଇପଡିଛି । ଫଳରେ ନଳକୂପଟି କାର୍ଯ୍ୟକ୍ଷମ ଥାଇ ମଧ ଅଞ୍ଚଳବାସୀଙ୍କ କାର୍ଯ୍ୟରେ ଆସୁ ନ ଥିବା ଜଣାପଡିଛି । ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଆଜିଠୁ ବାଗଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଞ୍ଜନଗର,୩।୬(ବାବୁଲା ପ୍ରଧାନ) ଭଞ୍ଜନଗର ସହର ବ୍ଲକ ଛକରେ ଥିବା କନ୍ୟା ବାଗଦେବୀ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାରଠାରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ସମୟରେ ମନ୍ଦିର ଶୋଭାଯାତ୍ରା ସହ ନାମ ଯଜ୍ଞ, ଅନ୍ନ ଯଜ୍ଞ, ଘୃତ ଯଜ୍ଞ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବ । ରବିବାର ସନ୍ଧ୍ୟାରେ ମନ୍ଦିର କାର୍ଯ୍ୟାଳୟ ପରିସରରେ ଏଥିପ୍ରତି ବୈଠକ ହୋଇଥିଲା । ଏଥିରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଅଧ୍ୟକ୍ଷତା କରି ପ୍ରତିଷ୍ଠା ଉତ୍ସବ କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ଗୁରୁତ୍ୱ ଦେଇଥିଲେ । ବୈଠକରେ ମନ୍ଦିର କର୍ମକର୍ତ୍ତା ଶ୍ରୀରାମ ପ୍ରସାଦ ପାଳ, ପ୍ରମୋଦ ଦଳବେହେରା, ସୁବାସ ପ୍ରଧାନ, ସୁବାଷ ବରାଡ, କଳ୍ପତରୁ ନାୟକ, ରାଘବ ଚନ୍ଦ୍ର ଆଚାର୍ଯ୍ୟ, ପ୍ରଫୁଲ୍ଲ ପଟ୍ଟନାୟକ, ପର୍ଶୁରାମ ସ୍ୱାଇଁ, ହରିହର ନାୟକ, ଏମପି ପ୍ରତିନିଧି ସନ୍ତୋଷ ତିଆଡି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ନୟାଗଡ଼କୁ ୯ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୧୦ କାଂସ୍ୟ ପଦକ

ନୟାଗଡ଼,୩।୬(ଲୋକନାଥ ମିଶ୍ର): ନବମ ଓପନ ଜାତୀୟ ଟାଏକୋଣ୍ଡୋ କିରୋଗି ଓ ପୁମସାଇ ଚାମ୍ପିୟନଶିପ ପ୍ରତିଯୋଗିତାରେ ୯ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୧୦ଟି କଂସ୍ୟ ପଦକ ନୟାଗଡ଼ ଜିଲାକୁ ମିଳିଛି । ସାଇ ପ୍ରିତମ ମହାରଣା, ଦିବ୍ୟାଂଶୁ ସାହୁ, ଆଦିତ୍ୟ ଷଡ଼ଙ୍ଗୀ, ରାଜ ବିନାୟକ, ରୋହନ ପଡ଼ିହାରୀ, ରୂପେଶ କୁମାର ପାତ୍ର, ନିର୍ଝରା ମିଶ୍ର, ଦେବାଶିଂ ବିଶ୍ୱାଳ, ଶିବାନୀ ସୁବଦ୍ଧି ପ୍ରମୁଖ ୯ଜଣ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଭିରାଟ ପ୍ରୟାସ, ଆୟୁଷ୍ମାନ ବିହାରୀ, ସୟାମ ସୋଭିତ ସାହୁ, ଦିବ୍ୟଜ୍ୟୋତି ସାହୁ, ଶ୍ରୀୟାସି ସାହୁ, ବିଷ୍ଣୁପ୍ରିୟା ପରିମାଣିକ, ଆୟୁଶ୍ରୀ ଦାସ ପ୍ରମୁଖ ୭ଜଣ ରୌପ୍ୟ ପଦକ ପାଇଛନ୍ତି । ସେହିଭଳି ତନ୍ମିସ ସୁନ୍ଦରକା, ଆଦିତ୍ୟ ସାହୁ, ପ୍ରିତମ ପିୟୁସ ମିଶ୍ର, ଏସ ମମରାଜ ସାହିବ, ସ୍ୱାଶତ ସମ୍ବିଦ୍ ପ୍ରଧାନ, ସାଇ ପ୍ରସାଦ ଜଗତ୍‌ସିଂହ, ନିଭାନ ବସନ୍ତ ନାୟକ, ଶୋଭାଲିନ ମହାପାତ୍ର, ତନଭି ମନିଷା ପ୍ରଧାନ ପ୍ରମୁଖ କାଂସ୍ୟ ପଦକ କିରୋଗୀ ଇଭେଣ୍ଟରେ ପାଇଥିବାବେଳେ ଦିକ୍ଷା ପ୍ରୀୟା ପୁମସାଇ ଇଭେଣ୍ଟରେ କାଂସ୍ୟ ପଦ ପାଇଛନ୍ତି । କଟକର ଜବାହରଲାଲ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ନବମ ଓପନ ଜାତୀୟ ଟାଇକୋଣ୍ଡ କିରୋଗି ଓ ପୁମସାଇ ଚାମ୍ପିୟନଶିପ୍ ପ୍ରତିଯୋଗିତା ମେ ୩୦ରୁ ଜୁନ ୨ ପର୍ଯ୍ୟନ୍ତ ହୋଇଥିଲା । ଏଥିରେ ନୟାଗଡ଼ର ନୂଆ ରାଜବାଟିସ୍ଥି ନୟାଗଡ଼ ମାର୍ଶାଲ ଆର୍ଟ ଏକାଡେମିର ୩୨ ଜଣ ଖେଳାଳୀ ବାଳକ ଓ ବାଳିକା ବିଭାଗରେ ଅଂଶ ଗ୍ରହଣ କରିଥିଲେ । ବାଳକ ବିଭାଗରେ କୋଚ ଭାବେ ପୃଥ୍ୱୀ ରାୟଗୁରୁ ଓ ମ୍ୟାନେଜର ସୌମ୍ୟ ରଞ୍ଜନ ସାହୁ, ବାଳିକା ବିଭାଗରେ କୋଚ ଶିବାନନ୍ଦ ରାୟଗୁରୁ ଓ ମ୍ୟାନେଜର ଶୁଭଶ୍ରୀ ରାୟଗୁରୁ ଯାତ୍ରା କରିଥିଲେ ।



କୋଚଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ଜାତୀୟ ଟାଏକୋଣ୍ଡୋ କିରୋଗି ଓ ପୁମସାଇ ଚାମ୍ପିୟନଶିପ୍

## ଗୋଟିଏ ଓଲଟିଲା, ଅନ୍ୟଟି ଚା' ଦୋକାନକୁ ମାଡ଼ିଗଲା

ଖଳିକୋଟ,୩।୬(ପ୍ରଶାନ୍ତ କୁମାର ମିଶ୍ର): ଖଳିକୋଟ ବଡ଼ ଘାଟି ତଳେ ହରିଡ଼ାମୂଳଠାରେ ମଙ୍ଗଳବାର ସନ୍ଧ୍ୟାରେ ଘଟିଛି ଦୁଇଟି ଦୁର୍ଘଟଣା। ବଡ଼ଘାଟିରୁ ବାଇପାସ୍ ରୋଡ଼ରେ ଡକ୍କୁ ଖସିବା ବେଳେ ଭାରସାମ୍ୟ ହରାଇ ଏକ ଟ୍ରକ ରାସ୍ତା କଡ଼କୁ ଓଲଟି ପଡ଼ିଛି ତେବେ ଏହି ଟ୍ରକ ପଛରେ ଆସୁଥିବା ଆଉ ଗୋଟିଏ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଚା'ଦୋକାନ ଭିତରେ ପଶି ଯାଇଥିଲା । ଫଳରେ ଚା' ଦୋକାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଚୁରମାର ହୋଇଯାଇଛି। ଦୋକାନୀ ସୁରେନ୍ଦ୍ର ସାହୁ ଓ ଏହିସମୟରେ ସେଠାରେ ଥିବା ୩ ଜଣ ଗ୍ରାହକ ବେଢିଁ ପଳାଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୁରେନ୍ଦ୍ରଙ୍କ ମୁଣ୍ଡରେ ଆଘାତ ଲାଗି ତାଙ୍କ ମୁଣ୍ଡ ଫାଟିଯାଇଛି। ସୋମବାର ବଡ଼ ଘାଟି ତଳେ ଥିବା ହରିଡ଼ାମୂଳ ବ୍ରିଜ ଉପରେ ଏକ ମାଲ ବୋଝେଇ ଟ୍ରକ ଓଲଟି ପଡ଼ିଥିଲା। ମଙ୍ଗଳବାର ସେହି ବ୍ରିଜ୍ ମେଣ୍ଟେନ୍ଟେ ରାସ୍ତା ଉପରୁ ହଟାଇ ଆଉ ଏକ ଗାଡ଼ିରେ ଲୋଡ଼ କରାଯାଉଥିଲା । ସେଥିପାଇଁ ୧୬ ନମ୍ବର ଜାତୀୟ ରାଜପଥରେ ବ୍ରହ୍ମପୁର -ଭୁବନେଶ୍ୱର ମୁଖ୍ୟ ରାସ୍ତାକୁ ବନ୍ଦ କରାଯାଇ ବଡ଼ ଘାଟିରୁ ଖଳିକୋଟ ବାଇପାସ ରାସ୍ତାରେ ଗାଡ଼ିଗୁଡ଼ିକୁ ଛଡା ଯାଉଥିଲା । ତେବେ ବାଇପାସ ରାସ୍ତାଟି ଅତ୍ୟଧିକ ଗଡାଣିଆ ହୋଇଥିବାରୁ ଗୋଟିଏ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିବା ବେଳେ ଏହା ପଛରେ ଆସୁଥିବା ଆଉ ଏକ ମାଲ ବୋଝେଇ ଟ୍ରକ ରାସ୍ତା କଡ଼ରେ ଥିବା ଚା ଦୋକାନ ଭିତରେ ପଶି ଯାଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରି ଗାଡ଼ିଗୁଡ଼ିକୁ ଛାଡ଼ିଥିଲେ।

## କ୍ଷୁଦ୍ର ଜଳସେଚନ ବିଭାଗ ନୂତନ ପ୍ରକଳ୍ପ ବୁଲି ଦେଖିଲେ ବାଚସ୍ପତି

ରଣପୁର,୩।୬(ସୁକାନ୍ତ କିଶୋର ଡାକୁଆ): ନୟାଗଡ଼ ଜିଲା ରଣପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ବିଭିନ୍ନ ଜଳସେଚନ ପ୍ରକଳ୍ପ କାମ ଚାଲିଛି । ମଙ୍ଗଳବାର ବାଚସ୍ପତି ସୁରମା ପାଢ଼ୀଏହି ୧୮ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ନିର୍ମାଣ କାମ ବୁଲି ଦେଖିବା ସହିତ ସ୍ଥିତି ଅନୁଧ୍ୟାନ କରିଛନ୍ତି । ବାଚସ୍ପତି ପାଢ଼ୀଙ୍କ ସହିତ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ ଏବଂ ବର୍ଷା ଆସିବା ପୂର୍ବରୁ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ବାଉଁଶିଆ ନାଳ ଚେକ୍‌ଡ୍ୟାମ ଖଣ୍ଡିସି, ଘିଡିଘିଡ଼ିଆ ନାଳ ଚେକ୍‌ଡ୍ୟାମ ରହିଛି । ସେହିପରି ଓଇଁଲେ, ଗୋପାଳପୁର, ଚେନ୍ଦୁଲି ପୁଟ ଚେକ୍ ଡ୍ୟାମ, ନରସିଂହପୁର, ଭଗବତୀ ବନ୍ଧ ଚେକ୍ ଡ୍ୟାମ ଏବଂ ଅନ୍ୟ ଚେକ୍ ଡ୍ୟାମଗୁଡ଼ିକ କାର୍ଯ୍ୟକୁ ବାଚସ୍ପତି ବୁଲି ଦେଖିଥିଲେ । ଏହି ଚେକ୍ ଡ୍ୟାମଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଚାଷୀମାନେ ଉପକୃତ ହେବେ । ବାଚସ୍ପତି ଏହି ପ୍ରକଳ୍ପଗୁଡ଼ିକ ପରିଦର୍ଶନ ସମୟରେ ତାଙ୍କ ସହିତ ସ୍ଥାନୀୟ ଅଞ୍ଚଳର ପ୍ରଫୁଲ୍ଲ ମହାପାତ୍ର, ପରେଶ ମିଶ୍ର, ନିର୍ମଳ ମଉଗଞ୍ଜିଙ୍ଗ, ଭରତ ରଣସିଂହ, ଅଭିଷେକ ସାମନ୍ତରାୟ, ଗଣେଶ୍ୱର ମାଝାତା, ଭାସ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ବାଚସ୍ପତି ସୁରମା ପାଢ଼ୀ ଚେକ୍ ଡ୍ୟାମ୍ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

## ନାବାଳିକା ବଳାତ୍କାର ଘଟଣା ଚାପିଦେଲେ

ନୟାଗଡ଼ ଅଫିସ,୩।୬(ଲୋକନାଥ ମିଶ୍ର): ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା କୁରାଳ ଅଞ୍ଚଳରେ ସୋମବାର ଜଣେ ନାବାଳିକାକୁ ବଳାତ୍କାର କରାଯାଇଥିବା ଚର୍ଚ୍ଚା ହେଉଛି । ତେବେ ଏହି ଘଟଣାକୁ ଚାପି ଦେବାକୁ ଉଦ୍ୟମ ହୋଇଥିବାରୁ ସାମାଜିକ ଗଣମାଧ୍ୟମରେ ସମାଲୋଚନା ଚାଲିଛି । ଖବର ପାଇ ପୋଲିସ ପହଞ୍ଚି ଥିଲେ ମଧ ପୀଡ଼ିତା ଘଟଣା ସମ୍ପର୍କରେ ଅଭିଯୋଗ କରିବାକୁ ମନା କରିଛନ୍ତି । ସାମାଜିକ ଗଣ ମାଧମରେ ଚର୍ଚ୍ଚା ଅନୁସାରେ ପୀଡ଼ିତାକୁ ନ୍ୟାୟ ଦେବାକୁ ସେହି ଅଞ୍ଚଳର କେତେଜଣ ଜନ ପ୍ରତିନିଧି, ଖବରଦାତା ମାମଲାକୁ ରଫା ଦଫା କରିବାକୁ ଉଦ୍ୟମ କରିଥିବା ଉଲ୍ଲେଖ ରହିଛି । ହେଲେ ମାମଲାକୁ ସେହି ଅଞ୍ଚଳରେ ବୈଠକ ମାଧ୍ୟମରେ ଫଇସଲା କରିବା ବିଫଳ ହେବା ପରେ ପ୍ରଥମେ ବର୍ଣ୍ଣୋର ପାଣି ଷଣ୍ଢ ମନ୍ଦିର ଓ ପରେ ରାସ୍ତାରେ ଥିବା ରଙ୍ଗଣିପାଟଣା ପଞ୍ଚାୟତ ସଭାପତିଙ୍କ ଗୃହରେ ପାଞ୍ଚ ଜଣିଆ ଭଦ୍ର ଲୋକଙ୍କ ଉପସ୍ଥିତି ବୈଠକ ହୋଇଛି । ଏପରିକି ବଳାତ୍କାରୀକୁ ଖାପ୍ ପଞ୍ଚାୟତରେ ବସାଇ ଜରିମାନା ଆଦାୟ କରାଯାଇଥିବା ଉଲ୍ଲେଖ ରହିଛି । ହେଲେ ପୀଡ଼ିତା ନ୍ୟାୟ ପାଇଲା କି ନାହିଁ ଜଣା ପଡିନାହିଁ । ଏ ସମ୍ପର୍କରେ ରଙ୍ଗଣିପାଟଣା ସରପଞ୍ଚଙ୍କୁ ପଚାରିବାରେ ବିଳମ୍ବିତ ରାତିରେ ୨/୩ ଜଣ ଜନ ପ୍ରତିନିଧି ଉକ୍ତ ଘଟଣାର ଫଇସଲା କରିବାକୁ ତାଙ୍କ ଅଫିସର ସଭାଗୃହ ଚାବି ମାଗି ନେଇ ମିଟିଂ କରିଥିବା ସ୍ୱୀକାର କରିଛନ୍ତି । ଅନ୍ୟପକ୍ଷେ ବଳାତ୍କାର ନେଇ ଆଦର୍ଶ ଥାନା ଅଧିକାରୀ ଅଭୟ କୁମାର ବେହେରା କୌଣସି ଅଭିଯୋଗ ପାଇ ନ ଥିବା କହିଛନ୍ତି । ସେହିପରି ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ୧୧୨ରୁ କଲ୍ ପାଇ ପୋଲିସ ପହଞ୍ଚିଥିବା ବେଳେ ପୀଡ଼ିତା କିମ୍ବା ତାଙ୍କ ପରିବାର ଲୋକେ ସମ୍ମାନ ଦୃଷ୍ଟିରୁ ଅଭିଯୋଗ କରିବାକୁ ଆଦୌ ପ୍ରସ୍ତୁତ ନ ଥିଲେ । ଅଭିଯୋଗ ବିନା ପୋଲିସ ନିରୁପାୟ ବୋଲି ସେ କହିଛନ୍ତି ।


Repco Home Finance

# ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

କର୍ପୋରେଟ୍ କାର୍ଯ୍ୟାଳୟ: ଆଲେକ୍ଜାଣ୍ଡର ସ୍କୋୟାର୍, ନଂ.୨ (ପୁରୁଣା ନଂ. ୩୪ ଓ ୩୫), ୩ୟ ମହଲା, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ - ୬୦୦ ୦୩୨

## ଇ - ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ନିମ୍ନଲିଖିତ ଶାଖା**ରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି । ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **''ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ''** ଏବଂ **''ଯେମିତି ଅଛି ଯାହା ଅଛି ସ୍ଥିତିରେ''** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି ।

**ଇ-ନିଲାମର ତାରିଖ ଓ ସମୟ: ୧୫.୦୭.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା (୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୧୪.୦୭.୨୦୨୫, ଅପରାହ୍ନ ୪.୦୦ ଘଟିକା**

**କଟକ ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪୯୬୯୯୮**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ଜିତେନ୍ଦ୍ର କିଶୋର ସେଠୀ,** ପିତା: ଶ୍ରୀ ବଂଶୀଧର ସେଠୀ, **ସହ-ଋଣଗ୍ରହୀତା: ୧. ଶ୍ରୀମତୀ ରେବତୀ ସେଠୀ,** ସ୍ୱାମୀ: ଶ୍ରୀ ବଂଶୀଧର ସେଠୀ, **୨. ଶ୍ରୀ ବଂଶୀଧର ସେଠୀ,** ପିତା: ଶ୍ରୀ ସାନନ୍ଦ ସେଠୀ, **୩. ଶ୍ରୀମତୀ ଅମ୍ବିକା ସେଠୀ,** ସ୍ୱାମୀ: ଜିତେନ୍ଦ୍ର କିଶୋର ସେଠୀ, **ଗ୍ୟାରେଣ୍ଟିଦାତା: ଶ୍ରୀ ଗୌରୀଶଙ୍କର ସ୍ୱାଇଁ,** ପିତା: ଶ୍ରୀ ଗଙ୍ଗାଧର ସ୍ୱାଇଁ; ଡିମାଣ୍ଡ ନୋଟିସ ତାରିଖ: **୧୫.୦୩.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୬୦୬୮୦୩୫୫ (ପୁରୁଣା ଖାତା ନଂ. ୧୬୮୧୮୬୦୦୦୦୩୫୫)** ହେଉଛି **ତା୧୪.୦୩.୨୦୨୨ରିଖ ସୁଦ୍ଧା ₹୧୫,୮୧,୮୪୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୨.୧୧.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୪.୦୫.୨୦୨୫ରିଖ ସୁଦ୍ଧା ₹୨୩,୩୯,୦୫୪/-** ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: କଟକ ସଦର, ମୌଜା: କାଠଗଡ଼ା ସାହି**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ. ୧୫୭୦/୨୩୧, **ପ୍ଲଟ୍ ନଂ. ୯୨୬/୪୪୪୪,** ରକବା: ଏ.୦.୦୨୫ ଡିସିମିଲ, ଜମିର ସ୍ଥିତି: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ରବୀନ୍ଦ୍ର ସେଠୀ, ଦକ୍ଷିଣ: ପ୍ଲଟ୍ ନଂ. ୯୨୫, ପୂର୍ବ: ମେନ୍ ରୋଡ୍, ପଶ୍ଚିମ: ପ୍ଲଟ୍ ନଂ. ୯୨୪ ଓ ୯୨୫ ।

| ସଂରକ୍ଷିତ ମୂଲ୍ୟ | ₹୪୪,୦୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୪୦,୮୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୫୦,୦୦୦/- |
|---|---|---|---|---|---|

**କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ପୁରୁଷୋତ୍ତମ ନାୟକ (ଦିବଂଗତ),** ପିତା: ଶ୍ରୀ ଦାଶରଥି ନାୟକ, **ସହ-ଋଣଗ୍ରହୀତା: ୧. ଶ୍ରୀ ତାପସ ରଞ୍ଜନ ନାୟକ,** ପିତା: ଶ୍ରୀ ପୁରୁଷୋତ୍ତମ ନାୟକ, **୨. ଶ୍ରୀମତୀ ସୁବାସିନୀ ନାୟକ,** ସ୍ୱାମୀ: ଶ୍ରୀ ପୁରୁଷୋତ୍ତମ ନାୟକ, **ଗ୍ୟାରେଣ୍ଟିଦାତା: ଶ୍ରୀ ସନ୍ତୋଷ କୁମାର ସ୍ୱାଇଁ,** ପିତା: ଶ୍ରୀ କଣ୍ଡୁରି ଚରଣ ସ୍ୱାଇଁ; ଡିମାଣ୍ଡ ନୋଟିସ ତାରିଖ: **୨୩.୦୮.୨୦୨୧**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୭୨୬୮୦୪୦୭ (ପୁରୁଣା ଖାତା ନଂ. ୧୬୮୧୮୭୨୦୦୦୪୦୭)** ହେଉଛି **ତା୧୮.୦୮.୨୦୨୧ରିଖ ସୁଦ୍ଧା ₹୧୬,୫୫,୩୦୫/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୯.୦୧.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୨୮,୦୪,୧୯୭/-** ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ପୁରୀ, ତହସିଲ: ପିପିଲି, ମୌଜା: ଉତ୍ତରସାହି**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ. ୧୫୯/୮୦, ପ୍ଲଟ୍ ନଂ. ୨୦/୭୫୬, ରକବା: ଏ.୦.୦୬୦ ଡିସିମିଲ । ଜମିର କିସମ: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ପ୍ଲଟ୍ ନଂ. ୧୯, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୧୭ ଓ ୧୮, ପଶ୍ଚିମ: ପ୍ଲଟ୍ ନଂ. ୨୦ର ଅବଶିଷ୍ଟାଂଶ ।

| ସଂରକ୍ଷିତ ମୂଲ୍ୟ | ₹୩୫,୯୧,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୫୯,୧୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୩: ଋଣଗ୍ରହୀତା: ଶ୍ରୀ ଧରଣୀଧର ଦେହୁରୀ,** ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ଦେହୁରୀ, **ସହ-ଋଣଗ୍ରହୀତା: ୧. ଶ୍ରୀ ବଂଶୀଧର ଦେହୁରୀ,** ପିତା: ଶ୍ରୀ ଦୁଃଶାସନ ଦେହୁରୀ, **୨. ଶ୍ରୀ କରୁଣାକର ଦେହୁରୀ,** ପିତା: ଶ୍ରୀ କୃଷ୍ଣ ଦେହୁରୀ, **୩. ଶ୍ରୀମତୀ ଟିକା ଦେହୁରୀ,** ସ୍ୱାମୀ: ଶ୍ରୀ କରୁଣାକର ଦେହୁରୀ, **୪. ଶ୍ରୀମତୀ ନମୟିତା ଦେହୁରୀ,** ପିତା: ଶ୍ରୀ ଧରଣୀଧର ଦେହୁରୀ, **୫. ଶ୍ରୀମତୀ ପାର୍ବତୀ ଦେହୁରୀ,** ସ୍ୱାମୀ: ଶ୍ରୀ ବଂଶୀଧର ଦେହୁରୀ; ଡିମାଣ୍ଡ ନୋଟିସ ତାରିଖ: **୩୧.୦୧.୨୦୨୩**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୬୦୬୮୦୫୨୩**) ହେଉଛି **ତା୩୧.୦୧.୨୦୨୩ରିଖ ସୁଦ୍ଧା ₹୧୫,୯୩,୮୬୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୮.୧୨.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୪.୦୫.୨୦୨୫ରିଖ ସୁଦ୍ଧା ₹୨୧,୮୬,୮୦୯/-** ।
**ସମ୍ପତ୍ତିର ବର୍ଣ୍ଣନା: କଟକ ଜିଲ୍ଲା, ତହସିଲ: ସାଲେପୁର, ମୌଜା: ମଧ୍ୟକଚ୍ଛ**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଆର୍‌ଓଆର୍ ନଂ. ୮୩, ପ୍ଲଟ୍ ନଂ. ୧୬୧୪, ରକବା: ଏ.୦.୧୦୩ ଡିସିମିଲ । ମୋଟ ଦଖଲ ରକବା: **ଏ.୦.୧୦୩ ଡିସିମିଲ,** ଜମିର କିସମ: ଘରବାରି (ହୋମଷ୍ଟିଡ୍) ଏବଂ ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ହୃଦାନନ୍ଦ ପଣ୍ଡା, ଦକ୍ଷିଣ: ବଳି ବେୱା, ପୂର୍ବ: ରାସ୍ତା, ପଶ୍ଚିମ: ବଂଶୀ ଦେହୁରୀ ।

| ସଂରକ୍ଷିତ ମୂଲ୍ୟ | ₹୩୯,୭୨,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୯୭,୨୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**ଭୁବନେଶ୍ୱର ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪୯୬୯୯୮**

**କ୍ର.ସଂ. ୪: ଋଣଗ୍ରହୀତା: ଶ୍ରୀ ଶେଖ୍ ଅନିଭଲ,** ପିତା: ଶ୍ରୀ ଶେଖ୍ ଇନୁସ୍, **ସହ-ଋଣଗ୍ରହୀତା: ଶ୍ରୀମତୀ ସୁଲତାନା ବିବି,** ସ୍ୱାମୀ: ଶ୍ରୀ ଶେଖ୍ ଅନିଭଲ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ କରୁଣାକର ସାହୁ;** ଡିମାଣ୍ଡ ନୋଟିସ ତାରିଖ: **୨୧.୦୮.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୮୧୮**) ହେଉଛି **ତା୧୮.୦୮.୨୦୨୦ରିଖ ସୁଦ୍ଧା ₹୯,୭୨,୩୨୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୫.୦୫.୨୦୨୫ରିଖ ସୁଦ୍ଧା ₹୧୮,୫୧,୮୪୦/-** ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କେନ୍ଦ୍ରାପଡ଼ା, ତହସିଲ: ଡେରାବିଶ, ମୌଜା: ହଳଦିଆ**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍: ୧୫, **ପ୍ଲଟ୍ ନଂ. ୪୩୭, ରକବା: ଏ.୦.୦୫୦ ଡିସିମିଲ,** ପ୍ଲଟର କିସମ ହେଉଛି ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ମଙ୍ଗୁ ପ୍ରଧାନ, ଦକ୍ଷିଣ: ନଜିର ଖାନ୍, ପୂର୍ବ: ସଡ଼କ, ପଶ୍ଚିମ: ସମଶେର୍ ଖାନ୍ ।

| ସଂରକ୍ଷିତ ମୂଲ୍ୟ | ₹୩୨,୫୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୨୫,୮୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୫: ଋଣଗ୍ରହୀତା: ଶ୍ରୀ ନିରଞ୍ଜନ ସ୍ୱାଇଁ,** ପିତା: ଶ୍ରୀ ଫକୀର ସ୍ୱାଇଁ, **ସହ-ଋଣଗ୍ରହୀତା: ଶ୍ରୀମତୀ ଅନୀତା ସ୍ୱାଇଁ,** ସ୍ୱାମୀ: ଶ୍ରୀ ନିରଞ୍ଜନ ସ୍ୱାଇଁ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତ ରବଜା ସ୍ୱାଇଁ;** ପିତା: ଶ୍ରୀ ସୁକଦେବ ସ୍ୱାଇଁ; ଡିମାଣ୍ଡ ନୋଟିସ ତାରିଖ: **୨୭.୦୩.୨୦୨୩**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୮୪୧**) ହେଉଛି **ତା୨୭.୦୩.୨୦୨୩ରିଖ ସୁଦ୍ଧା ₹୧୨,୩୭,୫୨୪/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୭.୦୭.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୫.୦୫.୨୦୨୫ରିଖ ସୁଦ୍ଧା ₹୧୫,୪୨,୮୦୭/-** ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ଯାଜପୁର, ତହସିଲ: ଦର୍ପଣ, ମୌଜା: ସପନପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.: ୨୩୧, **ପ୍ଲଟ୍ ନଂ. ୮୭, ରକବା: ଏ.୦.୦୨୪ ଡିସିମିଲ,** ଜମିର କିସମ ହେଉଛି ହୋମଷ୍ଟିଡ୍ ଯାହାର ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଚଉହଦୀ: ଉତ୍ତର: ଖାଲି ଜମି, ଦକ୍ଷିଣ: ଚକ୍ରଧର ସ୍ୱାଇଁ, ପୂର୍ବ: ସଡ଼କ, ପଶ୍ଚିମ: ବିଲଡିଂ ।

| ସଂରକ୍ଷିତ ମୂଲ୍ୟ | ₹୨୩,୩୨,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୩୩,୨୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୬: ଋଣଗ୍ରହୀତା: ଶ୍ରୀ ମିର୍ଜା କରାମାତ ବେଗ୍,** ପିତା: ଶ୍ରୀ ମିର୍ଜା ମୁବାରକ ବେଗ୍, **ସହ-ଋଣଗ୍ରହୀତା: ଶ୍ରୀମତୀ ଏମ୍. ଶେନାଜ୍ ବେଗମ୍,** ସ୍ୱାମୀ: ଶ୍ରୀ ମିର୍ଜା କରାମାତ ବେଗ୍ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଏସ୍ କେ ଗୋଲାମ ହୋସେନ୍;** ଡିମାଣ୍ଡ ନୋଟିସ ତାରିଖ: **୧୭.୧୧.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୨୨**) ହେଉଛି **ତା୧୬.୧୧.୨୦୨୨ରିଖ ସୁଦ୍ଧା ₹୯,୦୯,୯୨୬/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୬.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୫.୦୫.୨୦୨୫ରିଖ ସୁଦ୍ଧା ₹୯,୦୭,୬୧୬/-** ।
**ସମ୍ପତ୍ତିର ବର୍ଣ୍ଣନା: କେନ୍ଦ୍ରାପଡ଼ା ଜିଲ୍ଲା, ତହସିଲ: ଡେରାବିଶ, ମୌଜା: ମିର୍ଜା ପାଟଣା**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.: ୧୬୧/୩୮, **ପ୍ଲଟ୍ ନଂ. ୮୦, ରକବା: ଏ.୦.୧୭୦, ପ୍ଲଟ୍ ନଂ.: ୭୯, ରକବା: ଏ.୦.୦୧୫ ଡିସିମିଲ, ରକବା: ଏ.୦.୧୮୫ ଡିସିମିଲ;** ଜମିର କିସମ ହେଉଛି ହୋମଷ୍ଟିଡ୍ । ଚଉହଦୀ: ଉତ୍ତର: ସଡ଼କ, ଦକ୍ଷିଣ: ପ୍ଲଟ୍ ନଂ. ୭୯ ଓ ୮୩, ପୂର୍ବ: ପ୍ଲଟ୍ ନଂ.: ୮୦, ପଶ୍ଚିମ: ପ୍ଲଟ୍ ନଂ.: ୮୧ ।

| ସଂରକ୍ଷିତ ମୂଲ୍ୟ | ₹୩୦,୧୨,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୦୧,୨୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୭: ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ରାଉତ,** ପିତା: ଶ୍ରୀ ଦେବେନ୍ଦ୍ର ରାଉତ, **ସହ-ଋଣଗ୍ରହୀତା: ୧. ଶ୍ରୀ ଦେବେନ୍ଦ୍ର ରାଉତ,** ପିତା: ଶ୍ରୀ ନିଧିରାମ ରାଉତ, **୨. ଶ୍ରୀମତୀ ପାର୍ବତୀ ରାଉତ,** ସ୍ୱାମୀ: ଶ୍ରୀ ଦେବେନ୍ଦ୍ର ରାଉତ, **୩. ଶ୍ରୀମତୀ ସୁମିତ୍ରା ରାଉତ,** ସ୍ୱାମୀ: ଶ୍ରୀ ରାଜେଶ କୁମାର ରାଉତ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ସଂଗ୍ରାମ ମହାନ୍ତି,** ପିତା: ଶ୍ରୀ ଇନ୍ଦ୍ରମଣି ମହାନ୍ତି ; ଡିମାଣ୍ଡ ନୋଟିସ ତାରିଖ: **୨୪.୧୧.୨୦୨୧**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୮୬**) ହେଉଛି **ତା୨୩.୧୧.୨୦୨୧ରିଖ ସୁଦ୍ଧା ₹୧୩,୪୯,୫୨୧/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୦.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୫.୦୫.୨୦୨୫ରିଖ ସୁଦ୍ଧା ₹୨୧,୪୨,୪୨୬/-** ।
**ସମ୍ପତ୍ତିର ବର୍ଣ୍ଣନା: କଟକ ଜିଲ୍ଲା, ମାହାଙ୍ଗା ତହସିଲ, ମୌଜା: ଚହପଡ଼ା**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.: ୪୮୧/୭୧, **ପ୍ଲଟ୍ ନଂ.: ୧୦୩୭, ରକବା: ଏ.୦.୦୭୮ ଡିସିମିଲ,** କିସମ ହୋମଷ୍ଟିଡ୍, ଚଉହଦୀ: ଉତ୍ତର: ଗୋପୀନାଥ ରାଉତ, ଦକ୍ଷିଣ: କେନାଲ ରୋଡ୍, ପୂର୍ବ: ଖାଲି ଜମି, ପଶ୍ଚିମ: ଖାଲି ଜମି ।

| ସଂରକ୍ଷିତ ମୂଲ୍ୟ | ₹୨୬,୪୧,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୬୪,୧୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୮: ଋଣଗ୍ରହୀତା: ଶ୍ରୀ ମଳୟ କୁମାର ମହାନ୍ତି,** ପିତା: (ସ୍ୱର୍ଗତ) ଶ୍ରୀ କିଶୋର କୁମାର ମହାନ୍ତି, **ସହ-ଋଣଗ୍ରହୀତା: ଶ୍ରୀମତୀ ପଦ୍ମିନୀ ମହାନ୍ତି,** ସ୍ୱାମୀ: (ସ୍ୱର୍ଗତ) ଶ୍ରୀ କିଶୋର କୁମାର ମହାନ୍ତି ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ବିଶ୍ୱନାଥ ଆଚାର୍ଯ୍ୟ,** ପିତା: ଶ୍ରୀ ରବିନାରାୟଣ ଆଚାର୍ଯ୍ୟ; ଡିମାଣ୍ଡ ନୋଟିସ ତାରିଖ: **୦୫.୦୩.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୮୪୨**) ହେଉଛି **ତା୦୪.୦୩.୨୦୨୨ରିଖ ସୁଦ୍ଧା ₹୬,୬୭,୪୪୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୫.୦୫.୨୦୨୫ରିଖ ସୁଦ୍ଧା ₹୧୦,୪୮,୮୫୨/-** ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା ଖୋର୍ଦ୍ଧା, ତହସିଲ ବେଗୁନିଆ, ମୌଜା: ଗୋଡ଼ା**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଆର୍‌ଓଆର୍ ନଂ.: ୨୦୭, **ପ୍ଲଟ୍ ନଂ.: ୧୦୭୬ ଅଂଶ, ଗୋଡା, ବେଗୁନିଆ, ଖୋର୍ଦ୍ଧା, ଓଡ଼ିଶା: ୭୫୨୦୬୨, ଚଉହଦୀ:-** ପୂର୍ବ: ପ୍ଲଟ୍ ନଂ. ୧୦୭୬ (ଅଂଶ), ପଶ୍ଚିମ: ପ୍ଲଟ୍ ନଂ. ୧୦୭୭ ଓ ରାସ୍ତା, ଉତ୍ତର: ମୋହିତ ଶର୍ମା, ଦକ୍ଷିଣ: ପ୍ରଶାନ୍ତ ନାୟକ, ମୋଟ ପରିମାପ ରକବା: ଏ.୦.୧୨୫ ଡିସିମିଲ ମଧ୍ୟରୁ ଏ.୦.୦୨୧ ଡିସିମିଲ, ଜମିର କିସମ ହେଉଛି ହୋମଷ୍ଟିଡ୍ ।

| ସଂରକ୍ଷିତ ମୂଲ୍ୟ | ₹୧୪,୪୫,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୧,୪୪,୫୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୯: ଋଣଗ୍ରହୀତା: ଶ୍ରୀ ଶିଶିର କୁମାର ରଣା,** ପିତା: ଶ୍ରୀ ଯଦୁନାଥ ରଣା, **ସହ-ଋଣଗ୍ରହୀତା: ଶ୍ରୀମତୀ ସନ୍ତୋଷୀ ରଣା,** ସ୍ୱାମୀ: ଶ୍ରୀ ଶିଶିର କୁମାର ରଣା; ଡିମାଣ୍ଡ ନୋଟିସ ତାରିଖ: **୨୧.୦୮.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୬୪**) ହେଉଛି **ତା୧୮.୦୮.୨୦୨୦ରିଖ ସୁଦ୍ଧା ₹୧୨,୧୨,୯୫୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୫.୦୫.୨୦୨୫ରିଖ ସୁଦ୍ଧା ₹୨୩,୧୫,୧୮୪/-** ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ଖୁଣ୍ଟକଟା**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ. ୨୦୦, **ପ୍ଲଟ୍ ନଂ.: ୧୭୦୬, ରକବା: ଏ.୦.୦୫୫ ଡିସିମିଲ ।** ଜମିର କିସମ ହେଉଛି ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ସଡ଼କ, ଦକ୍ଷିଣ: ଅଭିରାମ ନାୟକ, ପୂର୍ବ: ସଡ଼କ, ପଶ୍ଚିମ: ପାଣ୍ଡୁ ନାୟକ ।

| ସଂରକ୍ଷିତ ମୂଲ୍ୟ | ₹୨୩,୯୦,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୩୯,୦୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୧୦: ଋଣଗ୍ରହୀତା: ଶ୍ରୀ ଅମରେନ୍ଦ୍ର ରାଉତରାୟ,** ପିତା: ଶ୍ରୀ ଅର୍ଜୁନ ରାଉତରାୟ, **ସହ-ଋଣଗ୍ରହୀତା: ଶ୍ରୀମତୀ ପାର୍ବତୀ ରାଉତରାୟ,** ସ୍ୱାମୀ: ଶ୍ରୀ ଅମରେନ୍ଦ୍ର ରାଉତରାୟ; ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରାଣବନ୍ଧୁ ସାମଲ,** ପିତା: ଶ୍ରୀ ଅପର୍ତ୍ତି ସାମଲ;ଡିମାଣ୍ଡ ନୋଟିସ ତାରିଖ: **୨୪.୦୧.୨୦୨୩**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୩୦**) ହେଉଛି **ତା୨୩.୦୧.୨୦୨୩ରିଖ ସୁଦ୍ଧା ₹୧୬,୦୮,୮୧୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୬.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୬.୦୫.୨୦୨୫ରିଖ ସୁଦ୍ଧା ₹୨୧,୯୯,୪୦୪/-** ।
**ସମ୍ପତ୍ତିର ବର୍ଣ୍ଣନା: କଟକ ଜିଲ୍ଲା, ଟାଙ୍ଗୀ ଚୌଦ୍ୱାର ତହସିଲ, ନଖରା ମୌଜା**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ. ୭୮୩/୨୭୦, **ପ୍ଲଟ୍ ନଂ.୨୬୦,** ରକବା ଏ୨.୬୦୦ ଡିସିମିଲ ମଧ୍ୟରୁ ଏ.୦.୧୯୦ ଡିସିମିଲ ରକବା ପର୍ଯ୍ୟନ୍ତ, ପ୍ଲଟର କିସମ ହେଉଛି ମୌଜା ନଖରା ଅଧୀନରେ ହୋମଷ୍ଟିଡ୍ (ଘରବାରି) ଯାହା ନିମ୍ନଲିଖିତ ଚଉହଦୀରେ ଅବସ୍ଥିତ: ଉତ୍ତର: ଜୟରାମ ରାଉତରାୟ, ଦକ୍ଷିଣ: ମନୋଜ ରାଉତରାୟ, ପୂର୍ବ: ଖାଲି ଜମି, ପଶ୍ଚିମ: ସଡ଼କ । ଏ.୦.୧୯୦ ଡିସିମିଲ (୮୨୭୬ ବର୍ଗଫୁଟ) ରକବାର ସମ୍ପୂର୍ଣ୍ଣ ବିସ୍ତାରର ଜମି ଓ ଭବନରେ ସମସ୍ତ ସ୍ୱାଭାବିକ ଚଳାବାଟ ଅଧିକାର ଏବଂ ସର୍ବସାଧାରଣ ଯାତାୟାତ ଅଧିକାର ରହିଛି ।

| ସଂରକ୍ଷିତ ମୂଲ୍ୟ | ₹୩୧,୫୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୧୫,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୧୧: ଋଣଗ୍ରହୀତା: ଶ୍ରୀ ରାଜେନ୍ଦ୍ର ବିଶ୍ୱାଳ,** ପିତା: ଶ୍ରୀ ରବୀନ୍ଦ୍ରନାଥ ବିଶ୍ୱାଳ, **ସହ-ଋଣଗ୍ରହୀତା: ୧. ଶ୍ରୀମତୀ ରଶ୍ମିତା ବିଶ୍ୱାଳ,** ସ୍ୱାମୀ: ଶ୍ରୀ ରାଜେନ୍ଦ୍ର ବିଶ୍ୱାଳ, **୨. ଶ୍ରୀ ରବୀନ୍ଦ୍ର ବିଶ୍ୱାଳ,** ପିତା: ଶ୍ରୀ କେ. ଶେତ୍ରବାସୀ ବିଶ୍ୱାଳ, **ଗ୍ୟାରେଣ୍ଟିଦାତା: ଶ୍ରୀ ଆଲୋକ ବସିତା,** ପିତା: ପ୍ରଭାକର ବସ୍ତା, ଡିମାଣ୍ଡ ନୋଟିସ ତାରିଖ: **୨୨.୦୭.୨୦୨୧**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୦୦**) ହେଉଛି **ତା୨୦.୦୭.୨୦୨୧ରିଖ ସୁଦ୍ଧା ₹୨୫,୧୩,୧୮୬/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୧.୦୧.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୬.୦୫.୨୦୨୫ରିଖ ସୁଦ୍ଧା ₹୪୩,୭୪,୧୫୧/-** ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ ତିଗିରିଆ,** ମୌଜା ଭିରୁଡାଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ. ୧୨୮୯/୬୨୯, **ପ୍ଲଟ୍ ନଂ.୨୦୮୬/୯୮୪୮, ରକବା: ଏ୦.୦୩୫ ଡିସିମିଲ, ପ୍ଲଟ୍ ନଂ. ୨୦୮୫/୯୮୪୬, ରକବା: ଏ.୦.୦୧୦ ଡିସିମିଲ, ମୋଟ କ୍ରୟ ରକବା: ଏ.୦.୦୪୫ ଡିସିମିଲ,** ଜମିର କିସମ: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ନାରଣ ଜେନା, ଦକ୍ଷିଣ: ଗୌରାଙ୍ଗ ବିଶ୍ୱାଳ, ପୂର୍ବ: ଗଦାଧର ବିଶ୍ୱାଳ, ପଶ୍ଚିମ: ରାସ୍ତା ।

| ସଂରକ୍ଷିତ ମୂଲ୍ୟ | ₹୪୩,୬୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୩୬,୮୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୫୦,୦୦୦/- |
|---|---|---|---|---|---|

**କ୍ର.ସଂ. ୧୨: ଋଣଗ୍ରହୀତା: ଶ୍ରୀ ଏମ୍‌ଡି. ସାଜିଦ ହୁସେନ୍,** ପିତା: ଶ୍ରୀ ମହମ୍ମଦ କଲାମ, **ସହ-ଋଣଗ୍ରହୀତା: ଶ୍ରୀମତୀ ଶାଲେହା ଖାତୁନ୍,** ସ୍ୱାମୀ: ଶ୍ରୀ ଏମ୍‌ଡି. ସାଜିଦ ହୁସେନ୍, ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ବିନୋଦ କୁମାର ଶର୍ମା,** ପିତା: ଶ୍ରୀ ମଦନଲାଲ ଶର୍ମା; ଡିମାଣ୍ଡ ନୋଟିସ ତାରିଖ: **୦୯.୦୯.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୧୩**) ହେଉଛି **ତା୦୭.୦୯.୨୦୨୦ରିଖ ସୁଦ୍ଧା ₹୧୧,୨୫,୧୧୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୯.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୬.୦୫.୨୦୨୫ରିଖ ସୁଦ୍ଧା ₹୨୧,୨୨,୧୯୦/-** ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ ଟାଙ୍ଗୀ ଚୌଦ୍ୱାର,** ମୌଜା ଅଳଣାଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ. ୧୪୨/୯୮, **ପ୍ଲଟ୍ ନଂ.୨୨୭/୪୨୦, ରକବା:** ଏ.୦.୧୮୦ ଡିସିମିଲ ମଧ୍ୟରୁ **ଏ୦.୦୪୦ ଡିସିମିଲ ।** ଜମିର କିସମ: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: କେନାଲ ରୋଡ୍, ଦକ୍ଷିଣ: ପ୍ଲଟ୍ ନଂ.୨୨୬, ପୂର୍ବ: ଏମ୍‌ଡି ସମସୁଲ, ପଶ୍ଚିମ: ବିଚିତ୍ରାନନ୍ଦ ସ୍ୱାଇଁ ।

| ସଂରକ୍ଷିତ ମୂଲ୍ୟ | ₹୨୬,୪୪,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୬୪,୪୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ ।

ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ସମ୍ପୃକ୍ତ ଶାଖାଙ୍କ ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି ।

**ତାରିଖ: ୨୭.୦୫.୨୦୨୫** **ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

# ବିପଦରେ ସାମୁଦ୍ରିକ ପ୍ରାଣୀ, ଭିତରକନିକା

- ଜଳ ସଙ୍କଟ ସହ ଶିଳ୍ପ ପ୍ରଦୂଷଣ ବଢ଼ୁଛି
- ଖଣି, ଶିଳ୍ପକୁ ବ୍ରାହ୍ମଣୀରୁ ଯାଉଛି ୮୬.୨୬ ଏମ୍‌ସିଏମ୍ ପାଣି
- ଅନୁଗୋଳ-ଭିତରକନିକା ମଧ୍ୟରେ ଜଳ ୧୦ ଗୁଣ ବିଷାକ୍ତ

**କେନ୍ଦ୍ରାପଡ଼ା, ୩।୬ (ଜଗନ୍ନାଥ ଧଳ)**

ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ଉପରେ ବିପଦ ଘନେଇ ଆସୁଛି। ଏଠାରେ ଥିବା ସାମୁଦ୍ରିକ ଓ ବନ୍ୟ ପ୍ରାଣୀ ମୃତ୍ୟୁ ଆଡ଼କୁ ଠେଲିହେଉଛନ୍ତି। ମଧୁରଜଳର ସଙ୍କଟ ସହ ଶିଳ୍ପ ପ୍ରଦୂଷଣ ଏଥିପାଇଁ କାରଣ ସାଜିଛି। କେବଳ ବ୍ରାହ୍ମଣୀ ନଦୀରୁ ଶିଳ୍ପ ଓ ଖଣି ପାଇଁ ବର୍ଷକୁ ୮୬.୨୬ ମିଲିୟନ କ୍ୟୁବିକ ମିଟର ଜଳ ଉଠାଯାଉଛି। ସେହିପରି ଶିଳ୍ପ ପ୍ରଦୂଷଣରେ ଅନୁଗୋଳ ଓ ଭିତରକନିକା ମଧ୍ୟରେ ଥିବା ବ୍ରାହ୍ମଣୀ ଜଳ ବିଷାକ୍ତ ବୋଲି କେନ୍ଦ୍ର ପର୍ଯ୍ୟାବରଣ ବିଭାଗର ରିପୋର୍ଟରୁ ପ୍ରକାଶ ପାଇଛି।

ଭିତରକନିକା ଜୈବ ବିବିଧତା ଓ ଏହାର ସମନ୍ୱିତ ପରିଚାଳନା ସମ୍ପର୍କରେ ଗବେଷଣା କରୁଥିବା ଅଧ୍ୟାପକ ଦେବୀ ପ୍ରସାଦ ସାହୁ, ଅଧ୍ୟାପକ ଶରତ କୁମାର ସାହୁ ଓ ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ଭିତରକନିକା ପରିବେଶ ଏବେ ଉଦ୍‌ବେଗଜନକ ସ୍ଥିତି ଆଡ଼କୁ ଯାଉଛି। ପ୍ରତିଦିନ ଏହି ଆର୍ଦ୍ରଭୂମିରେ ଜମା ହେଉଥିବା ପ୍ରଦୂଷିତ ଜଳ ଜୀବଜଗତ ପ୍ରତି ବିପଦ ସାଜିଛି। କେନ୍ଦ୍ର ପର୍ଯ୍ୟାବରଣ ବିଭାଗ ପକ୍ଷରୁ ୨୦୦୮ରୁ ୨୦୧୮ ମଧ୍ୟରେ ବ୍ରାହ୍ମଣୀ, ବୈତରଣୀ ଅବବାହିକାର ଜଳ ସମ୍ପର୍କରେ ଅନୁଧ୍ୟାନ କରାଯାଇ ପ୍ରସ୍ତୁତ ରିପୋର୍ଟରେ ଉଲ୍ଲେଖ ହୋଇଛି। ଏଥିସହ ଭିତରକନିକାକୁ ପ୍ରବେଶ କରୁଥିବା ଜଳଉତ୍ସ ଉପରେ ନିର୍ଭର କରୁଥିବା ଲୁହା ଓ ଆଲୁମିନିୟମ ଶିଳ୍ପ, ସିମେଣ୍ଟ, ଫେରୋକ୍ରୋମ, ସାର କାରଖାନା ଆଦିର ଜଳ ଗ୍ରହଣ ଓ ପ୍ରଦୂଷିତ ଜଳ ପ୍ରେରଣକୁ ନେଇ ଅନୁଧ୍ୟାନ ହୋଇଥିଲା। ଏହି ଅନୁଧ୍ୟାନରେ ବ୍ରାହ୍ମଣୀ ଜଳ ଶିଳ୍ପ ପାଇଁ ଅଧିକ ପ୍ରଦୂଷିତ ହେଉଥିବା ଦର୍ଶାଯାଇଛି। ଏପରିକି ଅନୁଗୋଳ ଓ ଭିତରକନିକା ପାଣି ସାମ୍ପଲ ମଧ୍ୟରେ ୧୦ ଗୁଣ ବ୍ରାହ୍ମଣୀ ଜଳ ବିଷାକ୍ତ ବୋଲି ରିପୋର୍ଟରେ ଉଲ୍ଲେଖ ହୋଇଛି। ଭିତରକନିକା ଜୈବ ବିବିଧତା ସୁରକ୍ଷାରେ ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀର ଜଳ ଗୁରୁତ୍ୱ ବହନ କରୁଛି। ତେବେ ଏଥିମଧ୍ୟରୁ ସର୍ବାଧିକ ଜଳ ବ୍ରାହ୍ମଣୀ ନଦୀ ଯୋଗାଇଥାଏ। ଏହି ନଦୀ ଅବବାହିକାରେ ଜନସଂଖ୍ୟା ବୃଦ୍ଧିକୁ ତାଳଦେଇ ଶିଳ୍ପ ସଂଖ୍ୟା ବୃଦ୍ଧି ପାଉଛି। ଶିଳ୍ପରୁ ବାହାରୁଥିବା ଫ୍ଲାଏ ଆଶ୍ ବା ଉଡନ୍ତା ପାଉଁଶର ନିୟନ୍ତ୍ରଣ ପାଇଁ ଜଳର ଆବଶ୍ୟକତା ଅଛି। ଶିଳ୍ପ ଓ ଖଣି କାର୍ଯ୍ୟ ପାଇଁ ବର୍ଷକୁ ୮୬.୨୬ ଏମ୍‌ସିଏମ୍ ବ୍ରାହ୍ମଣୀ ନଦୀରୁ ଜଳ ଉତ୍ତୋଳନ ହେଉଛି। ନଦୀ ଅବବାହିକାରେ ଥିବା ଅନ୍ୟୂନ ୧୦ ଖଣି ପାଇଁ ଦୈନିକ ୧୫,୮୦୦ କିଲୋ ଲିଟର ବ୍ୟବହାର ହେଉଛି। ଏହାବ୍ୟତୀତ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପାନୀୟ ଜଳ ଓ ଚାଷ ପାଇଁ ମେଗା ପ୍ରକଳ୍ପମାନ ପ୍ରତିଷ୍ଠା ହୋଇଛି। ଶିଳ୍ପରୁ ବାହାରୁଥିବା ପ୍ରଦୂଷିତ ଜଳ ନଦୀକୁ ବିଷାକ୍ତ କରୁଛି। ଶିଳ୍ପ ଓ ଜନସାଧାରଣଙ୍କ ଆବଶ୍ୟକତା ପାଇଁ ନଦୀରେ ଜଳ ସଙ୍କଟ ଆରମ୍ଭ ହୋଇଛି। ଏହି କେନ୍ଦ୍ରୀୟ ବିଭାଗର ୨୦୧୩ ମସିହା ରିପୋର୍ଟ ମଧ୍ୟ ଅନୁରୂପ ମତ ଉଲ୍ଲେଖ କରିଛି। ଭିତରକନିକାରେ ଜମା ହେଉଥିବା ବିଷାକ୍ତ ଜଳ ସାମୁଦ୍ରିକ ଓ ବନ୍ୟ ପ୍ରାଣୀ ସମେତ ଜୈବ ବିବିଧତାର ବିପଦ ସାଜିଛି। ବିଷାକ୍ତ ଜଳର ବିଶୁଦ୍ଧୀକରଣ ବ୍ୟବସ୍ଥା ସମ୍ପର୍କରେ ଅଦ୍ୟାବଧି କୌଣସି ଯୋଜନା ପ୍ରସ୍ତୁତ ହୋଇନାହିଁ। ଏପରିକି ନିକଟରେ ଥିବା ଧାମରା ଓ ପାରାଦୀପ ବନ୍ଦରକୁ ବଡ଼ ଜାହାଜ ଓ ନିକଟସ୍ଥ ଅଏଲ ରିଫାଇନେରିରୁ ତେଲ ଲିକ୍ ହେବାର ସମ୍ଭାବନା ଅଛି। ଏହି ବିପଦରୁ ମୁକ୍ତ ପାଇଁ ଓ ଜୈବ ବିବିଧତା ସମନ୍ୱିତ ପରିଚାଳନା ପାଇଁ ପର୍ଯ୍ୟାବରଣ ବିଭାଗ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଏହି ଗବେଷକମାନେ ମତ ଦେଇଛନ୍ତି।


ଭିତରକନିକା ହେନ୍ତାଳ ବନ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଦି


@ ଦେବାଶିଷ


@ ଦୀପ୍ତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମିଟିଂ ବନ୍ଦ କରି ବିଡିଓଙ୍କୁ ଗାଁକୁ ନେଲେ ଗ୍ରାମବାସୀ


ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କରୁଛନ୍ତି।

## ପାଣି ଦେବାରେ ଫେଲ୍ ମାରିଲା ପ୍ରଶାସନ

**ଆଳି,୩।୬(ବନମାଳୀ ସେନାପତି)**

ପାଣି ଦେବାରେ ପ୍ରଶାସନ ଫେଲ ମାରିବାରୁ ଗ୍ରାମର ଶତାଧିକ ମହିଳାପୁରୁଷ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ବ୍ଲକ ସଭାଗୃହରେ ଚାଲିଥିବା ମିଟିଂ ବନ୍ଦ କରିବା ସହ ପାଣି ଦିଅ ନଚେତ ଆଗାମୀଦିନରେ ବ୍ଲକ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ପରେ ଲୋକେ ବିଡିଓ ଓ ପ୍ରଶାସନିକ ଅଧିକାରୀଙ୍କୁ ଗାଁକୁ ନେଇଥିଲେ। ପ୍ରଶାସନ ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିବା ସହ ପାଣି ଦେବାର ବ୍ୟବସ୍ଥା କରିଛି।

ସୂଚନା ମୁତାବକ, ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତର କାଜିସାହି ଓ ତଳସାହି ଗ୍ରାମରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଗ୍ରାମରେ ଥିବା ନଳକୂଅଗୁଡ଼ିକ ଅଚଳ ହୋଇପଡ଼ିଥିବାବେଳେ ବସୁଧା ଯୋଜନାରେ ପାଣି ମିଳୁନାହିଁ। ଏ ନେଇ ସରପଞ୍ଚ ବିଡିଓଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। କିଛିଦିନ ପୂର୍ବେ ଗ୍ରାମ୍ୟ ରାସ୍ତାରୋକୋ କରିବା ସହ ବ୍ଲକରେ ପହଞ୍ଚି ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡିଓ ଅବିନାଶ ବିଶ୍ୱଜିତ ସେଠୀ ପଞ୍ଚାୟତର ସରପଞ୍ଚ, ପିଇଓ ଓ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତରେ ପାଣି ସମସ୍ୟା ସମାଧାନ ନିମନ୍ତେ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କୁ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଇଥିଲା। କିଛିଦିନ ପରେ ପାଣି ବନ୍ଦ କରି ଦିଆଯାଇଥିଲା। ଯାହାକୁ ନେଇ ଗ୍ରାମର ଶତାଧିକ ମହିଳାପୁରୁଷ ବ୍ଲକରେ ପହଞ୍ଚି ମୁଖ୍ୟ ଫାଟକରେ ତାଲା ମାରିବା ସହ ସଭାଗୃହରେ ପଶି ଚାଲିଥିବା ମିଟିଂ ବନ୍ଦ କରି ଦେଇଥିଲେ। ମହିଳାମାନେ ସଭାଗୃହରେ ଥିବା ଚେୟାର ଟେବୁଲ ଫପଡା ଫିଙ୍ଗା କରିବା ସହ ବିଡିଓଙ୍କୁ ଘେରି ସେମାନେ ପାଣି ପାଇଁ ହଇରାଣ ହେଉଥିବା ନେଇ ଅଭିଯୋଗ କରିଥିଲେ। ଏଥିସହ ସେମାନଙ୍କ ପାଇଁ ତୁରନ୍ତ ପାଣି ବ୍ୟବସ୍ଥା କର ତା ପରେ ମିଟିଂ କରିବ କହି ହୋ ହାଲ୍ଲା କରିଥିଲେ। ଏହା ଦେଖି ବ୍ଲକ କର୍ମଚାରୀମାନେ ପଳାଇ ଯାଇଥିଲେ। ଏହି ଖବର ପାଇ ବ୍ଲକରେ ଆଳି ପୋଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିଲେ। ବିଡିଓ, ପୋଲିସ, ପାନୀୟଜଳ ବିଭାଗ ଅଧିକାରୀମାନଙ୍କୁ ସାଙ୍ଗରେ ନେଇ ଗ୍ରାମରେ ପହଞ୍ଚି ପାଣି ସମସ୍ୟା ଦୂର କରିବା ନିମନ୍ତେ ଚେଷ୍ଟା ଆରମ୍ଭ କରିଥିବା ଜଣାପଡିଛି।

# ଅନ୍‌ଲାଇନ ଠକେଇରୁ ବର୍ତ୍ତିଲେ ଯୁବକ

**ରାଜକନିକା,୩।୬(ସଞ୍ଜୟ କୁମାର ଦାଶ)**

ରାଜକନିକା ଥାନା ଅନ୍ତର୍ଗତ ନହୁଣୀ ପଞ୍ଚାୟତ ସଫଲାଙ୍ଗ ଗାଁର ଯୁବକ ଜିତେନ୍ଦ୍ର ବିଶ୍ୱାଳ ଅନଲାଇନ ଠକେଇରୁ ବର୍ତ୍ତି ଯାଇଛନ୍ତି। ଥାନାରେ କରିଥିବା ଅଭିଯୋଗ ମୁତାବକ, ଜିତେନ୍ଦ୍ର ତାଙ୍କ ଟିଭି ରିଚାର୍ଜ କରିବାକୁ ଅନ୍‌ଲାଇନରୁ କଷ୍ଟୋମର କେୟାର ନମ୍ବର ବାହାର କରି ଜଣେ ଅଧିକାରୀଙ୍କ ସହ ମୋବାଇଲ ଯୋଗେ କଥା ହୋଇଥିଲେ। ଅଧିକାରୀ ଜଣକ ଫୋନ ପେ ସାଇଡ ଖୋଲିବାକୁ କହି ସେଥିରୁ ୨ ଟଙ୍କା ରିଚାର୍ଜ କରିବାକୁ କହିଥିଲେ। ଜିତେନ୍ଦ୍ର ତାହା କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କ ମୋବାଇଲକୁ ଓଟିପି ଆସିଥିଲା। ଓଟିପି ଆସିବାରେ ସେ ଲାଇନରେ ଥିବା କଷ୍ଟୋମର କେୟାରର ଅଧିକାରୀଙ୍କୁ ଓଟିପି କାହିଁକି ଆସୁଛି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ଅଧିକାରୀ ଜଣକ କହିଥିଲେ ତମର ଜମାଖାତାରୁ ୧,୪୨,୪୩୯ ଟଙ୍କା କଟିଯାଇଛି। ତେବେ ଯୁବକ ଜଣକ ବ୍ୟସ୍ତ ହୋଇପଡ଼ିଥିଲେ। କେମିତି ଟଙ୍କା ଫେରି ପାଇବେ ବୋଲି କହିଥିଲେ। ଅଧିକାରୀ ଜଣକ କହିଥିଲେ ଆଉ ଏକ ଓଟିପି ଯିବ, ଆପଣ ଦେଲେ ଟଙ୍କା ଫେରି ପାଇବେ। ଜିତେନ୍ଦ୍ର ଜଣକ ଅଧିକାରୀଙ୍କ ସହ ଫୋନରେ ରିଚାର୍ଜ କରିବା ବଦଳରେ ଠକେଇ କରୁଛନ୍ତି ବୋଲି କହି ଓଟିପି ଦେବି ନାହିଁ ବରଂ ଥାନାରେ ଅଭିଯୋଗ କରିବି ବୋଲି କହିଥିଲେ। ସେତେବେଳକୁ ଜିତେନ୍ଦ୍ରଙ୍କ ମୋବାଇଲକୁ ଜମାଖାତାରୁ ୧,୪୨,୪୩୯ ଟଙ୍କା କଟିଥିବା ଏକ ମେସେଜ ଆସି ଯାଇଥିଲା। ସେ ବ୍ୟସ୍ତ ହୋଇ ବ୍ୟାଙ୍କକୁ ଆସି ମ୍ୟାନେଜରଙ୍କୁ ପରାମର୍ଶ କରି ଜମାଖାତା ଚେକ୍ କରିବାରୁ ତାଙ୍କ ଟଙ୍କା ସୁରକ୍ଷିତ ଥିବା ଜାଣିବାକୁ ପାଇଥିଲେ। ଜମାଖାତାକୁ ସଙ୍ଗେ ସଙ୍ଗେ ବନ୍ଦ କରିବାକୁ ମ୍ୟାନେଜରଙ୍କୁ ଅନୁରୋଧ କରିଥିଲେ ବୋଲି ସୋମବାର ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜିତେନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳିଥିବା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ କହିଛନ୍ତି।


ଜିତେନ୍ଦ୍ର କୁମାର ବିଶ୍ୱାଳ ।



ଜମାଖାତାରୁ ଟଙ୍କା ଉଠାଣ ନେଇ ଆସିଥିବା ମେସେଜ।

# ଦମ୍ପତିଙ୍କୁ ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

**ପାଣିକୋଇଲି,୩।୬(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ତାଜପୁର ଗ୍ରାମରେ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଦଲ ଦାସ। ତାଜପୁର ଗ୍ରାମର ବୌଦ ଦାସଙ୍କ ସ୍ତ୍ରୀ କଇଁ ଦାସଙ୍କ ଅଭିଯୋଗ, ମୁତାବକ ଗତ ୩୧ ତାରିଖ ଭୋରୁ ତାଙ୍କ ଦେଢ଼ଶୁର ବାଦଲ ଦାସ ଓ ତାଙ୍କ ସ୍ତ୍ରୀ ଟୁନି ହଠାତ କଇଁଙ୍କୁ ଡାକି ୪୦ଟି ଘୁଷୁରୀ ମାରି ଦେଇଥବା ମିଥ୍ୟା ଅଭିଯୋଗ କରିଥିଲେ। ପରେ ସ୍ୱାମୀସ୍ତ୍ରୀ ବୌଦ ଓ କଇଁଙ୍କୁ ଘରୁ ଘୋଷାଡି ଆଣିଥିଲେ। ବୌଦଙ୍କୁ ଏକ ଘରେ ପୁରାଇ ଚାବି ଦେଇଥିଲେ। ଏହାପରେ ବାଦଲ ଓ ଟୁନିଙ୍କ ସହ ରମେଶ ଦାସ ଏବଂ ତାଙ୍କ ସ୍ତ୍ରୀ ରୀନା ଦାସ ମିଶି ବୌଦ ଓ କଇଁଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ମୋବାଇଲ ଏବଂ ନଗଦ ୫ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ରୀନା ଘିଅ ଗରମ କରିଆଣି କଇଁଙ୍କ ଡାହାଣ ହାତକୁ ବୁଡ଼ାଇଦେଇଥିଲେ। ଏନେଇ ପୋଲିସ ଏକ ମାମଲା ନଂ.୧୪୭/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଓଭର ବ୍ରିଜ୍‌ରେ ନୂଆ କାର୍ ଦୁର୍ଘଟଣାଗ୍ରସ୍ତ


ଦୁର୍ଘଟଣାରେ ଆହତମାନଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଉଛି।

## ଗୋଟିଏ ପରିବାରରୁ ୫ ଆହତ

**ରସୁଲପୁର,୩।୬(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ସୁଆଁସାହି ନିକଟ ଓଭରବ୍ରିଜରେ ସୋମବାର ରାତି ପ୍ରାୟଃ ୩ଟାରେ ଏକ ନୂଆ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଗୋଟିଏ ପରିବାରର ଜଣେ ନାବାଳିକା ସମେତ ୫ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ କାର ଚାଳକ ପ୍ରଦୀପ ମହାନ୍ତି(୩୪), ତାଙ୍କ ବାପା ବିନୋଦ ବିହାରୀ ମହାନ୍ତି(୫୫), ମା' ଶାନ୍ତିଲତା ମହାନ୍ତି(୫୨), ସ୍ତ୍ରୀ ସସ୍ମିତା ସାମନ୍ତରାୟ(୩୨) ଓ ଝିଅ ପ୍ରତିକ୍ଷା ମହାନ୍ତି(୮)। ସେମାନଙ୍କ ଘର ପାଣିକୋଇଲି ଥାନା ଅନ୍ତର୍ଗତ ମାଧପୁର ଗ୍ରାମରେ ବୋଲି ଜଣାଯାଇଛି। ଆହତଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତରଥିବାରୁ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଅନ୍ୟ ଆହତଙ୍କ ଗୋଡ଼, ହାତ ଭାଙ୍ଗି ଯାଇଥିବାବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେମାନଙ୍କୁ କଟକସ୍ଥିତ ୨ ଘରୋଇ ଡାକ୍ତରଖାନର ଟ୍ରମାକେୟାର ଓ ଆଇସିୟୁରେ ଭର୍ତ୍ତି କରାଯାଇଛି ବୋଲି ସୂଚନା ମିଳିଛି।

ପ୍ରଦୀପ ଏକ ନୂଆ କାର କିଣିଥିଲେ। ଉକ୍ତ କାରକୁ ପୂଜା କରିବା ପାଇଁ ପୁରୀ ଅଭିମୁଖେ ଯାଇ ରାତିରେ ଘରକୁ ଫେରୁଥିଲେ। ଦୁର୍ଘଟଣା ସ୍ଥଳରେ ଏକ ଗାଡ଼ି ତାଙ୍କୁ ସାଇଡ୍ ମାରିବାରୁ ପ୍ରଦୀପ ଭାରସାମ୍ୟ ହରାଇ ପୋଲ ବାଡ଼ାକୁ ଧକ୍କା ଦେଇଥିଲେ। ରସୁଲପୁର ଦମକଳ ବାହିନୀ ଓ କୁଆଖିଆ ପୋଲିସ ସହାୟତାରେ ଆହତଙ୍କୁ ଉଦ୍ଧାର କରାଯାଇ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠା ଯାଇଥିଲା। ପରେ ସେମାନଙ୍କୁ କଟକ ବଡ ଡାକ୍ତରଖାନା ପଠା ଯାଇଥିଲା। ମଙ୍ଗଳବାର ରାତି ୧୦ଟାରେ ପ୍ରଦୀପଙ୍କ ସମ୍ପର୍କୀୟ ଅଭିଯୋଗ କରିବାକୁ ଥାନାରେ ପହଞ୍ଚିଥିବା ସୂଚନା ମିଳିଛି।

# ଇ-ଗର୍ଭନାନ୍ସ ମ୍ୟାନେଜରଙ୍କ ପରାମର୍ଶ ନିଅ

- ୪୪ କଲେଜ ଅଧକ୍ଷଙ୍କୁ ଚିଠି ଲେଖିଲେ ଉପଜିଲାପାଳ
- ଆଇଟି ଲ୍ୟାବ୍ କିଣାରେ ଟେଣ୍ଡର ଫିକ୍ସିଂ ଅଭିଯୋଗ ପ୍ରସଙ୍ଗ

**ଯାଜପୁର,୩।୬(ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲାର ୪୪ଟି କଲେଜରେ ଅତ୍ୟାଧୁନିକ ଆଇଟି ଲ୍ୟାବ୍ ସାମଗ୍ରୀ କିଣିବା ପାଇଁ ଆହୁତ ଟେଣ୍ଡରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଯାଜପୁର ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହିମର୍ମରେ ସେ ସମସ୍ତ କଲେଜର ଅଧକ୍ଷମାନଙ୍କୁ ଚିଠି ଲେଖି ଡିଷ୍ଟ୍ରିକ୍ଟ ଇ-ଗର୍ଭନାନ୍ସ ମ୍ୟାନେଜରଙ୍କ ପରାମର୍ଶ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇ-ଗର୍ଭନାନ୍ସ ମ୍ୟାନେଜର ଉପରୋକ୍ତ ଟେଣ୍ଡର ସମ୍ପର୍କରେ ଉପଯୁକ୍ତ ପଥ ପ୍ରଦର୍ଶନ କରିବା ସହିତ ନିର୍ଦ୍ଦିଷ୍ଟ ସର୍ତ୍ତ ଉପରେ ତଦାରଖ କରିବେ। କଲେଜରେ ଅତ୍ୟାଧୁନିକ ଆଇଟି ଲ୍ୟାବ୍ ସ୍ଥାପନ ପାଇଁ ଯେଉଁ ସାମଗ୍ରୀ କ୍ରୟ କରାଯିବ ସେହି ଟେଣ୍ଡରରେ ନିର୍ଦ୍ଦିଷ୍ଟ ଗାଇଡ଼ ଲାଇନ ଅନୁସାରେ ଏବଂ ଜିଲା ଇ-ଗର୍ଭନାନ୍ସ ମ୍ୟାନେଜରଙ୍କ ପରାମର୍ଶ ନେଇ ହିଁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଧରିତ୍ରୀରେ ୪।୫।୨୦୨୫ରେ ଆଇଟି ଲ୍ୟାବ୍ ସାମଗ୍ରୀ କିଣାରେ ଟେଣ୍ଡର ଫିକ୍ସିଂ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଉପଜିଲାପାଳ ଉପରୋକ୍ତ ପଦକ୍ଷେପ ଗ୍ରହଣ କରିଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଗତ ମାର୍ଚ୍ଚ ୫ରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୧୨୬୫୫ ଦ୍ୱାରା ଯାଜପୁର ଜିଲାର ୪୪ଟି କଲେଜରେ ଅତ୍ୟାଧୁନିକ ଆଇଟି ଲ୍ୟାବ୍ ସ୍ଥାପନ କରିବା ଉଦ୍ଦେଶ୍ୟରେ ବଡ଼ କଲେଜକୁ ୮.୧୧ଲକ୍ଷ ଏବଂ ଛୋଟ କଲେଜକୁ ୪.୯୩ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥଲା। ବିଭାଗ ପକ୍ଷରୁ ପ୍ରଦତ୍ତ ଚିଠି ଅନୁସାରେ ପ୍ରତ୍ୟେକ କଲେଜର ଲ୍ୟାବ୍ ପାଇଁ କମ୍ପ୍ୟୁଟର, ପ୍ରିଣ୍ଟର, ୟୁପିଏସ୍, ୱେବ କ୍ୟାମେରା ଓ ୬୫ ଇଞ୍ଚର ଏଲଇଡ଼ି ଟିଭି କ୍ରୟ ସହିତ ସେଠାରେ ଇଣ୍ଟରନେଟ ସଂଯୋଗ ନିମନ୍ତେ ଏସବୁ ସାମଗ୍ରୀର ପୂର୍ଣ୍ଣାଙ୍ଗ ସ୍ପେସିଫିକେଶନ ଏବଂ ଟେଣ୍ଡର ପାଇଁ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରି ସମସ୍ତ କଲେଜର ଅଧକ୍ଷମାନଙ୍କୁ ଅବଗତ କରାଯାଇଥଲା । ତେବେ ବିଗତ ସରକାର ଅମଳରେ ମଧ୍ୟ ରାଜ୍ୟର କଲେଜଗୁଡ଼ିକରେ ଲ୍ୟାବ୍ ପାଇଁ ଏଭଳି ସବୁ ସାମଗ୍ରୀ କ୍ରୟ କରାଯାଇଥିଲା । ମାତ୍ର ଟେଣ୍ଡରରେ ସ୍ୱଚ୍ଛତା ପାଇଁ ଏଭଳି ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇ ନ ଥିବା ଯୋଗୁ ସାମଗ୍ରୀ କ୍ରୟରେ ଅନିୟମିତତାର ଅଭିଯୋଗ ଆସିଥିଲା । କିନ୍ତୁ ନୂଆ ସରକାର କ୍ରୟ ହେବାକୁ ଥିବା ସାମଗ୍ରୀର ପୂର୍ଣ୍ଣାଙ୍ଗ ସ୍ପେସିଫିକେଶନ ସହ ଟେଣ୍ଡରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଯାଇ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରିଛନ୍ତି। ହେଲେ ତାହାକୁ ଅନେକ କଲେଜର ଅଧକ୍ଷ ଉଲ୍ଲଂଘନ ଓ ଅନିୟମିତତା କରି ନିର୍ଦ୍ଦିଷ୍ଟ ଯୋଗାଣକାରୀ ସଂସ୍ଥାଠାରୁ ଏସବୁ ସାମଗ୍ରୀ କ୍ରୟ ନିମନ୍ତେ ତାଙ୍କ ସହ ପୂର୍ବ ଫିକ୍ସିଂ ପୂର୍ବକ ୩ ପତିଆ କୋଟେଶନ ନେଇ ଚଢ଼ା ଦରରେ ନିମ୍ନମାନର ସାମଗ୍ରୀ କିଣି ଅର୍ଥ ତୋଷରପାତ ହୋଇଥିବା ଭଳି ଅଭିଯୋଗ ହୋଇଛି । ଅନ୍ୟପଟେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପ ଜିଲାପାଳ ଓ ଅତିରିକ୍ତ ଜିଲାପାଳ ବିଭିନ୍ନ କଲେଜ ପରିଚାଳନା କମିଟିର ସଭାପତି ଥିବା ସତ୍ତ୍ୱେ ତାଙ୍କ ଅନୁମତି ବିନା କଲେଜର ଅଧକ୍ଷମାନେ କିଭଳି ଏସବୁ ସାମଗ୍ରୀ କ୍ରୟ ନିମନ୍ତେ ପଦକ୍ଷେପ ନେଇ ପାରୁଛନ୍ତି ତାହା ହିଁ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ରାଜ୍ୟ ସରକାରଙ୍କ ସ୍ଥାୟୀ ନିର୍ଦ୍ଦେଶ ଅନୁସାରେ କୌଣସି କ୍ଷେତ୍ରରେ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଅର୍ଥ ବ୍ୟୟ କରିବା ସମୟରେ ପରିଚାଳନା କମିଟିର ସଭାପତିଙ୍କ ଅନୁମତି ନିତ୍ୟାନ୍ତ ଆବଶ୍ୟକ ଅଟେ ବୋଲି କୁହାଯାଉଛି। ସବୁଠୁ କୌତୁହଳ ବିଷୟ ହେଉଛି ସଭାପତିଙ୍କ ଅନୁମତି ନ ଥାଇ ସାମଗ୍ରୀ କ୍ରୟ ନିମନ୍ତେ କିଛି କଲେଜର ଅଧକ୍ଷ ନିଜସ୍ୱ ଏକ କ୍ରୟ କମିଟି ଗଠନ କରିଛନ୍ତି । ମାତ୍ର ସେଥିରେ ବୈଷୟିକ ଅଭିଜ୍ଞତା ଥିବା କୌଣସି ସଦସ୍ୟ ହିଁ ନାହାନ୍ତି । କିନ୍ତୁ ବୈଷୟିକ ଅଭିଜ୍ଞତା ଥିବା ସଦସ୍ୟ ନ ଥାଇ କିମ୍ବା ଜିଲାର ସ୍ଥାୟୀ ବୈଷୟିକ ପରିଚାଳକଙ୍କ ଦ୍ୱାରା ସାମଗ୍ରୀ ଗୁଡ଼ିକର ସ୍ପେସିଫିକେଶନ ଯାଞ୍ଚ ନ କରି ମଧ୍ୟ ସେହି କ୍ରୟ କମିଟି ମାଧ୍ୟମରେ ଟେଣ୍ଡର ଆହ୍ୱାନ କରି ସାମଗ୍ରୀ କ୍ରୟ କରିବାକୁ ପଛାଇ ନ ଥିବା ଭଳି ଘଟଣା ସାମ୍ନାକୁ ଆସିଛି । କୌଣସି ବି ସାମଗ୍ରୀ କ୍ରୟ ନିମନ୍ତେ ଟେଣ୍ଡର ଜିଇଏମ୍ ବା ଏନ୍‌ଆଇସି ମାଧ୍ୟମରେ ଆହ୍ୱାନ କରିବା ନିମନ୍ତେ ଜିଲା ଇ-ଗର୍ଭନାନ୍ସ ମ୍ୟାନେଜର ଦ୍ୱାରା କରିବାର ନିୟମ ରହିଛି। ହେଲେ ଅଧିକ ମୁନାଫା ଉଦ୍ଦେଶ୍ୟ ରଖି ଜିଲାର ପ୍ରାୟ ୮ଟି କଲେଜରେ ଏଭଳି ମନମୁଖୀ ଓ ୱେବ୍‌ସାଇଟ ସ୍ଥାନରେ ଇମେଲ ଠିକଣା ଭଳି ବିଭ୍ରାନ୍ତିକର ତଥ୍ୟ ଦେଇ ଏକ ନିର୍ଦ୍ଦିଷ୍ଟ ଖବର କାଗଜର ଆଞ୍ଚଳିକ ପୃଷ୍ଠାରେ କୋଟେଶନ ଆହ୍ୱାନ କରିଥିବା ନଜରକୁ ଆସିଛି । ଏଥିରେ ଓଜିଏଫଆର୍ ନିୟମର ଧାରା ୨୩କୁ ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଅନିୟମିତତା ପଛରେ ଭୁବନେଶ୍ୱରର ଏକ ସଂସ୍ଥାର ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେଉଥିବା ଅଭିଯୋଗ ହୋଇଛି । ତେବେ ଯେଉଁ କଲେଜ ଅଧକ୍ଷମାନେ ଇତିମଧ୍ୟରେ ବିନା ଅନୁମତିରେ ଟେଣ୍ଡର ଆହ୍ୱାନ କରି ସାରିଛନ୍ତି ସେଗୁଡ଼ିକୁ ତୁରନ୍ତ ବାତିଲ କରିବାକୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ସଚିବ ଓ ନିର୍ଦ୍ଦେଶକ ଏବଂ ଯାଜପୁର ଜିଲାପାଳଙ୍କ ନିକଟରେ ଦାବି ହୋଇଛି।


ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
ଦୂରଭାଷ-୦୬୭୨୮-୨୨୨୩୨୨/୨୨୨୦୫୦
ଇ-ମେଲ: subcollectorjajpur@gmail.com, subcol.jajp-od@nic.in

OFFICE OF THE SUB-COLLECTOR, JAJPUR
Ph 06728-222322 (O)/ 222050 (R)
E Mail:subcollectorjajpur@gmail.com, subcol.jajp-od@nic.in

Letter No 8390 /Date 21.05.2025

To

All Principal of Degree Colleges of Jajpur District

Sub: Procurement of IT enquipments for upgrading of IT infrastructure during the year,2024-25

Madam/Sir,

With reference to the subject cited above, it is to inform you that in pursuance of Govt. in Higher Education Department, Odisha, Bhubaneswar sanction order No.202469785168/dtd.05.03.2025 & Issue No.12655/dt.05.03.2025 for procurement of IT equipments(Desktop Computers, Uninterruptible Power Supply(UPS) systems, Multifunction Printers(MFM), LED TVs(65 inch), Wireless Mica Cameras and Internet facilities for upgrading of IT infrastructure during the year,2024-25.

In order to maintain uninformity i.e genuiness of product specifications( as per Higher Education Department in Annexure-B). You are therefore, requested to please consult with District e-Governance Manager(Mob No.9437363717). He will check details specification and guidance with term and conditions for the above tender.

Yours faithfully,
Sub-Collector, Jajpur

Memo No 8391 /Date 21.05.2025
Copy to e-Governance Manager, Collectorate, Jajpur for information and requested to provide technical support and guidance to the concerned Principals for procurement of IT equipments.

Sub-Collector, Jajpur

କଲେଜ ଅଧକ୍ଷଙ୍କ ପାଖକୁ ପଠାଯାଇଥିବା ଉପଜିଲାପାଳ ଚିଠିର ନକଲ।

# ରଥଯାତ୍ରାରୁ ପ୍ଲାଷ୍ଟିକ୍ କଟକଣା

ନୟାଗଡ଼,୩।୬(ଲୋକନାଥ ମିଶ୍ର):

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭା କକ୍ଷରେ ରଥଯାତ୍ରା ତଥା ଗୁଣ୍ଡିଚା ଯାତ୍ରା ପାଇଁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ଇଞ୍ଜିନିୟର ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲୋ, ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ । ବୈଠକର ପ୍ରାରମ୍ଭରେ ଜିଲାପାଳ କହିଥିଲେ ସ୍ୱଚ୍ଛତା ପାଇଁ ପ୍ଲାଷ୍ଟିକର ବ୍ୟବହାର ବନ୍ଦ କରିବାକୁ ପଡିବ । ରଥଯାତ୍ରା ଠାରୁ ଜିଲାରେ ପଲିଥିନ୍ ଓ ପ୍ଲାଷ୍ଟିକର ବ୍ୟବହାର ବନ୍ଦ ପାଇଁ କଟକଣା ଲାଗୁ କରାଯିବ । ଜିଲାପାଳ ଅଫିସରେ ମଧ୍ୟ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରାଗଲା ବୋଲି ଘୋଷଣା କରିଥିଲେ । ପୁଣି ସରକାରୀ ସଭାସମିତିରେ ପ୍ଲାଷ୍ଟିକର ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷେ ପ୍ଲାଷ୍ଟିକର ବ୍ୟବହାର ବନ୍ଦ କରିବାକୁ ଜିଲାବାସୀଙ୍କ ସେ ସହଯୋଗ ଲୋଡିଥିଲେ । ନିଜେ ସଭାସମିତିରେ ଆଉ ପ୍ଲାଷ୍ଟିକ ଉପକରଣ ବ୍ୟବହାର କରୁ ନ ଥିବା ଦେଖାଇ ଏକ କାଚ ବୋତଲକୁ ବୈଠକରେ ଦେଖାଇଥିଲେ । ସେହିପରି ରଥଯାତ୍ରାରେ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରାଯିବାକୁ ନୟାଗଡ଼ ପୁରୁଣାସହରର ଜଗନ୍ନାଥ ମନ୍ଦିରଠାରୁ ପିଟିଏସ୍ ପର୍ଯ୍ୟନ୍ତ ବକେୟା ଥିବା ରାସ୍ତାର ପିଚୁ କାମ ଏବଂ ଜଗନ୍ନାଥ ମନ୍ଦିରଠାରେ ହମ୍ପସ ହଟାଇ ସମତଳ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।



ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

ରଥ ଚଢ଼ିବାକୁ ହେଲେ ପରିଚୟ ପତ୍ର ଓ ରଥ ଚାରିପାଖରେ ହୋଇଥିବା କର୍ଡନ ଭିତରେ ରହିବାକୁ ହେଲେ ପାସ୍ ଦରକାର । ନ ହେଲେ ରଥଯାତ୍ରା କି ବାହୁଡା ଯାତ୍ରାରେ ରଥ ଆଖପାଖରେ କେହି ରହି ପାରିବେ ନାହିଁ । ଚଳିତ ବର୍ଷ ପ୍ରଥମ ଥର ପାଇଁ ପରିଚୟ ପତ୍ର ଓ ପାସ୍ ଯୋଗାଣ କରାଯାଇଛି । ଅପରାଧ ରୋକିବାକୁ ବଡଦାଣ୍ଡ ଓ ଆଖପାଖ ଅଞ୍ଚଳରେ ସିସିଟିଭି ଲାଗିବ । ସିସିଟିଭି ସ୍ଥାୟୀ ଭାବେ ଲଗା ଯାଇ ନ ପାରିଲେ ଭଡାରେ ଯାତ୍ରା ସମୟ ପାଇଁ ଲଗାଯିବ । ରଥଯାତ୍ରା ଓ ବାହୁଡାରେ ଡ୍ରୋନ କ୍ୟାମେରା ବ୍ୟବସ୍ଥା କରାଯିବ । ପୁଣି ଗରମ ଓ ଖରାର ପ୍ରକୋପରୁ ରକ୍ଷା ପାଇଁ ଦମକଳ କେନ୍ଦ୍ର ପକ୍ଷରୁ ପାଣି ସିଞ୍ଚନ ବ୍ୟବସ୍ଥା କରାଯିବ । ଗୁଣ୍ଡିଚା ମନ୍ଦିର ରୋଷଘର ସ୍ଥାୟୀ ଭାବେ ନିର୍ମାଣ ଅଥବା ମରାମତି କରିବାକୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଓ ଚେୟାରମ୍ୟାନଙ୍କୁ ପରାମର୍ଶ ଦିଆଯାଇଛି । ରଥଯାତ୍ରା ପରି ବାହୁଡାରେ ପ୍ରଥମ ଥର ପାଇଁ ଧାରା ବିବରଣୀ ପ୍ରଦାନ କରାଯିବ । ସେହିପରି ରଥଯାତ୍ରା ଓ ବାହୁଡାଯାତ୍ରାରେ ନିୟୋଜିତ ହେଉଥିବା ସେବାୟତ ଓ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଚଳିତ ବର୍ଷ ଡ୍ରେସ୍‌କୋର୍ଡ ବ୍ୟବସ୍ଥା ଲାଗୁ କରାଯିବ । ସୁନାବେଶ ସମୟରେ ରଥରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଅସ୍ଥାୟୀ ଭାବେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯିବାକୁ ଟିପିସିଓଡିଏଲକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ୩ଜଣ ବଡପଣ୍ଡାଙ୍କ ଆବଶ୍ୟକ ଥିବାବେଳେ ଜଣେ ବଡପଣ୍ଡା ରହୁଥିବାରୁ ପୂଜାନୀତିରେ ଅସୁବିଧା ହେଉଛି । ରଥଯାତ୍ରା ଓ ବାହୁଡାରେ ଅସୁବିଧାକୁ ଏଡାଇବାକୁ ଅସ୍ଥାୟୀ ବଡପଣ୍ଡା ନିୟୋଜିତ ହେବେ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ବନବିଭାଗ ରଥ ପାଇଁ କାଠ ଦେଉଥିବାବେଳେ ଗତ ୩ ବର୍ଷ ହେଲା କାଠ ଦେଉ ନାହିଁ । ଦେବୋତ୍ତର ବିଭାଗ ପକ୍ଷରୁ ଦଶପଲ୍ଲା ଫରେଷ୍ଟ କର୍ପୋରେଶନରୁ କାଠ କିଣାଯାଇ ରଥ ପ୍ରସ୍ତୁତ କରାଯାଉଛି । ରଥ ଶାଳକାଠରେ ତିଆରି ହେଉଥିବାବେଳେ ଭକ୍ତଙ୍କ ଦାନ ଫାସି କାଠରେ ରଥ ନିର୍ମାଣ କରାଗଲେ କ୍ଷତି ହେଉଥିବା ଦର୍ଶାଯାଇଥିଲା । ପୁରୁଣା ଓ ନୂଆ କାଠ ମିଶାଇ ରଥ ପ୍ରସ୍ତୁତ ହେଉଥିବାବେଳେ ଫାଶି କାଠ ୧ ବର୍ଷ ପରେ ନଷ୍ଟ ହୋଇଯାଉଥିବାରୁ ଖର୍ଚ୍ଚ ବଢୁଛି ବୋଲି ମତ ପ୍ରକାଶ ପାଇଥିଲା । ଅପରପକ୍ଷେ ମୁଣ୍ଡ ଉପରେ ରଥଯାତ୍ରା ଓ ଗୁଣ୍ଡିଚାଯାତ୍ରା ଥିବାବେଳେ ଗୁଣ୍ଡିଚା ଘର ଭଙ୍ଗା ଯାଇ ନିର୍ମାଣ କରାଯାଉଛି । ରଥଯାତ୍ରା ସମୟକୁ ଗୁଣ୍ଡିଚା ଘର ନିର୍ମାଣ ସମ୍ଭବ ନୁହେଁ ଦର୍ଶାଇ ବୈଠକରେ ପ୍ରଶ୍ନ ଉଠିଥିଲା । ପୁଣି ଗୁଣ୍ଡିଚା ମନ୍ଦିର ନିର୍ମାଣରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଥିଲା । ବାଲି ପୋତିବା ବଦଳରେ ମାଟି ପୋତା ଯାଉଛି ଓ ପୁରୁଣା ଛଡ ନିର୍ମାଣ କାର୍ଯ୍ୟରେ ଲାଗୁଥିବାରୁ ମନ୍ଦିରର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି । ନିର୍ମାଣ କାର୍ଯ୍ୟର ଯାଞ୍ଚ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସେହିଭଳି ଆଇନ୍‌ଶୃଙ୍ଖଳା ତଦାରଖ ପାଇଁ ପୋଲିସ ମୁତୟନ କରାଯିବା ସହ ସ୍ୱେଚ୍ଛାସେବୀ, ଏନସିସି ଓ ଜାତୀୟ ଯୁବ ସ୍ୱେଚ୍ଛାସେବୀମାନଙ୍କ ସହାୟତା ନିଆଯିବା ପାଇଁ ସ୍ଥିର କରାଯାଇଛି । ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ଯୋଗାଣ, ଆଲୋକ ବ୍ୟବସ୍ଥା, ଆର୍ଥିକ ଅନୁଦାନ ବିଷୟରେ ମଧ୍ୟ ଅନୁରୂପ ଭାବେ ଆଲୋଚନା ହୋଇଥିଲା ।

**ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ**

- ■ରଥଯାତ୍ରା ପରି ବାହୁଡାରେ ଧାରା ବିବରଣୀ
- ■ଜଗନ୍ନାଥ ମନ୍ଦିରଠାରୁ ପିଟିଏସ୍ ରାସ୍ତା ପିଚୁ ହେବ
- ■ପରିଚୟ ପତ୍ର ନ ଥିଲେ ରଥରେ ଚଢ଼ିବା ମନା
- ■ସେବାୟତ ଓ ସ୍ୱେଚ୍ଛାସେବୀଙ୍କ ପାଇଁ ଡ୍ରେସ୍‌କୋଡ
- ■ଗୁଣ୍ଡିଚା ମନ୍ଦିର ରୋଷଘର ମରାମତି ହେଉ ନ ଥିବାରୁ ଉଦ୍‌ବେଗ

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଦି


@ ଦେବାଶିଷ


@ ଦୀପ୍ତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୩୯ ଲିଟର ମଦ ଜବତ, ୨ ଗିରଫ

ଖଣ୍ଡପଡ଼ା,୩।୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ଶିଖରପୁର ଗ୍ରାମରେ ମଙ୍ଗଳବାର ସକାଳେ ଅଚାନକ ଚଢାଉ କରାଯାଇ ଲିପୁନ ସାହୁ(୨୭)ଙ୍କଠାରୁ ୨୩ ଲିଟର ଚୋରା ଦେଶୀ ମଦ ଜବତ କରାଯିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି । ସେହିପରି ବରପଲ୍ଲୀ ଗ୍ରାମର ଦାଶରଥୀ ସାହୁ(୬୫)ଙ୍କଠାରୁ ୧୬ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ତାଙ୍କୁ ମଧ୍ୟ ଗିରଫ କରାଯାଇଛି । ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଖଣ୍ଡପଡା ଅବକାରୀ ଅଧିକାରୀ ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା ।

## ଭୁବନେଶ୍ୱର- ଲାଞ୍ଜିଗଡ ଯାତ୍ରୀବାହୀ ବସ ସେବା ଆରମ୍ଭ

ଖଣ୍ଡପଡ଼ା,୩।୬(ଅଜୟ କୁମାର ମହାରଣା)

ଭୁବନେଶ୍ୱରରୁ ଖଣ୍ଡପଡା, ଦଶପଲ୍ଲା ସହର ଦେଇ ଲାଞ୍ଜିଗଡ ମଧ୍ୟରେ ଯାତ୍ରୀବାହୀ ବସ ସେବା ଆରମ୍ଭ ହୋଇଛି । ଘରୋଇ ପରିବହନର ଏକ ଯାତ୍ରୀବାହୀ ବସ ଭୁବନେଶ୍ୱରରୁ ଲାଞ୍ଜିଗଡ ମଧ୍ୟରେ ଯାତାୟତ କରିବା ପରେ ଖଣ୍ଡପଡା, କଣ୍ଟିଲୋ ଓ ଭାପୁର ବ୍ଲକ୍ ଅଞ୍ଚଳର ଯାତ୍ରୀମାନେ ସୁବିଧାରେ ଉକ୍ତ ବସ ଯୋଗେ ଯାତାୟତ କରିପାରିବେ । ଅପରପକ୍ଷେ ଭୁବନେଶ୍ୱରରୁ ଖଣ୍ଡପଡା ସହର ଦେଇ ବୌଦ୍ଧ ସହର ଅଭିମୁଖେ ଯାତାୟତ କରୁଥିବା ରାଜ୍ୟ ସଡକ ପରିବହନ ନିଗମର ୨ଟି ଶୀତତାପ ନିୟନ୍ତ୍ରୀତ ଯାତ୍ରୀବାହୀ ବସ ସେବା ବନ୍ଦ ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏଥରପ୍ରତି ରାଜ୍ୟ ସଡକ ପରିବହନ ନିଗମ ଉଚ୍ଚ କର୍ତ୍ତୃପକ୍ଷ ଓ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାକୁ ଖଣ୍ଡପଡା ଅଞ୍ଚଳବାସୀ ଦାବି କରିଛନ୍ତି ।

## ନୀଳମାଧବ ମହାବିଦ୍ୟାଳୟ ପାଇଁ ନୂତନ ଅଧ୍ୟକ୍ଷା

ଖଣ୍ଡପଡ଼ା,୩।୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀ ଗତ ମେ’ ୩୧ରେ ଅବସର ଗ୍ରହଣ କରିଛନ୍ତି । ଇତି ମଧ୍ୟରେ ଡିଗ୍ରୀ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଡ. ନନ୍ଦିତା ବାରିକ ନିଯୁକ୍ତି ପାଇଥିବା ମହାବିଦ୍ୟାଳୟ ସୂତ୍ରରୁ ସୂଚନା ମିଳିଛି । ଏଥି ପୂର୍ବରୁ ଡ.ବାରିକ କଟକ ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜ ସୋସିଓଲୋଜି ବିଭାଗର ଅଧ୍ୟାପିକା ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ ।

# ଶ୍ରୀ ଜଳେଶ୍ୱର ଦେବଙ୍କ ବିବାହ ଉତ୍ସବ

ଖଣ୍ଡପଡ଼ା,୩।୬(ଅଜୟ କୁମାର ମହାରଣା):

ନୟାଗଡ଼ ଜିଲା ଭାପୁର ବ୍ଲକ ଅଧୀନ କେନ୍ଦୁପଲ୍ଲୀର ଇଷ୍ଟଦେବ ଶ୍ରୀ ଜଳେଶ୍ୱର ମହାଦେବଙ୍କ ବିବାହ ଏବଂ ଶୀତଳଷଷ୍ଠୀ ଉତ୍ସବ ପାଳିତ ହୋଇଯାଇଛି । କେନ୍ଦୁପଲ୍ଲୀ ଗ୍ରାମବାସୀ ଏବଂ ଶ୍ରୀ ଜଳେଶ୍ୱର ଦେବ ମନ୍ଦିର ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ଉତ୍ସବ ୨ ଦିନ ଧରି ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା । ପ୍ରଥମ ଦିନ ଶିବ ପାର୍ବତୀଙ୍କ ବିବାହ ହୋଇଥିଲା । ଦ୍ୱିତୀୟ ଦିନ ଶୀତଳ ଷଷ୍ଠୀ ଅବସରରେ ଜଳେଶ୍ୱର ଦେବ ନଗର ପରିକ୍ରମା କରିଥିଲେ । ଶିବ ଏବଂ ପାର୍ବତୀ ସଂସାର ସାଗରରୁ ମାନବକୁ ଉଦ୍ଧାର କରନ୍ତି । ବିବିଧ ଶାସ୍ତ୍ରରେ ଥିବା ଶିବ ପାର୍ବତୀଙ୍କ ବିବାହ ବର୍ଣ୍ଣନାକୁ ପ୍ରବଚନ ମାଧ୍ୟମରେ ଭକ୍ତମାନଙ୍କ ପାଖରେ ପହଞ୍ଚାଇଥିଲେ ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଉପନିର୍ଦ୍ଦେଶକ ଡ. ଭାରତ ଭୂଷଣ ରଥ । ନୀଳକଣ୍ଠ ପଟ୍ଟନାୟକ ଶ୍ରୀଜଳେଶ୍ୱର ଦେବଙ୍କ ଆର୍ବିଭାବ ରହସ୍ୟ ଏବଂ ମହିମା ବର୍ଣ୍ଣନା କରିଥିଲେ । ବରିଷ୍ଠ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥ ଶିବଙ୍କ ବିବିଧ ଭଜନ ପରିବେଷଣ କରିଥିଲେ । କେନ୍ଦୁପଲ୍ଲୀ ଗ୍ରାମର ଗୋପାଳ ସମାଜ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ସନାତନ ବାରିକ ମୃଦଙ୍ଗ ବାଦନ କରିଥିଲେ । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବୃକ୍ଷ ସୁରକ୍ଷା ପାଇଁ ଏକ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ପରିବେଶ ସ୍ୱଚ୍ଛତା ଉପରେ ଦୃଷ୍ଟି ଦିଆଯାଇଥିଲା । ଅଜୟ ପଟ୍ଟନାୟକ, ବୀରବର ବେହେରା, ସଞ୍ଜୟ ରଥ, କାହ୍ନୁ ଚରଣ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ନୀଳକଣ୍ଠ ବେହେରା, ସତ୍ୟପ୍ରିୟ ଷଡ଼ଙ୍ଗୀ, ସୁଦର୍ଶନ ବେହେରା, ଟୁଟୁ ପଟ୍ଟନାୟକ, ବଟକୃଷ୍ଣ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୁରୋହିତ ମାଧବ ଚନ୍ଦ୍ର ରଥ ଏବଂ ପ୍ରମୋଦ ପାଢ଼ୀ ଜଳେଶ୍ୱର ଦେବଙ୍କ ବିବାହ କର୍ମ ସମ୍ପାଦନ କରିଥିଲେ ।


ଶିବ ପାର୍ବତୀଙ୍କୁ ବିବାହ କରାଯାଉଛି ।

# ଅଧାପନ୍ତରିଆ ଭାବେ ପଡିରହିଛି ବସ୍‌ଷ୍ଟାଣ୍ଡ

ନୂଆଗାଁ,୩।୬(ଧନେଶ୍ୱର ସାହୁ):

ନୟାଗଡ଼ ଜିଲା ନୂଆଗାଁ ବ୍ଲକଠାରୁ ମାତ୍ର ଦୁଇ ଶହ ମିଟର ଦୂର ନୂଆଗାଁ କଲେଜ ନିକଟରେ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସରକାର ଅନୁଦାନ ଦେଇଥିଲେ । କିନ୍ତୁ ଦୀର୍ଘ ମାସ ହେଲା ତା’ର ନିର୍ମାଣ ଅଧାପନ୍ତରିଆ ଭାବେ ପଡିରହିଛି। ସେହି ବସ୍‌ଷ୍ଟାଣ୍ଡ କାମ ଶେଷ କରିବାର ନାଁ ଧରୁନି ପ୍ରଶାସନ । ଜନସାଧାରଣଙ୍କ ଗମନାଗମନର ସୁବିଧା ନିମନ୍ତେ ପ୍ରତି ଗାଁକୁ ବସ ଚଳାଚଳ କରିବା ସହ ବସଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତେବେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ପୂର୍ବ ସରକାର ଠିକାଦାର ଓ ବିଭାଗୀୟ କର୍ମଚାରୀଙ୍କୁ ଅନୁକମ୍ପା ଦେଖାଇ ମାତ୍ରାଧିକ ଅନୁଦାନ ପ୍ରଦାନ କରିଥିଲେ । ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଲକ୍ଷ୍ମୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅନୁଦାନ ଆସିଥିଲା । ଅଧିକାଂଶ ସ୍ଥାନରେ ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଥିବା ବେଳେ ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିକଟରେ ନିର୍ମାଣ ହେଉଥିବା ବସଷ୍ଟାଣ୍ଡ କାମ ଶେଷ ହେବାର ନାଁ ଧରୁନାହିଁ । ୬ ମାସ ହେଲା ଏହା ଅଧାପନ୍ତରିଆ ଭାବେ ପଡିରହିଥିବା ଯୋଗୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି ।

ସୂଚନା ମୁତାବକ, ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଲକ୍ଷ୍ମୀ ବସଷ୍ଟାଣ୍ଡ ନିର୍ମାଣ ବାବଦକୁ ୩ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା । ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଲକ୍ଷ୍ୟ କରି ଏଠାରେ ଗତବର୍ଷ ଏକ ବସଷ୍ଟାଣ୍ଡ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ହେଲେ ପ୍ଲିନ୍ଥ ଲେବଲ ପର୍ଯ୍ୟନ୍ତ କାମ ହୋଇଥିବା ବେଳେ ଇଟା ଯୋଡେଇ ଭୁଶୁଡି ପଡିଥିବା ଦେଖିବାକୁ ମିଳିଥିଲା । ପ୍ରଶାସନ ଏ ଦିଗରେ ସମ୍ପୂର୍ଣ୍ଣ ଭାବେ ଅବଗତ ରହିଛି, ତଥାପି କାମ ଶେଷ କରିବା ଦିଗରେ ଆଦେ ଦୃଷ୍ଟି ଦେଉନାହିଁ । ଏ ବାବଦରେ ନୂଆଗାଁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ପଚାରିବାରୁ ଯେତିକି ଅନୁଦାନ ଅଛି ସେଥିରେ କାମ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ଏଥିପାଇଁ ଅଧିକ ଅନୁଦାନ ଆବଶ୍ୟକ । ଯେତିକି ଅନୁଦାନ ବଳକା ଅଛି ସେଥିରେ କାମ ସାରିବା ପାଇଁ ଠିକାଦାରକୁ ନିର୍ଦ୍ଦେଶ ଦେବୁ ବୋଲି କହିଛନ୍ତି ।


ଅଧାପନ୍ତରିଆଭାବେ ପଡିଥିବା ବସ୍‌ଷ୍ଟାଣ୍ଡ ।

## ବୈଷ୍ଣୋଦେବୀ ମନ୍ଦିର ନିକଟରେ ଦୋକାନୀଙ୍କୁ ଆକ୍ରମଣ

ଶରଣକୁଳ,୩।୫(ଦୀପକ କର):

ନୟାଗଡ଼ ଜିଲା ଶରଣକୁଳ ନିକଟସ୍ଥ ଜାମୁକୋଣ ପାହାଡ଼ରେ ଅବସ୍ଥିତ ମା’ବୈଷ୍ଣଦେବୀଙ୍କ ମନ୍ଦିରରେ ଜଣେ ଦୋକାନୀଙ୍କୁ ଆକ୍ରମଣ ହୋଇଛି । ଜଣେ ଯୁବକ ଦୋକାନୀଙ୍କୁ ଛୁରା ମାଡ଼ କରିଛନ୍ତି । ଖବରପାଇ ଶରଣକୁଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୋମବାର ରାତି ପ୍ରାୟ ୧୧ ସମୟରେ ଆସୁରିଢିପା ଗ୍ରାମର ମନୋଜ କୁମାର ପ୍ରଧାନଙ୍କ ଦୋକାନକୁ ସେହି ଗ୍ରାମର ଟିଟୁ ସେଠୀ ପହଞ୍ଚି ଥିଲେ । ସେ ମନୋଜଙ୍କ ସହିତ ଅସଭ୍ୟ ଭାଷାରେ ପାଟିତୁଣ୍ଡ କରିବା ସହିତ ତାଙ୍କୁ ଛୁରୀରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ମନୋଜଙ୍କ ବେକ,ବାମ ପାପୁଲି, ଡେଣା କଟିରେ କ୍ଷତ ସୃଷ୍ଟି ହୋଇଛି । ସେ ଚିତ୍କାର କରିବାରୁ ନିକଟରେ ଥିବା ସୁରକ୍ଷାକର୍ମୀ ଓ ଆଖପାଖ ଦୋକାନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ । ପୋଲିସ ମନୋଜଙ୍କୁ ଆମ୍ବୁଲାନ୍ସରେ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି । ଏହାକୁ ନେଇ ସେଠାରେ ଭୟର ବାତାବରଣ ସୃଷ୍ଟି ହୋଇଛି ।


ଆହତ ମନୋଜ କୁମାର ପ୍ରଧାନ ।

## ବିଜେଡିର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ନୟାଗଡ଼,୩।୬(ଲୋକାନାଥ ମିଶ୍ର) : ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁଜନତା ଦଳର ନୂତନ କର୍ମକର୍ତ୍ତାମାନଙ୍କୁ ନେଇ ଭାପୁର ବ୍ଲକ ଅନ୍ତର୍ଗତ ବିଜୁଜନତା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଭାପୁର ବ୍ଲକ ବିଜେଡି ନୂତନ ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଭାପୁର ବ୍ଲକ ଉପାଧ୍ୟକ୍ଷ ତଥା ଭାପୁର ବିଜୁଜନତା ଦଳର ବ୍ଲକ କାର୍ଯ୍ୟକାରୀ ସଭାପତି ବେଣୁଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ , ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଖଣ୍ଡପଡ଼ା ବ୍ଲକ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷା ଉପମା ବେହେରା, ଜିଲା ବିଜେଡି ଉପସଭାପତି ନିରଞ୍ଜନ ବେହେରା, ପୂର୍ବତନ ଜିଲା ପରିଷଦ ଦୁର୍ଯ୍ୟୋଧନ ସ୍ୱାଇଁ, ଯୁବ ବିଜେ ସଭାପତି ମନୋରଞ୍ଜନ ବେହେରା, ୫ନଂ. ଜୋନ ବିଜେଡି ସଭାପତି ଅଖିଳ କୁମାର ପଣ୍ଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝୀ, ୬ନଂ. ଜୋନ ବିଜେଡି ସଭାପତି ମାଧବ ଚନ୍ଦ୍ର ସାହୁ, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ସାହୁ, ସୂର୍ଯ୍ୟ ନାରାୟଣ ପ୍ରଧାନ, ସୁରେନ୍ଦ୍ର କୁମାର ଦାଶ, ବିଜୁଜନତା ଦଳର ବ୍ଲକ ଉପଦେଷ୍ଟା ମଧୁସୂଦନ ରଥ ପ୍ରମୁଖ ଉପସ୍ଥିତ ରହିଥିଲେ । ଚଳିତବର୍ଷ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ପରେ ଦଳ ପକ୍ଷରୁ ଦୀର୍ଘଦିନ ପରେ ସଙ୍ଗଠନ ସଜାଡିବା ପାଇଁ ବିଭିନ୍ନ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି । ଏହି ସାଙ୍ଗଠନିକ ନୂତନ କର୍ମକର୍ତ୍ତା ଚୟନରେ ଶିକ୍ଷାବିତ, ଅଧିବକ୍ତା,କୃଷକଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ସ୍ଥାନ ପାଇଛନ୍ତି ।

## ଫଳ ବଗିଚା ଯତ୍ନ



**ଆ**ମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ିଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି. , ନଡ଼ିଆ – ୧ ମି. x ୧ ମି. x ୧ ମି. , କଦଳୀ – ୦.୪ ମି. x ୦.୪ ମି. x ୦.୪ ମି., କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି. । ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ । ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ। ଭାଙ୍ଗିପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫାକରି କମ୍ପୋଷ୍ଟ ଖାତରେ ଭରିଦିଅନ୍ତୁ।

# ଧାନ ବିହନ ବୁଣିବା ପୂର୍ବରୁ ଜମି ପ୍ରସ୍ତୁତି



**ଏ ମାସର କୃଷି ସୂଚନା**

**ଧା**ନ ଚାଷକରିବା ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡକରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ସଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଛଟାବୁଣା ନ କରି ବିହନ ବୁଣାଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨–୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ । ବୁଣିସାରି ଥରେ ମଇ ଦେଇଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନକରି ବୁଣନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଚଉଡ଼ାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷା ଆଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ।

ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜାହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷାଋତୁରେ ମୋଟ ୬୦ ମିଲି ମି. ବର୍ଷା ହେବା ପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମି ଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଢିପ ଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ । ଏଥିପାଇଁ ଢିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ସକ୍ରିୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨–୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ । ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମିଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଫସଲକୁ ବିହନଜନିତ ରୋଗରୁ ରକ୍ଷାକରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ + ଥିରାମ୍ ବା ୧ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣୀ ଶକ୍ତି ଥିବା କିସମର ଧାନଚାଷ କରନ୍ତୁ ।

**ମକା**

ମକାଚାଷ ପାଇଁ ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନକରି ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ପାଣି ଜମି ରହିଲେ ମକା ଗଛ ଭଲ ବଢ଼େ ନାହିଁ । ତେଣୁ ଜଳ ନିଷ୍କାସନର ସୁବିଧା କରନ୍ତୁ ।

**ଡାଲି ଜାତୀୟ ଫସଲ ଚାଷ**

ଜମି ପ୍ରସ୍ତୁତକରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

## ତୈଳବୀଜ ଜାତୀୟ ଫସଲ

**ଚିନାବାଦାମ**

ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଉଚିତ । ହେକ୍ଟର ପ୍ରତି ୨୫ ଗାଡ଼ି ସଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

**ରାଶି**

ରାଶି ଚାଷ ପାଇଁ ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ବୁଣିବା ବେଳକୁ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମ ଗୁଡ଼ିକ ହେଲା – କନକ, ଉଷା, ଉମା, ଅମ୍ରିତ୍, ପ୍ରାଚୀ, ନିର୍ମଳା, ସ୍ମାରକ ଓ ଶୁଭ୍ରା ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର–୩

## ଆଖୁଚାଷ କରୁଥିଲେ...



**ଆ**ଖୁଚାଷ କରୁଥିଲେ ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଏହି ଫସଲ ୩–୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଗ୍ରାମା ଜାପୋନିକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ କିମ୍ବା ଥାୟାମେଥୋକ୍ସାମ୍ ୧୫୦ ଗ୍ରାମ୍/ହେକ୍ଟର (କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ କିମ୍ବା ଫିପ୍ରୋନିଲ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ବିଷ ପ୍ରୟୋଗ କରାଯାଇପାରେ।

**ସଫଳ ଚାଷୀ**

**କୃଷ୍ଣଚନ୍ଦ୍ର ଓଝା / ହରିବନ୍ଧୁ ଓଝା**

## ସମନ୍ୱିତ ଚାଷ ସଫଳତା ଦେଇଛି



ହରିବନ୍ଧୁ ଓଝା



କୃଷ୍ଣଚନ୍ଦ୍ର ଓଝା

**ସ**ମନ୍ୱିତ ଚାଷକରି ବେଶ୍ ସ୍ୱାବଲମ୍ବୀ ହୋଇଛନ୍ତି ୨ ଭାଇ। କଠିନ ପରିଶ୍ରମ ସେମାନଙ୍କୁ ଆଣିଦେଇଛି ଆଶାତୀତ ସଫଳତା । ସେହି ୨ ଭାଇ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ମାଣିବନ୍ଧ ପଞ୍ଚାୟତ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର କୃଷ୍ଣଚନ୍ଦ୍ର ଓଝା ଏବଂ ହରିବନ୍ଧୁ ଓଝା । ଗାଁ ମୁଣ୍ଡରେ ବାପାଙ୍କ ଥିବା ୫ଏକର ଟାଙ୍ଗରା ଭୂଇଁରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି। ଜହ୍ନି, କାକୁଡ଼ି, ଝୁଡ଼ଙ୍ଗ, ଭେଣ୍ଡି, ଲାଉ, କଖାରୁ, ବିଲାତି ବାଇଗଣ, ଲଙ୍କା ସମେତ ବିଭିନ୍ନ କିସମର ଶାଗ ପଟାଳି। ଖରିଫ ଓ ରବି ଫସଲରେ ଧାନ, ଡାଲି ଜାତୀୟ ଫସଲ ସହ ଆମ୍ବ, ପିଜୁଳି, ନାରିକେଳ, ଅମୃତଭଣ୍ଡା, ଲିଚୁ,ପଣସ, ସପୁରି, କଦଳୀ, ଜାମୁ, ବରକୋଳି ପ୍ରଭୃତି ଫଳ ଫଳୁଛି। ବର୍ଷ ବର୍ଷ ଧରି ଦୂବ କଅଁଳୁ ନ ଥିବା ଏହି ବିଲରେ ଏବେ ସବୁ ପ୍ରକାର ଫସଲ ଶୋଭା ବର୍ଦ୍ଧନ କରୁଛି। ଏଥିସହ ଉଦ୍ୟାନ ବିଭାଗ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ କୁକୁଡା ଚାଷ, ବାୟୋ ଫ୍ଲାଗ୍ (ଜୈବିକ ପୁଞ୍ଜି) ମାଧ୍ୟମରେ ମାଛଚାଷ କରି ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ଅକ୍ଷୟତୃତୀୟା ଦିନ ଖୋର୍ଦ୍ଧା ଠାରେ ଜିଲାସ୍ତରୀୟ କୃଷକ ଦିବସ ପାଳନ ଅବସରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ୨ଭାଇଙ୍କୁ ସଫଳ ଚାଷୀ ଭାବେ ସମ୍ବର୍ଦ୍ଧିତ କରିଥିଲେ।

ଏ ବିଷୟରେ ୨ ଭାଇ କୁହନ୍ତି, ‘‘ଏହି ଜମି ଦୀର୍ଘ ବର୍ଷ ଧରି ପଡ଼ିଆ ପଡ଼ିଥିଲା। ଏଠାରେ ଆମେ ଫସଲ ଆଦାୟ ପାଇଁ ମନସ୍ଥ କରି କାମ ଆରମ୍ଭ କରିଥିଲୁ। କୃଷି ବିଭାଗ ସହ ଯୋଗାଯୋଗ କରି ପ୍ରଥମେ ମାଟି ପରୀକ୍ଷା କରାଗଲା। ପରବର୍ତ୍ତୀ ସମୟରେ କୃଷି ବିଭାଗର ପରାମର୍ଶ ଅନୁସାରେ ଭୂମିକୁ ପ୍ରସ୍ତୁତ କରିବା ପରେ ଖରିଫ ଫସଲ ସହ ପନିପରିବା ଚାଷ କରିଥିଲୁ। ଏଥିସହ ବିଲ ଚାରିପାଖରେ ଫଳ ଗଛ ଲଗାଇଲୁ। ଏଥିସହ ଋତୁ ଅନୁଯାୟୀ ଫଳଗଛ ସହ ଅଦା, ସୂର୍ଯ୍ୟମୁଖୀ ଚାଷ ଆରମ୍ଭ କରିଥିଲୁ। ବିଲରେ ପିଜୁଳି, ଅମୃତଭଣ୍ଡା, କଦଳୀ, ଆମ୍ବ ଫଳୁଥିବା ବେଳେ ଅନ୍ୟ ପଟେ ଶାଗ, ଧନିଆପତ୍ର, ପନିପରିବା ଲାଗିଛି। ସେପଟେ ଜୈବିକ ପୁଞ୍ଜି ଯୋଜନାରେ ୪ଟି ସିମେଣ୍ଟ କୁଣ୍ଡରେ ମାଛଚାଷ ଚାଲିଛି। ଏହାସହ ୫୦୦୦ କ୍ଷମତା ବିଶିଷ୍ଟ କୁକୁଡ଼ା ଫାର୍ମ ମଧ୍ୟ ଚାଲିଛି। ଆମେ ଦୁହେଁ ଏଥିରୁ ବାର୍ଷିକ ପ୍ରାୟ ୫ରୁ ୭ ଲକ୍ଷ ଟଙ୍କା ରୋଜଗାରକରି ଆତ୍ମନିର୍ଭର ହୋଇପାରିଛୁ। ଏହାବ୍ୟତୀତ ୧୨ଟି ପରିବାରକୁ କର୍ମସଂସ୍ଥାନ ଯୋଗାଇଦେଇଛୁ। ଚାକିରି ପଛରେ ନ ଗୋଡ଼ାଇ ନିଜ ପୈତୃକ ସମ୍ପତ୍ତିରେ ବିଲବାଡ଼ିରେ କାମ କରିବାକୁ ଇଚ୍ଛା କରିଥିଲୁ। ଅକ୍ଳାନ୍ତ ପରିଶ୍ରମ ସ୍ୱରୂପ ଏହି ଚାଷରେ ସଫଳତା ମିଳିଛି। ଆଜିର ଯୁବପିଢ଼ି ପାଠପଢ଼ି ଚାକିରି ପାଇଁ ବାହାର ରାଜ୍ୟକୁ ଯିବା ଅପେକ୍ଷା ଆଧୁନିକ ଜ୍ଞାନକୌଶଳ ପ୍ରୟୋଗକରି ବେଶ୍ ଲାଭାନ୍ୱିତ ହୋଇପାରିବେ। ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟଙ୍କୁ ମଧ୍ୟ ରୋଜଗାର ଦେଇପାରିବେ।’’

–ପ୍ରଭାତ ପାଣିଗ୍ରାହୀ

## ଅଧିକ ଅମଳକ୍ଷମ କାଜୁ ପାଇଁ...



**କାଜୁ**ର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବି.ପି.ପି,ଭୁବନେଶ୍ୱର –୧,ଭି.ଆର.ଇ.–୨,ହାଇବ୍ରିଡ୍–୨–୧୭ କିସମ ବ୍ୟବହାର କରନ୍ତୁ। ଜୁଲାଇ ମାସ ହେଉଛି କାଜୁ ଗଛ ଲଗାଇବାର ଉପଯୁକ୍ତ ସମୟ। ସମୁଦ୍ର ଉପକୂଳ ପାଇଁ ୭.୫x୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬x୬ ଓ ଅନୁର୍ବରକ୍ଷୟ ପ୍ରାପ୍ତ ଜମି ପାଇଁ ୪x୪ମିଟର ୪୫x୪୫x୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ରୁ ୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ୍ ସାର ପ୍ରୟୋଗ କରନ୍ତୁ।



**ନଳିତା ଚାଷରେ ଘାସ ବଛା**

**ନ**ଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ । ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉ ଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳାକରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ । ଏହି ସମୟରେ ହେକ୍ଟର ପ୍ରତି ୨୦–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଏହି ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ । ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

# ଅଣଧାନ ଫସଲ ଚାଷ ସମୟରେ...



**ଧା**ନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷକରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତହୁଏ ଓ ଅମଳ ଅଧିକ ହୋଇଥାଏ।

ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପ ଜମିରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା–ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହିପାରୁଥିବା ଧାନ କିସମ ଯଥା–ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ–୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

# ପନିପରିବା ଚାଷ



**ଆ**ଉ କିଛି ସପ୍ତାହ ପରେ ବର୍ଷା ଦିନ ଆସିଯିବ। ସାଧାରଣତଃ ଏହି ସମୟରେ ବାଇଗଣ, ବର୍ଷାଦିନିଆ ବିଲାତି ବାଇଗଣ, ବର୍ଷାଦିନିଆ କୋବି, ବର୍ଷାଦିନିଆ ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡ଼ଙ୍ଗ ଆଦି ପନିପରିବା ଫସଲ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳଜମିରେ ଲଗାଯାଇଥାଏ। ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨–୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ସଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୭ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩–୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୫–୭ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାରଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା’ ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜେଇଇ-ଆଡ୍‌ଭାନ୍ସଡରେ ବେଦାନ୍ତୁର ସଫଳତା

**ଭୁବନେଶ୍ୱର,୩।୬**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତୁର ଛାତ୍ରୀଛାତ୍ରମାନେ ଜେଇଇ ଆଡ୍‌ଭାନ୍ସଡ-୨୦୨୫ ଫଳାଫଳରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଆଇଆଇଟି କାନ୍‌ପୁର ପକ୍ଷରୁ ଜେଇଇ ଆଡ୍‌ଭାନ୍ସଡ-୨୦୨୫ ଫଳାଫଳ ନିକଟରେ ପ୍ରକାଶିତ ହୋଇଯାଇଛି। ଏହି ଫଳାଫଳ ଅନୁଯାୟୀ ବେଦାନ୍ତୁର ଛାତ୍ରୀଛାତ୍ରମାନେ ପୂର୍ବ ବର୍ଷର ଫଳାଫଳ ଅପେକ୍ଷା ଯଥେଷ୍ଟ ଅଧିକ ସ୍ଥାନ ଅଧିକାର କରିଛନ୍ତି। ଏପରିକି ଶ୍ରେଷ୍ଠ ୧୦୦ ମଧ୍ୟରେ ୮ ଜଣ ଛାତ୍ର, ଶ୍ରେଷ୍ଠ ୫୦୦ ମଧ୍ୟରେ ୨୦ ଜଣ ଏବଂ ଶ୍ରେଷ୍ଠ ୫,୦୦୦ ମଧ୍ୟରେ ୮୩ ଜଣ ସ୍ଥାନ ପାଇଛନ୍ତି। ଅପରପକ୍ଷରେ ବାଙ୍ଗାଲୁରୁର ଦକ୍ଷ ତୟାଲିୟା ଗଣିତରେ ୧୨୦ରୁ ୧୨୦ ନମ୍ବର ସ୍କୋରକରି ସର୍ବଭାରତୀୟ ସ୍ତରରେ ୧୫ତମ ସ୍ଥାନ ଏବଂ କର୍ନାଟକ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏପରିକି ଗୋରଖପୁରର ପ୍ରଖର ସିଂହ ସର୍ବଭାରତୀୟ ସ୍ତରରେ ୯୨ତମ ସ୍ଥାନ ଅଧିକାର କରିଛନ୍ତି। ଏ ସମ୍ପର୍କରେ ବେଦାନ୍ତୁର ସହ-ସଂସ୍ଥାପକ ଏବଂ ଏକାଡେମିକ୍ ମୁଖ୍ୟ ଆନନ୍ଦ ପ୍ରକାଶ କହିଛନ୍ତି, ବର୍ଷ ପରେ ବର୍ଷ ଶୀର୍ଷ ର୍ୟାଙ୍କିଙ୍ଗ୍ ଏବଂ ଲଗାତର ଉତ୍କୃଷ୍ଟ ଫଳାଫଳ ସହ ଚଳିତ ବର୍ଷ ଉଚ୍ଚ ଗୁଣବତ୍ତା, ବ୍ୟକ୍ତିଗତ ଏବଂ ଫଳାଫଳ-କେନ୍ଦ୍ରିତ ଶିକ୍ଷା ପ୍ରଦାନ କରିବାରେ ବେଦାନ୍ତୁର ନିରନ୍ତର ସଫଳତାକୁ ପ୍ରତିଫଳିତ କରୁଛି।

# 'ଯୁଗୋପଯୋଗୀ ଶିକ୍ଷା ସାମାଜିକ ସଶକ୍ତୀକରଣର ମୂଳଦୁଆ'

- ଯାଜପୁର ଧନ୍ଦାମୂଳକ କେନ୍ଦ୍ରରୁ ଉତ୍ତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା
- ୫ଜିଲାରୁ ୨ହଜାର ପ୍ରଶିକ୍ଷାର୍ଥୀ ନେଲେ ତାଲିମ

**ବାଲେଶ୍ୱର, ୩।୬(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ଯାଜପୁର ଧନ୍ଦାମୂଳକ କେନ୍ଦ୍ର (ଭିଟିସି)ରୁ ଉତ୍ତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ଟିପିଏନଓଡିଏଲ ସିଇଓ ଦ୍ୱିଜଦାସ ବସାକ ଏହି ଉତ୍ସବରେ ପୌରୋହିତ୍ୟ କରି ଯୁଗୋପଯୋଗୀ ଶିକ୍ଷା ସାମାଜିକ ସଶକ୍ତୀକରଣର ମୂଳଦୁଆ ଅଟେ। ଧନ୍ଦାମୂଳକ ତାଲିମ ସହ ଛାତ୍ରୀଛାତ୍ରଙ୍କୁ ଏହି ସାର୍ଟିଫିକେଟ୍ ପ୍ରଦାନ ଏକ ଔପଚାରିକତା। ଲାଭ କରିଥିବା ଶିକ୍ଷା ଜୀବନକୁ ସଙ୍ଗଠିତ କରିବାରେ ସହାୟକ ହୁଏ। ଏହାକୁ ବ୍ୟବହାର କରି ଆତ୍ମନିର୍ଭରଶୀଳ ହେବାକୁ ସେ ପ୍ରଶିକ୍ଷାର୍ଥୀଙ୍କୁ କହିଥିଲେ। ଏଥିସହ ଟିପିଏନଓଡିଏଲ ଜାରି ରଖିଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡ଼ି, ଦକ୍ଷତା ବିକାଶ କେନ୍ଦ୍ର ଜରିଆରେ ଯୁବପିଢିଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ପଦାଧିକାରୀ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ତେବେ ଯାଜପୁର ଭିଟିସିରୁ ଟେଲରିଂ, କମ୍ପ୍ୟୁଟର, ଇଲେକ୍ଟ୍ରିକାଲ୍ ଉପକରଣ ମରାମତି ଏବଂ ସ୍ପୋକେନ୍ ଇଂଲିଶ ଆଦି ପାଠ୍ୟକ୍ରମ ସଫଳତାର ସହିତ ସମ୍ପୂର୍ଣ୍ଣ କରିଥିବା ୨୫୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ (ଏନ୍‌ଏସ୍‌ଡିସି) ଅନୁମୋଦିତ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ୬୫୦ରୁ ଅଧିକ ପ୍ରଶିକ୍ଷାର୍ଥୀ ଏହି ପ୍ରଶିକ୍ଷଣ କେନ୍ଦ୍ରରୁ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ପାଇଛନ୍ତି। ନିଯୁକ୍ତି ଓ ନିୟୋଜନ କାର୍ଯ୍ୟକ୍ରମ 'ରୋଶନି' ଅଧୀନରେ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ଜାରି ରଖିଥିବା ବେଳେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲାର ୨ ହଜାରରୁ ଅଧିକ ଯୁବବର୍ଗ ଏଥିରେ ଉପକୃତ ହୋଇଛନ୍ତି।




ଜଣେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୩।୬(ଅଭୟ ଦାଶ)**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୩୬ (୬୩୬.୨୪) ପଏଣ୍ଟ ହ୍ରାସ ଘଟି ୮୦,୭୩୭ (୮୧,୭୩୭.୫୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୭୪ (୧୭୪.୧୮) ପଏଣ୍ଟ କମି ୨୪,୫୪୨(୨୪,୫୪୨.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

### ବିଜିନେସ୍ ଆଡ୍‌ମିନିଷ୍ଟ୍ରେସନରେ ଡକ୍ଟରେଟ ଲାଭ



ଶ୍ରୀ ଶିବ ପ୍ରସାଦ ଷଡ଼ଙ୍ଗୀ ତାମିଲନାଡୁସ୍ଥିତ ଆନାମଲାଇ ବିଶ୍ୱବିଦ୍ୟାଳୟରୁ **Impact of Marketing Strategy and Product Knowledge attitude on Consumer Buying behaviour of Organic Food products in Karnataka** ଉପରେ ଗବେଷଣା କରିଥିବା ସନ୍ଦର୍ଭଟି ଜାତୀୟ ଓ ଅନ୍ତର୍ଜାତୀୟ ଗବେଷକଙ୍କ ଦ୍ୱାରା ମୂଲ୍ୟାୟନ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ସେ ଖୋର୍ଦ୍ଧା ଜିଲ୍ଲା ନାବୁଣୀ ଗ୍ରାମର ପ୍ରଫୁଲ୍ଲ ଷଡ଼ଙ୍ଗୀ ଓ ବୀଣାପାଣି ଷଡ଼ଙ୍ଗୀଙ୍କ କନିଷ୍ଠ ପୁତ୍ର ଅଟନ୍ତି। ସେ ବର୍ତ୍ତମାନ ବାଙ୍ଗାଲୋରସ୍ଥିତ ଶେଷାଦ୍ରୀପୁରମ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଶ୍ରୀ ଷଡ଼ଙ୍ଗୀ ତାଙ୍କର ଏହି ସଫଳତାର ଶ୍ରେୟ ପିତାମାତା, ଗାଇଡ୍ ଡଃ ଟି. ରାମକୁମାର, ପତ୍ନୀ-ନିରୁପମା ମିଶ୍ରଙ୍କ ସମେତ ପରିବାରବର୍ଗ ତଥା ଶୁଭେଚ୍ଛୁମାନଙ୍କୁ ଦେଇଛନ୍ତି।

ଧ-୮୦୯

# Classified Everyday

**0674-2580101, 9692975378**




## BRIDE WANTED

Khastriya Boy 1993, B.Tech, 5'9", Dhanu, Bangalore IT Software, Dhenkanal. 9668599723. D-71085

## GROOM WANTED

Wanted Govt. Officers groom for beautiful Khandayat Girl 1992, 5'4", MSc, ME.d. serving Asst. Professor, Govt BE.d. College. "SUNASANSAR". 9937512659. D-76273




## SALE

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266




Main Road- facing Shop available for rent in VSS Nagar, Area: 250sqft., Includes: Attached Toilet, Rent: Rs.- 16,000 per month, Ideal for: Retail, office or small Business setup. Contact: 7008630332. D-797




Newly open health benefits SPA by expert therapist. Contact- 8280961126. D-76915

Full body massage by experience therapist with homely atmosphere. 9114559860. D-780

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

Newly open SPA positively health benefits (expert therapist). Contact- 7327030529. D-76918

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 03.05.2025, I, Shashanka Shekhar Bindhani, S/o- Parikshita Bindhani, resident of At/P.O.-Daruthenga, P.S.-Chandaka, Dist.-Khordha, Odisha-754005 declare that I have changed my son's name from Aditya Bindhani to Chiraag Bindhani. Henceforth, he shall be known as Chiraag Bindhani for all purposes. D-806

By virtue of an affidavit sworn before the Notary Public, Birmaharajpur, dated 29.05.25, I, Srikara Padhan, R/o. Village- Baraghat, P.O.- Khandahata, P.S.- Subalaya, Dist.- Subarnapur declare that I wish to correction of my name and DOB from Shrikar Padhan, DOB- 15.04.2005 to Srikara Padhan, DOB- 20.01.2005 in my Aadhaar Card for all purposes.
Srikara Padhan D-799

By virtue of an affidavit sworn before Executive Magistrate, Thuamul Rampur, dated 03.06.2025, I, Phulmita Turuk, R/o. At/P.O.- Birikote, P.S.-Th. Rampur, Dist.- Kalahandi, PIN- 766037, Odisha declare that I have changed my name from Phulamita Naik to Phulmita Turuk. Henceforth, I shall be known as Phulmita Turuk for all future purposes.
Phulmita Turuk D-800

By virtue of an affidavit sworn before Executive Magistrate, Thuamul Rampur, dated 02.06.2025, I, Kadu Majhi, R/o. At- Birmalguda, P.O.- Dumerpadar, P.S.- Th. Rampur, District.- Kalahandi, PIN-766037, Odisha declare that I have changed the name of my son from Mohan Majhi to Mahan Majhi. Henceforth, he shall be known as Mahan Majhi for all purposes.
Kadu Majhi D-801

By virtue of an affidavit sworn before the Executive Magistrate, Thuamul Rampur, dated 02.06.2025, I, Rai Majhi, R/o. At- Birmalguda, P.O.- Dumerpadar, P.S.- Th. Rampur, Dist.- Kalahandi, PIN-766037, Odisha declare that I have changed the name of my son from Susant Majhi to Sushanta Majhi. Henceforth, he shall be known as Sushanta Majhi for all purposes.
Rai Majhi D-802

By virtue of an affidavit sworn before the Executive Magistrate, Thuamul Rampur, dated- 30.05.2025, I, Bijaya Pradhani, R/o. At-Bisamgiri, P.O.- Dumerpadar, P.S.- Th. Rampur, District.- Kalahandi, PIN-766037, Odisha declare that I have changed the name of my daughter from Bidaya Pradhani to Sonali Pradhani. Henceforth, she shall be known as Sonali Pradhani for all purposes.
Bijaya Pradhani D-803

By virtue of an affidavit sworn before the Executive Magistrate, Bhapur, Nayagarh on June 03, 2025, I, Mrs Urmila Rana, Residing At: Vill/P.O.- Baigunia, P.S.- Fategarh, Dist.- Nayagarh, Odisha, 752077 declare that I have changed my name from Bilasini Rana to Urmila Rana. Henceforth, I shall at all times use and Sign the name Urmila Rana in place of my former name, Bilasini Rana, in all records, documents and transactions, both public and private. D-812

By virtue of an affidavit sworn before the Executive Magistrate, Boudh, No.-902, date 02.06.2025, I, Bipin Biswal, R/o. Village- Tulasipur, P.O.- Palaspat, P.S./ Dist.- Boudh, Odisha, PIN- 762014 declare that I have changed my son's name from Bidyadhar Biswal to Bidyadhara Biswal. Henceforth, he shall be known as Bidyadhara Biswal for all purposes.
Bipin Biswal D-804

By virtue of an affidavit sworn before Executive Magistrate, Bhubaneswar, date- 21.05.2025, Rasmita Behera, Address: At- Dengamba, P.O.- Nuagaon, P.S.- Banki, Dist.- Cuttack, PIN- 754008 declare that I have changed my name from Rasmita Mohanty to Rasmita Behera. Henceforth, I shall be known as Rasmita Behera for all purposes.
Rasmita Behera D-792

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Odagaon, dated- 28.05.2025, I, Yashoda Nahak, Vill- Dhipasahi P.O.- Bahadajhola. P.S.- Odagaon, Dist.- Nayagarh, Odisha, PIN- 752082 declare that I have changed my name from Yosodha Nahak to Yashoda Nahak. Henceforth, I shall be known as Yashoda Nahak for all future purpose.
Yashoda Nahak. D-795

By virtue of an affidavit sworn before Notary Public, Bhubaneswar, dated- 30 May 2025, I, Krishna Kumari Samal, At/ P.O.- Balakati, P.S.- Balianta, Dist.- Khurdha declare that I have changed my daughter's name from Jagruti Behuria to Jagruti Beuria. Henceforth, she shall be known as Jagruti Beuria for all purposes. D- 796

By virtue of an affidavit sworn before the Executive Magistrate, Bhadrak, dated- 31.05.2025, I, Sri Rabinarayan Ray, At- Kuansh, Via/P.O./P.S./ Dist.- Bhadrak, State- Odisha, PIN- 756100 declare that in my Pan Card my name has been prepared as RABI NARAYAN NAYAKALIASRAY, S/o- RAMACHANDRA NAYAK. But in my Aadhaar Card my name has been scribed as Rabinarayan Ray and my father's name is Ramakanta Ray which both are correct, as stated in Aadhaar Card and the Date of Birth also wrongly mentioned in my Old Pan Card as 05.12.1957 instead of 06.12.1957. Henceforth, I shall be known as Rabinarayan Ray, my father's name is Ramakanta Ray and my Date of Birth is 06.12.1957 for all purposes.
Rabinarayan Ray D-815

By virtue of an affidavit sworn before Notary Public, Bhubaneswar, dated- 23.05.2025, I, Y Amrutha Das, Address- B1 Ghanshyam Enclave, 281 Jayadev Vihar, Bhubaneswar, PIN- 751015 declare that I have changed my name from Yatirajula Amrutha to Y Amrutha Das. Henceforth, I shall be known as Y Amrutha Das for all purposes.
Y Amrutha Das. D-811

By virtue an affidavit before Executive Magistrate, Dhenkanal, dtd. 30.05.2025, I, Sujata Panda @ Sujata Manjari Rath, W/o.- Nigamananda Panda, At-House No.- 12A, Dibyaloka Apartment, Talagada, P.O.-Balianta, Dist.-Khurda, Odisha solemnly declare that I have changed my name from Sujata Panda to Sujata Manjari Rath. Henceforth, from now I shall be known as Sujata Manjari Rath for all purposes. D-813

I, Nimain Charan Dash, S/o- Late Nrusingha Charan Dash, At/P.O.- Sadar Harianta, P.S.- Cuttack Sadar, Cuttack-754003 declare by the affidavit No.-1224, dt. 02.06.25 before Notary, Cuttack that I have changed my name NIMAI CHARAN DASH to NIMAIN CHARAN DASH. Henceforth, I shall be known as NIMAIN CHARAN DASH for all purposes. D-814

By virtue of an affidavit sworn before the Executive Magistrate Nuagaon, dated- 03.06.2025, I, Shushreelata Pati, W/o- Surendra Swain, Vill- Jiginipada, P.O.- Udayapur, P.S.-Nuagaon, Dist.- Nayagarh, Odisha, PIN- 752083 declare that I have changed my name from Shnehalata Pati to Shushreelata Pati. Henceforth, I shall be known as Shushreelata Pati for all future purpose.
Shushreelata Pati D-798

I, Sulochana Dei, aged about 76years, W/o- Kuber Paikaray, Vill/P.O.- Dighiri, P.S.- Bolgarh, Dist.- Khordha, Odisha declared that my Date of Birth is 01.01.1949 which is mentioned in my Aadhaar Card bearing No.- xxxx xxxx 1652. D-810

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ମନୋରମା ପତି**

ଆବିର୍ଭାବ: ୧୨।୦୪।୧୯୫୫
ତିରୋଧାନ: ୨୮।୦୫।୨୦୨୩

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗ୍‌ଦର୍ଶନ, ସହନଶୀଳତା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।

ଝିଅ: ସଞ୍ଜୀବିତା, ମୌସୁମୀ, ରୁବି, ଯୁସି, ଜ୍ୱାଇଁ: ମୁନା, ଅମିତାଭ, ଶାନୁ ଏବଂ ନାତି ନାତୁଣୀ ସହ ହତଭାଗ୍ୟ ସ୍ୱାମୀ: କେଦାରନାଥ ପତି ଏବଂ ଶୋକସନ୍ତପ୍ତ ପରିବାରବର୍ଗ।

ଧ-୮୦୮

### ୨୦ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଅନାଦି ଚରଣ ସିଂହ**

(ବରିଷ୍ଠ ଦଲିଲ ଲେଖକ)
ପାଞ୍ଚକାହାଣିଆ, ଢେଙ୍କାନାଳ

ଆବିର୍ଭାବ: ୦୧।୦୭।୧୯୧୮
ତିରୋଧାନ: ୧୬।୦୬।୨୦୦୫

ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।

ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ଧ-୮୦୭

# ଆଇପିଏଲ୍ ଉଦ୍‌ଯାପନୀରେ ସଶସ୍ତ୍ର ବାହିନୀକୁ ସାଲ୍ୟୁଟ୍

ଅହମଦାବାଦ,୩।୬ (ପି.ଟି.)

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ମଧ୍ୟରେ ମଙ୍ଗଳବାର ଫାଇନାଲ ମ୍ୟାଚ୍ ଖେଳାଯିବା ପୂର୍ବରୁ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆଇପିଏଲ୍‌ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସନ୍ଧ୍ୟାରେ ୬.୨୦ରେ ଆରମ୍ଭ ହୋଇ ୬.୫୨ରେ ଶେଷ ହୋଇଥିଲା। ଜାତୀୟତା କେନ୍ଦ୍ରୀୟ ଏହି ଉତ୍ସବରେ 'ସବ୍‌ସେ ଆଗେ ହୋଙ୍ଗେ ହିନ୍ଦୁସ୍ଥାନୀ', 'ଦୁଶମନ କେ ଛକେ ଛୁଡ଼ା ଦେ, ହମ୍ ଇଣ୍ଡିଆ ୱାଲେ', 'କନ୍ଧୋ ସେ ମିଲତେ ହେ କନ୍ଧେ', 'ଏ ୱତନ ମେରେ ୱତନ ଆବାଦ ରହେ ତୁ', 'ବନ୍ଦେ ମାତରମ' ଭଳି ଦେଶପ୍ରେମଭରା ଗୀତ ଗାନ କରାଯାଇଥିଲା। ବିଶିଷ୍ଟ ବଲିଉଡ୍ ଗାୟକ ଶଙ୍କର ମହାଦେବନ, ତାଙ୍କ ପୁଅ ସିଦ୍ଧାର୍ଥ ଓ ଶିବମ ୧ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକଙ୍କ କ୍ଷମତା ବିଶିଷ୍ଟ ଷ୍ଟାଡିୟମର ମନୋରଞ୍ଜନ କରିଥିଲେ। 'ସଶସ୍ତ୍ର ବାହିନୀକୁ ସାଲ୍ୟୁଟ' ଓ 'ସଶସ୍ତ୍ର ବାହିନୀକୁ ଧନ୍ୟବାଦ' ଭଳି ବାର୍ତ୍ତା ବାଉଣ୍ଡ୍ରୀ ପାଖରେ ଲାଗିଥିବା ଡିଜିଟାଲ ବୋର୍ଡରେ ପ୍ରଦର୍ଶିତ କରାଯାଇଥିଲା। ଦେଶର ୩ ସଶସ୍ତ୍ର ବଳ ଯଥା ଆର୍ମି, ଏୟାର ଫୋର୍ସ ଓ ନେଭିର ପତାକା ସହ ୩ ହେଲିକପ୍ଟର ଷ୍ଟାଡିୟମ ଉପରେ ଉଡିଥିଲା। ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ 'ଭାରତ ମାତା କି ଜୟ' ନାରା ସହିତ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ପୂରା ଷ୍ଟାଡିୟମ 'ଭାରତ ମାତା କି ଜୟ' ନାରାରେ ଗୁଞ୍ଜରିତ ହୋଇ ଉଠିଥିଲା। ଏହି ଅବସରରେ ଆଇସିସି ମୁଖ୍ୟ ଜୟ ଶାହା ପରିବାର ସହିତ ଉପସ୍ଥିତ ଥିଲେ।



ଆଇପିଏଲ୍ ଉଦ୍‌ଯାପନୀରେ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ।


ବିଶିଷ୍ଟ ଗାୟକ ଶଙ୍କର ମହାଦେବନ, ତାଙ୍କ ଦୁଇପୁଅ ସିଦ୍ଧାର୍ଥ ଓ ଶିବମ୍ ଏବଂ ଅନ୍ୟମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଆଇପିଏଲ୍ ଫାଇନାଲ ସ୍କୋର ବୋର୍ଡ

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଇନିଂସ**
ଫିଲିପ୍ ସଲ୍ଟ-କ-ଶ୍ରେୟସ-ବୋ-ଜେମିସନ-୧୬
ବିରାଟ କୋହଲି-କ ଆଣ୍ଡ ବୋ-ଅଜମାତୁଲ୍ଲା-୪୩
ମୟଙ୍କ ଅଗ୍ରୱାଲ-କ-ଅର୍ଶଦୀପ-ବୋ-ଚହଲ-୨୪
ରଜତ ପଟିଦାର-ଏଲ୍‌ବିଡବ୍ଲ୍ୟୁ-ଜେମିସନ-୨୬
ଲିଆମ ଲିଭିଙ୍ଗ୍‌ଷ୍ଟୋନ୍-ଏଲ୍‌ବିଡବ୍ଲ୍ୟୁ-ଜେମିସନ-୨୫
ଜିତେଶ ଶର୍ମା-ବୋ-ବିଜୟ କୁମାର-୨୪
ରୋମାରିଓ ଶେଫର୍ଡ-ଏଲ୍‌ବିଡବ୍ଲ୍ୟୁ-ଅର୍ଶଦୀପ-୧୭
କ୍ରୁନାଲ ପାଣ୍ଡ୍ୟା-କ-ଶ୍ରେୟସ-ବୋ-ଅର୍ଶଦୀପ-୪
ଭୁବନେଶ୍ୱର କୁମାର-କ-ପ୍ରିୟାଂଶ-ବୋ-ଅର୍ଶଦୀପ-୧
ଯଶ୍ ଦୟାଲ-ନଟ୍‌ଆଉଟ-୧।
ଅତିରିକ୍ତ:-୯
**ମୋଟ:** (୨୦ ଓଭର/୯ ଉଇକେଟ) ୧୯୦।
**ବୋଲିଂ(ପଞ୍ଜାବ କିଙ୍ଗ୍ସ)**
ଅର୍ଶଦୀପ ସିଂ ୪-୦-୪୦-୩
କାଇଲ ଜେମିସନ ୪-୦-୪୮-୩
ଅଜମାତୁଲ୍ଲା ଓମାରଜାଇ ୪-୦-୩୫-୧
ବିଜୟକୁମାର ୪-୦-୩୦-୧
ୟୁଜ୍‌ବେନ୍ଦ୍ର ଚହଲ ୪-୦-୩୭-୧
ପଞ୍ଜାବ କିଙ୍ଗ୍ସ ଇନିଂସ
ପ୍ରିୟାଂଶ ଆର୍ଯ୍ୟ-କ-ସଲ୍ଟ-ବୋ-ହାଜେଲଉଡ୍-୨୪
ପ୍ରଭସିମରନ ସିଂ-କ-ଭୁବନେଶ୍ୱର-ବୋ-କ୍ରୁନାଲ-୨୬
ଜୋସ ଇଂଲିଶ-କ-ଲିଭିଙ୍ଗଷ୍ଟୋନ୍-ବୋ-କ୍ରୁନାଲ-୩୯
ଶ୍ରେୟଶ ଆୟର-କ-ଜିତେଶ-ବୋ-ଶେଫର୍ଡ-୧
ନେହାଲ ୱାଧେରା-କ-କ୍ରୁନାଲ-ବୋ-ଭୁବନେଶ୍ୱର-୧୫
ଶଶାଙ୍କ ସିଂ-ନଟଆଉଟ-୬୧
ମାର୍କସ ଷ୍ଟୋଇନିସ-କ-ଦୟାଲ-ବୋ-ଭୁବନେଶ୍ୱର-୬
ଅଜମାତୁଲ୍ଲା ଓମାରଜାଇ-କ-ମନୋଜ-ବୋ-ଦୟାଲ-୧
କାଇଲ ଜେମିସନ-ନଟଆଉଟ-୦
ଅତିରିକ୍ତ: ୧୧
ମୋଟ: (୨୦ ଓଭର/୭ଉଇକେଟ) ୧୮୪।
ବୋଲିଂ (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ)
ଭୁବନେଶ୍ୱର କୁମାର ୪-୦-୩୮-୨
ଯଶ ଦୟାଲ ୩-୦-୧୮-୧
ଜୋଶ ହାଜେଲଉଡ୍ ୪-୦-୫୪-୧
କ୍ରୁନାଲ ପାଣ୍ଡ୍ୟା ୪-୦-୧୭-୨
ସୁୟଶ ଶର୍ମା ୨-୦-୧୯-୦
ରୋମାରିଓ ଶେଫର୍ଡ ୩-୦-୩୦-୧।


ଆଇପିଏଲ୍ ଫାଇନାଲ ଦେଖିବା ପାଇଁ ମଙ୍ଗଳବାର ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍ ନିକଟରେ ଦର୍ଶକଙ୍କ ଭିଡ଼।

## ଭାରତ ଲାଗି ୧୦୦ ବର୍ଷ ପରେ କ୍ରିକେଟ ଅଲିମ୍ପିକ୍ସକୁ ଫେରିଛି: ସୁନକ

ଅହମଦାବାଦ,୩।୬(ପି.ଟି.)

ବିଶ୍ୱରେ ଭାରତର ବୃଦ୍ଧିପାଉଥିବା ପ୍ରଭାବ ଯୋଗୁ କ୍ରିକେଟ ୧୦୦ ବର୍ଷ ପରେ ଅଲିମ୍ପିକ୍ସକୁ ଫେରୁଛି ବୋଲି ୟୁନାଇଟେଡ୍ କିଙ୍ଗଡମ(ୟୁକେ)ର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଛନ୍ତି। ୨୦୨୮ ଲସ୍‌ଏଞ୍ଜେଲ୍ସରେ ହେବାକୁ ଥିବା ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଛି। ଅନ୍ତିମ ଥର ୧୯୦୦ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଥିଲା।

ଏହା ଏକବିଂଶ ଶତାବ୍ଦୀରେ ଭାରତର ପ୍ରଭାବକୁ ଦର୍ଶାଉଛି। ଭାରତର ପ୍ୟାସନ, ଭାରତର ସ୍ୱାଦର ପ୍ରଭାବ ଏବେ ପୂରା ବିଶ୍ୱରେ ରହିଛି। ଭାରତ କାରଣରୁ ୧୦୦ ବର୍ଷର ବ୍ୟବଧାନ ପରେ କ୍ରିକେଟ୍ ଅଲିମ୍ପିକ୍ସକୁ ଫେରିଲା ବୋଲି ଆଇପିଏଲ୍ ଫାଇନାଲରେ ଯୋଗ ଦେବା ପାଇଁ ଅହମଦାବାଦ ଆସିଥିବା ସୁନକ କହିଛନ୍ତି। ଏତଦ୍‌ବ୍ୟତୀତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆଇପିଏଲ୍ କ୍ରିକେଟକୁ ବଦଳାଇ ଦେଇଛି। ମୋ ମତରେ ପ୍ରତ୍ୟେକ କ୍ରିକେଟର ଏବେ କ୍ୟାରିୟରରେ ଆଇପିଏଲ୍ ଖେଳିବାକୁ ଚାହୁଁଛନ୍ତି। ଏଥିଯୋଗୁ ମହିଳା କ୍ରିକେଟ୍‌ର ମଧ୍ୟ ଉନ୍ନତି ହେଉଛି। ଡବ୍ଲ୍ୟୁପିଏଲ୍‌ରେ ଖେଳିବା ଲାଗି ଅଧିକରୁ ଅଧିକ ମହିଳା ବାହାରୁଛନ୍ତି। ଆଇପିଏଲ୍‌ରେ ଖେଳିବା ଯୋଗୁ ଇଂଲଣ୍ଡ ଖେଳାଳିମାନେ ଆହୁରି ଉନ୍ନତ ହେଉଛନ୍ତି। ଗତ ସପ୍ତାହରେ ମୁଁ ଏଜବାଷ୍ଟନରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍ ଦେଖିଥିଲି। ଜ୍ୟାକବ ବେଥେଲ ଏକ ଚମତ୍କାର ଇନିଂସ ଖେଳିଥିଲେ। ଆଇପିଏଲ୍ ଯୋଗୁ ସେ ଖୁବ୍ ଇମ୍ପ୍ରୁଭ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ଖେଳୁଥିବା ବେଥେଲ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ୫୩ ବଲରେ ୮୨ ରନ କରିଥିଲେ।

### ଆର୍‌ସିବି ସମର୍ଥନରେ ସୁନକ

୪୫ ବର୍ଷୀୟ ରାଜନେତା ସୁନକ କିମ୍ବଦନ୍ତୀ ବିରାଟ କୋହଲି ଓ ତାଙ୍କ ଆଇପିଏଲ୍ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ସମର୍ଥନ ବ୍ୟକ୍ତ କରିଛନ୍ତି।

ଏ ସାଲା କପ୍ ନାମଦେ। ଆଶା କରୁଛି ମୁଁ ଠିକ୍ କହୁଛି। ମୁଁ ଅକ୍ଷତାଙ୍କୁ ବିବାହ ଲାଗି ପ୍ରସ୍ତାବ ଦେବା ପରଠାରୁ ମୋ ଭାଷାରେ ଖୁବ୍ ସୁଧାର ଆସିଛି। ମୁଁ ବେଙ୍ଗାଲୁରୁର ପରିବାରରେ ବାହା ହୋଇଛି। ଏଣୁ ଆର୍‌ସିବି ମୋ ଦଳ। ଆମେ ଦୀର୍ଘଦିନ ତଳେ ଆର୍‌ସିବିର ଏକ ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମ ଯାଇଥିଲୁ ବୋଲି ସୁନକ କହିଛନ୍ତି।



ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ପଞ୍ଜାବ କିଙ୍ଗ୍ସ ଆଇପିଏଲ ଫାଇନାଲ ଅବସରରେ ମଙ୍ଗଳବାର ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଉପସ୍ଥିତ ଅଛନ୍ତି ଆଇସିସି ଚେୟାରମ୍ୟାନ୍ ଜୟ ଶାହା ଓ ତାଙ୍କ ସ୍ତ୍ରୀ ରିଷିତା ପଟେଲ ଏବଂ ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକ ଓ ତାଙ୍କ ସ୍ତ୍ରୀ ଅକ୍ଷତା ମୂର୍ତ୍ତି।

## ଜୁଲାଇ ୫ରେ ହେବ ନୀରଜ ଚୋପ୍ରା କ୍ଲାସିକ

**ବେଙ୍ଗାଲୁରୁ, ୩।୬ (ପି.ଟି.):** ଗତ ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ବିବାଦକୁ ନେଇ ସ୍ଥଗିତ ରଖାଯାଇଥିବା ଉଦ୍‌ଘାଟନୀ ନୀରଜ ଚୋପ୍ରା କ୍ଲାସିକ୍ ଇଣ୍ଟରନ୍ୟାଶନାଲ ଜାଭେଲିନ୍ ଥ୍ରୋ ଇଭେଣ୍ଟ ଏଠାରେ ଜୁଲାଇ ୫ରେ ଆୟୋଜନ କରାଯାଇଛି। ଆୟୋଜକଙ୍କ ତରଫରୁ ମଙ୍ଗଳବାର ଏହା ସ୍ପଷ୍ଟ କରାଯାଇଛି। ଭାରତରେ ପ୍ରଥମ ଥର ହେବାକୁ ଯାଉଥିବା ଅନ୍ତର୍ଜାତୀୟ ଜାଭେଲିନ୍ ଥ୍ରୋ ପ୍ରକୃତରେ ମେ ୨୪ରେ ହେବାର ଥିଲା। ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସର ସହଯୋଗରେ ଏହି ଇଭେଣ୍ଟ ଆୟୋଜନ ହେବାକୁ ଯାଉଥିବା ବେଳେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଦ୍ୱାରା ଏହା ସ୍ୱୀକୃତି ଲାଭ କରିଛି। ୧୨ ଜଣ ପ୍ରତିଯୋଗୀଙ୍କୁ ନେଇ ଏହି ଇଭେଣ୍ଟ ଶ୍ରୀ କାନ୍ତିରାଭା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ଶ୍ରେଷ୍ଠ ୭ ଜାଭେଲିନ୍ ଥ୍ରୋୟରଙ୍କ ବ୍ୟତୀତ ଚୋପ୍ରାଙ୍କ ସମେତ ୫ ଭାରତୀୟ ଜାଭେଲିନ୍ ଥ୍ରୋୟର ଅଂଶଗ୍ରହଣ କରିବେ। ଅନ୍ୟ ୪ ଭାରତୀୟ ହେଲେ ଏସିଆନ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ସଚିନ ଯାଦବ, କିଶୋର ଜେନା, ରୋହିତ ଯାଦବ ଓ ସାହିଲ ସିୱାଲ। ଏଥିରେ ଭାଗନେଉଥିବା ବିଦେଶୀ ପ୍ରତିଯୋଗୀମାନେ ହେଲେ ଗ୍ରେନେଡାର ଆଣ୍ଡରସନ ପିଟର୍ସ (ବ୍ୟକ୍ତିଗତ ଶ୍ରେଷ୍ଠ ୯୩.୦୭ ମିଟର), ୨୦୧୬ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଜର୍ମାନୀର ଥୋମାସ ଲୋହରର (୯୩.୯୦ମିଟର), ୨୦୧୫ ବିଶ୍ୱ ଚାମ୍ପିୟନ କେନିଆର ଜୁଲିଅସ୍ ୟେଗୋ (୯୨.୭୨ମିଟର), ଆମେରିକାର କୁର୍ଟିସ୍ ଥମ୍ପସନ (୮୭.୭୬ମିଟର), ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା ଜାପାନର ଜେନ୍‌କି ଡିନ୍ (୮୫.୪୫) ଓ ଶ୍ରୀଲଙ୍କାର ରୁମେଶ ପଥିରାଗେ।

## ସିନ୍ଧୁ ଦ୍ୱିତୀୟ ରାଉଣ୍ଡରେ: ସେନ୍, ପ୍ରଣୟ ପରାସ୍ତ

ଜାକର୍ତ୍ତା, ୩।୬ (ପି.ଟି.)

**ଇଣ୍ଡୋନେସିଆ ଓପନ ସୁପର ବ୍ୟାଡ୍‌ମିଣ୍ଟନ**

ଭାରତର ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ ସୁପର ୧,୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ୟ ସେନ୍‌ଙ୍କ ପାଇଁ ଲଜ୍ଜାଜନକ ପ୍ରଦର୍ଶନ କରି ବିଶ୍ୱର ୨ନମ୍ବର ଖେଳାଳି ଚାଇନାର ଶି ୟୁ କ୍ୱିଙ୍କଠାରୁ ହାରିଯାଇଛନ୍ତି। ଏକ ଘଣ୍ଟା ୧୯ମିନିଟ୍‌ରେ ଶେଷ ହୋଇଥିବା ଏକ ମହିଳା ସିଙ୍ଗଲ୍ସରେ ସିନ୍ଧୁ ତାଙ୍କ ଦୀର୍ଘଦିନର ପ୍ରତିଦ୍ୱନ୍ଦ୍ୱୀ ନୋଜୋମି ଓକୁହାରାଙ୍କ ବିପକ୍ଷ ମ୍ୟାଚକୁ ୨୨-୨୦, ୨୧-୨୩, ୨୧-୧୫ରେ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ସେନ୍ ତାଙ୍କ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୧୧-୨୧, ୨୨-୨୦, ୧୫-୨୧ରେ ପରାଜିତ ହୋଇଛନ୍ତି। ଏହି ମ୍ୟାଚ ୬୫ ମିନିଟ୍ ଧରି ଚାଲିଥିଲା। ଏହି ୧, ୪୫୦,୦୦୦ ଆମେରିକୀୟ ଡଲାର ବିଶିଷ୍ଟ ଟୁର୍ନାମେଣ୍ଟରେ ଏଚ୍.ଏସ୍. ପ୍ରଣୟ ତାଙ୍କ ମ୍ୟାଚ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଇଣ୍ଡୋନେସିଆର ଅଲୱି ଫାରହାନ୍‌ଙ୍କଠାରୁ ୧୭-୨୧, ୧୮-୨୧ରେ ହାରିଯାଇଛନ୍ତି। ସୂଚନାଯୋଗ୍ୟ, ସିନ୍ଧୁ ଓ ଓକୁହାରା ଉଭୟରେ ହେଉଛନ୍ତି ପୂର୍ବତନ ବିଶ୍ୱ ଚାମ୍ପିୟନ। ଦୁହେଁ କିଛି ସମୟ ହେଲା ଫର୍ମ ଫେରିପାଇବା ଲାଗି ସଂଘର୍ଷ ଚଳାଇଛନ୍ତି। ଚଳିତ ସିଜନରେ ସିନ୍ଧୁଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଜାନୁଆରୀରେ ଇଣ୍ଡିଆ ଓପନରେ ଦେଖିବାକୁ ମିଳିଥିଲା। ସେ ଏହି ଟୁର୍ନାମେଣ୍ଟରେ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଯାଇପାରିଥିଲେ। ଓକୁହରା ଏହି ସିଜନରେ ଖେଳିସାରିଥିବା ୬ଟି ଇଭେଣ୍ଟ ମଧ୍ୟରୁ ଗୋଟିକରେ ହେଲେ ଦ୍ୱିତୀୟ ରାଉଣ୍ଡରୁ ଉଠି ପାରିନାହାନ୍ତି।

## ଦ୍ୱିତୀୟକୁ ଉଠିଲେ ଗୁକେଶ

ଷ୍ଟାଭାଙ୍ଗର,୩।୬(ପି.ଟି.)

**ନରୱେ ଚେସ୍ ଟୁର୍ନାମେଣ୍ଟ**

ବିଶ୍ୱ ଚାମ୍ପିୟନ ଡି ଗୁକେଶ ନରୱେ ଚେସ୍ ଟୁର୍ନାମେଣ୍ଟରେ ସପ୍ତମ ରାଉଣ୍ଡରେ ଅନ୍ୟତମ ଭାରତୀୟ ଜିଏମ୍ ଅର୍ଜୁନ ଇରିଗାସିଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ସହ ଗୁକେଶ ସପ୍ତମ ରାଉଣ୍ଡ ଶେଷ ସୁଦ୍ଧା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏଥିପୂର୍ବରୁ ଗୁକେଶ ଷଷ୍ଠ ରାଉଣ୍ଡରେ ୱାର୍ଲ୍ଡ ନଂ-୧ ମାଗ୍ନସ କାର୍ଲସେନଙ୍କୁ ହରାଇଥିଲେ। ଇରିଗାସିଙ୍କ ବିପକ୍ଷରେ କ୍ଲାସିକାଲ ଫର୍ମାଟରେ ଏହା ଗୁକେଶଙ୍କ ଲାଗି ପ୍ରଥମ ବିଜୟ। ୩୪ ବର୍ଷୀୟ କାର୍ଲସେନ ୧୧ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଚାଇନାର ୱେଇ ୟିଙ୍କୁ ହରାଇଥିବା ଆମେରିକୀୟ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନା ୧୨.୫ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ଟୁର୍ନାମେଣ୍ଟରେ ୩ ରାଉଣ୍ଡ ବାକି ଥିବାବେଳେ ଇରିଗାସି ୭.୫ ପଏଣ୍ଟ ସହ ପଞ୍ଚମ ସ୍ଥାନକୁ ଖସି ଯାଇଛନ୍ତି।

# ସାବାଲେଙ୍କା, ସ୍ୱିଟେକ୍ ସେମିଫାଇନାଲରେ

## ଫ୍ରେଞ୍ଚ୍ ଓପନ ଟେନିସ୍

**ପ୍ୟାରିସ୍, ୩।୬**

ବିଶ୍ୱର ନମ୍ବର ୱାନ୍ ମହିଳା ସିଙ୍ଗଲ୍ସ ଖେଳାଳି ଆରିନା ସାବାଲେଙ୍କା ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। କୋର୍ଟ ଫିଲିପ୍ ଚାଟ୍ରିଅର୍‌ଠାରେ ମହିଳା ସିଙ୍ଗଲ୍ସର ଏକ କ୍ୱାର୍ଟର ଫାଇନାଲରେ ସେ ଅଲିମ୍ପିକ ଚାମ୍ପିୟନ ଚାଇନାର ଝେଙ୍ଗ୍ କ୍ୱିନୱେନ୍‌ଙ୍କୁ ୭-୬ (୭-୩), ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ସେମିଫାଇନାଲରେ ସେ ଗତ ୩ଥର ଚାମ୍ପିୟନ ପୋଲାଣ୍ଡର ଇଗା ସ୍ୱିଟେକ୍‌ଙ୍କୁ ଭେଟିବେ। ସ୍ୱିଟେକ୍ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଏଲିନା ସ୍ୱିଟୋଲିନାଙ୍କୁ ୬-୧, ୭-୫ରେ ହରାଇ ଦେଇଛନ୍ତି। ଫଳରେ ଦୁଇ ଟାଇଟଲ ଦାବିଦାର ଖେଳାଳି ସାବାଲେଙ୍କା ଓ ସ୍ୱିଟେକ୍‌ଙ୍କ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାକୁ ଖେଳପ୍ରେମୀ ଅପେକ୍ଷାକରି ରହିଛନ୍ତି। ପୂର୍ବରୁ ଏହି ଦୁଇ ଖେଳାଳି ପରସ୍ପରକୁ ୧୨ଥର ଭେଟିଛନ୍ତି। ତନ୍ମଧ୍ୟରୁ ସ୍ୱିଟେକ୍ ୮ଥର ଏବଂ ସାବାଲେଙ୍କା ୪ଥର ବିଜୟଲାଭ କରିଛନ୍ତି। କିନ୍ତୁ ୨୦୨୨ ୟୁଏସ୍ ଓପନ ସେମିଫାଇନାଲ ପରେ ଏହି ଖେଳାଳିଦ୍ୱୟ କୌଣସି ଏକ ବଡ଼ ଟୁର୍ନାମେଣ୍ଟରେ ପରସ୍ପରକୁ ଭେଟିନାହାନ୍ତି। ସ୍ୱିଟେକ୍ ଏବେସୁଦ୍ଧା ଜିତିଥିବା ୫ ଗ୍ରାଣ୍ଡସ୍ଲାମ ମଧ୍ୟରୁ ରୋଲାଣ୍ଡ ଗାରୋସ୍‌ରେ ୪ଟି ଟାଇଟଲ ସାମିଲ ରହିଛି। ଅନ୍ୟପକ୍ଷରେ ସାବାଲେଙ୍କା ପ୍ରଥମଥର ପ୍ୟାରିସ୍ ଟ୍ରଫି ହାସଲ ଲକ୍ଷ୍ୟରେ ରହିଛନ୍ତି।



ମ୍ୟାଚ ଜିତିବା ପରେ ଇଗା ସ୍ୱିଟେକ।

# ବରଗଡ଼, ଯାଜପୁର, ନବରଙ୍ଗପୁର ଜୋନ୍ ଚାମ୍ପିୟନ

## ସିଏମ୍ ଟ୍ରଫି ଫୁଟବଲ

**ଭୁବନେଶ୍ୱର, ୩।୬ (ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଆୟୋଜିତ ସିଏମ୍ ଟ୍ରଫି ୧୫ ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟରେ ବରଗଡ଼, ଯାଜପୁର, ନବରଙ୍ଗପୁର ଦଳ ଜୋନ୍ ଚାମ୍ପିୟନ ହୋଇଛନ୍ତି। ମଙ୍ଗଳବାର ସମ୍ବଲପୁର ଜୋନ୍‌ରେ ଅନୁଷ୍ଠିତ ମ୍ୟାଚରେ ବରଗଡ଼ ଏଫ୍‌ସି ୪-୨ ଗୋଲରେ ସମ୍ବଲପୁର ଏଫ୍‌ସିକୁ ପରାସ୍ତ କରିଛି। ସମ୍ବଲପୁର ଏଫ୍‌ସିର ମହମ୍ମଦ ଫରହନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। କେନ୍ଦୁଝର ଜୋନ୍‌ରେ ଆୟୋଜିତ ମ୍ୟାଚରେ ଯାଜପୁର ଏଫ୍‌ସି ୨-୧ ଗୋଲରେ ଅନୁଗୋଳ ଏଫ୍‌ସିକୁ ହରାଇ ଦେଇଛି। ବିଜୟୀ ଦଳର କୁନା ମାଝି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ବ୍ରହ୍ମପୁର ଜୋନ୍‌ରେ କଳାହାଣ୍ଡି ଓ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ବରାବର ରହିଥିଲା।



ସମ୍ବଲପୁର ଜୋନ୍ ଚାମ୍ପିୟନ ବରଗଡ଼ ଏଫ୍‌ସି।

ଶୁଟ୍‌ଆଉଟରେ ନବରଙ୍ଗପୁର ୩-୨ ଗୋଲରେ ବିଜୟୀ ହୋଇଥିଲା। ନବରଙ୍ଗପୁରର ଅଞ୍ଜୁ ପଟେଲ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଭୁବନେଶ୍ୱର ଜୋନ୍‌ରେ ହେବାକୁଥିବା ମ୍ୟାଚ ପ୍ରବଳ ବର୍ଷା ଯୋଗୁ ସମ୍ଭବ ହୋଇ ପାରିନାହିଁ। ଏହା ବୁଧବାର ସକାଳ ୭ଟାରେ ଅନୁଷ୍ଠିତ ହେବ।

# ଏମ୍‌ସିସି ୭ ଉଇକେଟରେ ବିଜୟୀ

## ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍



ରମଣୀ ଆର. ଜେନା ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୩।୬ (ତପନ ସ୍ୱାଇଁ):** ପାରାମାଉଣ୍ଟ ପଡ଼ିଆରେ ଚାଲିଥିବା ଅରବିନ୍ଦ ସ୍ମାରକୀ ସିନିୟର କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ୭ ଉଇକେଟରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଟାଉନ୍ କ୍ଲବ ୪୦ ଓଭରରେ ୯ ଉଇକେଟ ହରାଇ ୨୦୨ ରନ କରିଥିଲା। ଦଳ ପକ୍ଷରୁ ରାକେଶ ବେହେରା ସର୍ବାଧିକ ୩୨ ରନ କରିଥିଲେ। ବିପକ୍ଷ ଦଳର ଅନୁରାଗ ଷଡ଼ଙ୍ଗୀ, ହର୍ଷିତ ରାଠୋଡ୍ ଓ ଶୁଭମ୍ ବିସ୍ତ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୦୩ ରନର ବିଜୟ ଲକ୍ଷ୍ୟକୁ ଏମ୍‌ସିସି ୩୦.୩ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଧିନାୟକ ରମଣି ଆର. ଜେନା ସର୍ବାଧିକ ୯୨ ଓ ତନୟ କୁମାର ବିଶ୍ୱାଳ ୬୭ ରନକରି ଦଳକୁ ବିଜୟୀ କରିଥିଲେ। ଟାଉନ୍ କ୍ଲବର ପ୍ରତ୍ୟୁଷ ଦାସ ୨ଟି ଉଇକେଟ ନେଇଥିଲେ। ରମଣୀ ଜେନାଙ୍କୁ ଅତିଥି ମନୋଜ କୁମାର ପ୍ରଧାନ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ